
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୧୨ ଜୁନ୍ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 12 JUNE 2021
Vol.No. 32 ■ No. 149 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ପଶ୍ଚିମ ଓଡିଶାରେ କୋଭିଡ ପରିଚାଳନା ପାଇଁ ୨୫ କୋଟି ଟଙ୍କାର ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ






ଭୁବନେଶ୍ୱର,୧୧/୦୬ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ସଂଧ୍ୟାରେ ଭିଡିଓ କନ୍‌ଫରେନ୍‌ସିଂ ଜରିଆରେ ପଶ୍ଚିମ ଓଡିଶାର ୧୧ଟି ଜିଲ୍ଲାରେ କୋଭିଡ ପରିଚାଳନା ପାଇଁ ଆହୁରି ୨୫ କୋଟି ଟଙ୍କାର ସ୍ୱତନ୍ତ୍ର ସହାୟତା ଘୋଷଣା କରିଛନ୍ତି। ଗତ ମାସରେ ପଶ୍ଚିମ ଓଡିଶାର ୧୧ଟି ଜିଲ୍ଲା ପାଇଁ ୨୫ କୋଟି ଟଙ୍କାର ସହାୟତା ଘୋଷଣା କରାଯାଇଥିଲା। ଏହି ସହାୟତା ରାଶିରେ କିଣା ଯାଇଥିବା ଜରୁରୀକାଳୀନ କୋଭିଡ ଉପକରଣକୁ ମୁଖ୍ୟମନ୍ତ୍ରୀ ଆଜି ଲୋକଙ୍କ ସେବାରେ ଉତ୍ସର୍ଗ କରିଛନ୍ତି । ଏହି ଅର୍ଥ ଦ୍ୱାରା ପଶ୍ଚିମ ଓଡିଶାର ୧୧ଟି ଜିଲ୍ଲା ବରଗଡ, ବଲାଙ୍ଗୀର, କଳାହାଣ୍ଡି, ସମ୍ବଲପୁର, ସୁନ୍ଦରଗଡ, ନୂଆପଡ, ଝାରସୁଗୁଡା, ବୌଦ, ସୁବର୍ଣ୍ଣପୁର, ଦେବଗଡ ଓ ଅନୁଗୁଳରେ ସମସ୍ତ ଜରୁରୀକାଳୀନ କୋଭିଡ ଉପକରଣ କିଣା ଯାଇଛି । ଭେଂଟିଲେଟର, ଅକ୍‌ସିଜେନ୍ ପାଇପ ଲାଇନ, ଅଟୋଆନାଲାଇଜର, ସିବିସି ମେସିନ୍, ଅକ୍‌ସିମିଟର ଆଦି ପାଇଁ ବ୍ୟବସ୍ଥା କରାଯାଇଛି । ଏହି ଅତିରିକ୍ତ ଅର୍ଥ ବ୍ୟବସ୍ଥା ଦ୍ୱାରା ଏହି ଜିଲ୍ଲାଗୁଡିକରେ କୋଭିଡ ଭିତିଭୂମି ଆହୁରି ସୁଦୃଢ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଦୃଢ ବିଶ୍ୱାସ ପ୍ରକଟ କରି କହିଛନ୍ତି ଯେ ସମସ୍ତଙ୍କ ମିଳିତ ଉଦ୍ୟମରେ ଆମେ ଖୁବ ଶୀଘ୍ର ଏ ସଂକଟରୁ ମୁକ୍ତ ହେବୁ। ପଶ୍ଚିମ ଓଡିଶାରେ କୋଭିଡ ସ୍ଥିତିରେ ଉନ୍ନତି ଆସିଥିବାରୁ, ମୁଖ୍ୟମନ୍ତ୍ରୀ ଏହାର ସବୁ ଶ୍ରେୟ ପଶ୍ଚିମ ଓଡିଶାର ଜନସାଧାରଣଙ୍କୁ ଦେଇଛନ୍ତି । ଆଗଧାଡିରେ ରହି କାମ କରୁଥିବା ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନବାଡୀ ଓ ଆଶାକର୍ମୀ ସମସ୍ତଙ୍କୁ ଶ୍ରେୟ ଦେଇ ସେମାନଙ୍କ ତ୍ୟାଗ ଓ ପରିଶ୍ରମ ପାଇଁ ଧନ୍ୟବାଦ ଜଣାଇଛନ୍ତି। ଆଗକୁ ପରିସ୍ଥିତିରେ ଆହୁରି ଉନ୍ନତି ଆସିବ ବୋଲି ସେ ଆଶାପ୍ରକାଶ କରିଛନ୍ତି। ପଶ୍ଚିମ ଓଡିଶାର ବିକାଶ ପରିଷଦ ଯେପରି ଅଧିକ ବିକାଶ କାମ କାର୍ଯ୍ୟକାରୀ କରିପାରିବ, ସେଥିପାଇଁ ଅଧିକ ପାଣ୍ଠି ଦିଆଯାଉଛି। ବିକାଶ ପରିଷଦ ଏହାର ଦାୟିତ୍ୱ ସଫଳ ଭାବରେ ନିର୍ବାହ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ କୋଭିଡ ମୁକାବିଲା ପାଇଁ ରାଜ୍ୟ ସରକାର ମାଗଣାରେ ଚିକିତ୍ସା ସୁବିଧା ▶▶ପୃଷ୍ଠା ୭

## ଦିଲ୍ଲୀରେ ଉତ୍ତରପ୍ରଦେଶ ରାଜନୀତି

# ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ ଆଦିତ୍ୟନାଥ

## ଜେପି ନଡ୍ଡାଙ୍କ ସହ ରାଜ୍ୟ ରାଜନୀତି ସମ୍ପର୍କରେ ଆଲୋଚନା



ନୂଆଦିଲ୍ଲୀ,୧୧/୦୬ : ଦିଲ୍ଲୀକୁ ସିଫ୍ଟ ହୋଇଛି ଉତ୍ତରପ୍ରଦେଶ ରାଜନୀତି । ରାଜ୍ୟ ରାଜନୀତି ସମ୍ପର୍କରେ ଆଲୋଚନା କରିବାକୁ ଦିଲ୍ଲୀ ଆସିଛନ୍ତି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ । ଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଛନ୍ତି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ । ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ଏହି ବୈଠକ ପ୍ରାୟ ଦେଢ ଘଂଟାଧରି ଚାଲିଥିଲା । ଏହାପରେ ଯୋଗୀ ବିଜେପି ସଭାପତି ଜେପି.ନଡ୍ଡାଙ୍କୁ ଭେଟିଛନ୍ତି । ତେବେ କେଉଁ ପ୍ରସଙ୍ଗରେ ଆଲୋଚନା ହୋଇଛି ତାହା ସ୍ପଷ୍ଟ ହୋଇନାହିଁ । ଜିତିନ ପ୍ରସାଦଙ୍କ ବିଜେପିରେ ଏଂଟ୍ରି ପରେ କ୍ୟାବିନେଟ ସଂପ୍ରସାରଣ ନେଇ ବୈଠକରେ ଆଲୋଚନା ହୋଇଥିବା ଚର୍ଚ୍ଚା ହେଉଛି । ଗତକାଲି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଭେଟିଥିଲେ ଯୋଗୀ ଆଦିତ୍ୟ ନାଥ । ଉଭୟଙ୍କ ମଧ୍ୟରେ ପ୍ରାୟ ୯୦ ମିନିଟ ଯାଏଁ ବୈଠକ ଚାଲିଥିଲା । ଉତ୍ତରପ୍ରଦେଶରେ ଆଗାମୀ ବର୍ଷ ବିଧାନସଭା ନିର୍ବାଚନ ହେବ । ଏହାପୂର୍ବରୁ ଆଦିତ୍ୟନାଥଙ୍କ କାର୍ଯ୍ୟଶୈଳୀରେ କିଛି ବିଧାୟକ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏହାପୂର୍ବରୁ ଦିଲ୍ଲୀରେ ଏହିବୈଠକକୁ ଗୁରୁତ୍ୱପୂର୍ଣ୍ଣ ମନେକରାଯାଉଛି ।

# ପଦ୍ମଶ୍ରୀ ପ୍ରଫେସର ରାଧାମୋହନଙ୍କ ପରଲୋକ



ଭୁବନେଶ୍ୱର,୧୧/୦୬ (ନି.ପ୍ର): ପଦ୍ମଶ୍ରୀ ପ୍ରଫେସର ରାଧାମୋହନଙ୍କ ପରଲୋକ ଘଟିଛି । ୭୮ ବର୍ଷ ବୟସରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ଉଲ୍ଲେଖନୀୟ ଯେ କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୦୨୦ରେ ପ୍ରଫେସର ରାଧାମୋହନ ଓ ତାଙ୍କ ଝିଅ ସାବରମତିଙ୍କୁ ମିଳିତ ଭାବେ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଖାଲି ପଡ଼ିଥିବା ଜମିରେ ଜୈବିକ ଚାଷ କରି ସେ ବୈପବ୍ଳିକ ପରିବର୍ତ୍ତନ ଆଣିଥିଲେ। ପ୍ରଫେସର ରାଧାମୋହନ ପୂର୍ବରୁ ଓଡିଶାର ସୂଚନା କମିଶନର ଭାବେ ଦାୟିତ୍ୱ ତୁଲାଇଥିଲେ।

# ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପ ସକ୍ରିୟ

## ୨୪ ଘଂଟା ମଧ୍ୟରେ ଆହୁରି ହେବ ଘନୀଭୂତ, ୧୪ ଯାଏଁ ପ୍ରବଳ ପ୍ରବଳ ବର୍ଷା ଚେତାବନୀ



ଭୁବନେଶ୍ୱର,୧୧/୦୬(ନି.ପ୍ର): ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପ ସକ୍ରିୟ ହୋଇଛି । ୨୪ ଘଂଟା ମଧ୍ୟରେ ଆହୁରି ଘନୀଭୂତ ହେବ । ୧୪ ଯାଏଁ ପ୍ରବଳ ପ୍ରବଳ ବର୍ଷା ଚେତାବନୀ ଦେଇଛି ପାଣିପାଗ ବିଭାଗ । ଆଜି କନ୍ଧମାଳ, ବୌଦ୍ଧ, କଳାହାଣ୍ଡି, ବଲାଙ୍ଗୀର, ନୟାଗଡ଼, ସୋନପୁର, ଖୋର୍ଦ୍ଧା, ପୁରୀ ଓ ଜଗତସିଂହପୁର ଆଦି ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଏହି ୯ ଜିଲ୍ଲା ପାଇଁ କେନ୍ଦ୍ର ରେଡ୍ ଓ୍ୱାର୍ଣ୍ଣିଂ ଜାରି କରିଛି। ଏହାବ୍ୟତୀତ ଆସନ୍ତାକାଲି ଗଞ୍ଜାମ, କଟକ, ଅନୁଗୁଳ, ସମ୍ବଲପୁର, ବରଗଡ଼, ନବରଙ୍ଗପୁର, ନୂଆପଡ଼ା, ମାଲକାନଗିରି, କୋରାପୁଟ ଓ କେନ୍ଦ୍ରାପଡ଼ା ଆଦି ଜିଲ୍ଲାରେ ପ୍ରବଳ ବର୍ଷା ପାଇଁ ଅରେଞ୍ଜ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି । ସେହିଭଳି ୧୨ ତାରିଖ ଦିନ ନୂଆପଡ଼ା, ବଲାଙ୍ଗୀର, ସୋନପୁର, ବରଗଡ଼, କଳାହାଣ୍ଡି, ବୌଦ୍ଧ, ସମ୍ବଲପୁର, ଅନୁଗୁଳ ଓ ନବରଙ୍ଗପୁର ଆଦି ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ନେଇ ରେଡ୍ ଓ୍ୱାର୍ଣ୍ଣିଂ ଜାରି ହୋଇଛି। ଏଥିସହ ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଖୋର୍ଦ୍ଧା, ପୁରୀ, ଗଜପତି ଓ ଗଞ୍ଜାମ ଆଦି ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ରହିଥିବାରୁ ଅରେଞ୍ଜ ଓ୍ୱାର୍ଣ୍ଣିଂ ଜାରି ହୋଇଛି। ୧୩ ଓ ୧୪ ତାରିଖ ଦିନ ମଧ୍ୟ ରାଜ୍ୟର ଅଧିକାଂଶ ସ୍ଥାନରେ ପ୍ରବଳ ବର୍ଷାକୁ ନେଇ ଓ୍ୱାର୍ଣ୍ଣିଂ ଜାରି ହୋଇଛି। ସମ୍ଭାବ୍ୟ ପ୍ରବଳ ବର୍ଷା ଯୋଗୁଁ କିଛି କିଛି ଅଞ୍ଚଳରେ ବନ୍ୟା ପରିସ୍ଥିତି ଉପୁଜିବା ସହ କଚ୍ଚା ଓ ମାଟି ଘର ଭାଙ୍ଗିଯିବା, ଭୂସ୍ଖଳନ, ଫସଲ ଓ ପନିପରିବା ▶▶ପୃଷ୍ଠା ୭

# ପଦ୍ମଶ୍ରୀ ପ୍ରଫେସର ରାଧାମୋହନଙ୍କ ପରଲୋକରେ ଶୋକ

ପଦ୍ମଶ୍ରୀ ପ୍ରଫେସର ରାଧାମୋହନଙ୍କ ବିୟୋଗରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ପଦ୍ମଶ୍ରୀ ପ୍ରଫେସର ରାଧାମୋହନଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ । ବିଶେଷ ଭାବରେ ଜୈବିକ ଚାଷ ମାଧ୍ୟମରେ ତାଙ୍କ ଦ୍ୱାରା ଅଣାଯାଇଥିବା ପରିବର୍ତ୍ତନ ତଥା ପରିବେଶ ସୁରକ୍ଷା ପାଇଁ ତାଙ୍କର ପ୍ରତିବଦ୍ଧତା ସବୁ ଦିନ ପାଇଁ ସ୍ମରଣୀୟ ହୋଇ ରହିବ । ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରୁଛି ।

- ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରମନ୍ତ୍ରୀ

ପଦ୍ମଶ୍ରୀ ପ୍ରଫେସର ରାଧାମୋହନଙ୍କ ବିୟୋଗରେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ ତାଙ୍କର ପରିବାରବର୍ଗ ପ୍ରତି ସମବେଦନା ଜ୍ଞାପନ କରିବା ସହ କହିଛନ୍ତି ଜୈବିକ କୃଷି ଟେକନିକ ପାଇଁ ସେ ସବୁବେଳେ ମନେ ରହିବେ ।

- ପ୍ରଫେସର ଗଣେଶୀଲାଲ, ରାଜ୍ୟପାଳ(ଓଡ଼ିଶା)

ପୂର୍ବତନ ସୂଚନା କମିଶନର ପ୍ରଫେସର ରାଧାମୋହନ ଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି । ଏକ ଶୋକବାର୍ତ୍ତାରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ସ୍ୱର୍ଗତ ରାଧମୋହନଙ୍କୁ ଜଣେ ବିଶିଷ୍ଟ ପରିବେଶବିତ୍ ତଥା ଶିକ୍ଷାବିତ୍ ଭାବରେ ବର୍ଣ୍ଣନା କରିଛନ୍ତି । ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ମୁଖ୍ୟମନ୍ତ୍ରୀ ଗଭୀର ସମବେଦନା ଜଣାଇବା ସହ ପରଲୋକଗତ ଆତ୍ମା ର ସଦ୍ ଗତି କାମନା କରିଛନ୍ତି ।

- ନବୀନ ପଟ୍ଟନାୟକ, ମୁଖ୍ୟମନ୍ତ୍ରୀ(ଓଡ଼ିଶା)

# ଗୋଟିଏ ଦିନରେ ୫୨୩୫ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୧/୦୬ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୫୨୩୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୮୪୨୪୬୧ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୭୭୨୯୭୨ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୬୬୨୨୬ ରହିଛି। ଆଜି ଚିହ୍ନଟ ହୋଇଥିବା ୫୨୩୫ ଜଣଙ୍କ ମଧ୍ୟରୁ ୨୯୫୭ ଜଣ ସଂଗରୋଧରୁ ହୋଇଥିବା ବେଳେ ୨୨୭୮ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ▶▶ପୃଷ୍ଠା ୭

# ମୋଦୀଙ୍କ ହାତ ଛାଡ଼ି ମମତାଙ୍କ ଶିବିରକୁ ପୁଣି ଫେରିଲେ ବରିଷ୍ଠ ନେତା ମୁକୁଲ ରୟ




ନୂଆଦିଲ୍ଲୀ,୧୧/୦୬ : ପଶ୍ଚିମବଙ୍ଗ ନିର୍ବାଚନ ପରେ ରାଜ୍ୟ ରାଜନୀତିରେ ଏକ ବିରାଟ ପରିବର୍ତ୍ତନ ହେବା ନେଇ ଯାହା ଚର୍ଚ୍ଚା ହେଉଥିଲା ତାହା ସତ ହୋଇଛି । ବିଜେପି ଦଳ ଛାଡିଛନ୍ତି ବରିଷ୍ଠ ନେତା ମୁକୁଲ ରୟ । ଟିଏମସି ମୁଖ୍ୟ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଉପସ୍ଥିତିରେ ଦଳକୁ ଫେରିଛନ୍ତି ମୁକୁଲ ଓ ତାଙ୍କ ପୁଅ । କୁହାଯାଉଛି ପଶ୍ଚିମବଙ୍ଗ ବିଜେପିରେ ଶୁଭେନ୍ଦୁ ଅଧିକାରୀ ମିଶିବା ପରେ ଦଳ ମୁକୁଲଙ୍କୁ ଗୁରୁତ୍ୱ ଦେଉନଥିଲା । ଏଥିପାଇଁ ସେ ଅସନ୍ତୁଷ୍ଟ ଥିଲେ ଓ ପୁରୁଣା ଦଳକୁ ଫେରିପାରନ୍ତି ବୋଲି ଚର୍ଚ୍ଚା ହେଉଥିଲା । ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନରେ ପରାଜୟ ପରେ ପଶ୍ଚିମବଙ୍ଗ ବିଜେପିକୁ ଶକ୍ତ ଝଟକା ଲାଗିଛି । କୃଷ୍ଣାନଗର ଦକ୍ଷିଣ ଆସନର ବିଧାୟକ ମୁକୁଲ ରୟ, ପୁଅ ଶୁଭ୍ରାଂଶୁ ରୟଙ୍କ ସହ ବିଜେପି ଛାଡି ଟିଏମସିରେ ସାମିଲ ହୋଇଛନ୍ତି । ଶୁକ୍ରବାର ମୁକୁଲ ରୟ ଟିଏମସି କାର୍ଯ୍ୟାଳୟରେ ପହଂଚି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅନ୍ୟ ନେତାଙ୍କ ସହ ରୁଦ୍ଧଦ୍ୱାର ବୈଠକ କରିଥିଲେ । ଏହାପରେ ସେ ଦଳର ସଦସ୍ୟତା ଗ୍ରହଣ କରିଛନ୍ତି । ବିଧାନସଭା ନିର୍ବାଚନରେ ▶▶ପୃଷ୍ଠା ୭

# ସିଲ ହେଲା ଭୁବନେଶ୍ୱରର ମନୋଜ 'ଦ ନନ୍ ଭେଜ ୱାର୍ଲ୍ଡ' : ୩ କର୍ମଚାରୀ ଗିରଫ

ଭୁବନେଶ୍ୱର,୧୧/୦୬(ନି.ପ୍ର): ସିଲ ହେଲା ମନୋଜ 'ଦ ନନ ଭେଜ ୱାର୍ଲ୍ଡ' । ପଟିଆ ସ୍ଥିତ 'ଦ ନନ୍ ଭେଜ ୱାର୍ଲ୍ଡ' ଦୋକାନ ଉଭୟ ଅନ ଲାଇନ୍ ଓ ଅଫଲାଇନରେ ବିକ୍ରି କରୁଥିଲା । ନୀୟମ ଉଲ୍ଲଘଂନ କରିବାରୁ ସିଲ କଲା ବିଏମସି । ବିଏମସି କର୍ତ୍ତୃପକ୍ଷ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତିରେ ହେଲା ସିଲ । ନିୟମ ଉଲ୍ଲଘଂନ କରିଥିବା ୩ଜଣ କର୍ମଚାରୀଙ୍କୁ ଗିରଫ କରିଛି ପୋଲିସ । ଅନିର୍ଦ୍ଦିଷ୍ଟ କାଳ ପାଇଁ ବିଏମସି ଦୋକନଟିକୁ ସିଲ କରିଛି । ପରବର୍ତ୍ତୀ ନିର୍ଦ୍ଦେଶ ନଆସିବା ଯାଏଁ ଦୋକାନଟି ବନ୍ଦ ରହିବା ନେଇ ସୂଚନା ମିଳିଛି । ରାଜଧାନୀରେ କରୋନା ସଂକ୍ରମଣ ଅଧିକା ରହୁଥିବା ବେଳେ ଏହାକୁ ରୋକ ଲଗାଇବା ପାଇଁ ସରକାର କଟକଣା ଜାରି କରିଛନ୍ତି । ରାଜ୍ୟରେ ତାଲାବନ୍ଦ ଜାରି ରହିଛି । କିନ୍ତୁ କିଛି ଅମାନିଆ କଟକଣାକୁ ନମାନି ଦୋକାନ ଖୋଲୁଥିବାରୁ ପୋଲିସ ଚଢାଉ କରି ସିଲ କରିବାକୁ ବାଧ ହେଉଛି ।

# କୋଭାକ୍ସିନକୁ ଝଟକା: ଜରୁରୀକାଳୀନ ବ୍ୟବହାର ପାଇଁ ଅନୁମତି ଦେଲାନି ଆମେରିକା

ଭୁବନେଶ୍ୱର,୧୧/୦୬(ନି.ପ୍ର): ଆମେରିକାରେ ଜରୁରୀକାଳୀନ ବ୍ୟବହାର ପାଇଁ ସ୍ୱଦେଶୀ ଟିକା ନିର୍ମାତା ଭାରତ ବାୟୋଟେକକୁ ଆଉ କିଛି ସମୟ ଅପେକ୍ଷା କରିବାକୁ ପଡ଼ିବ । କୋଭାକ୍ସିନର ଜରୁରୀକାଳୀନ ବ୍ୟବହାରକୁ ଅନୁମୋଦନ ନକରିବାକୁ ଆମେରିକା ନିଷ୍ପତ୍ତି ନେଇଛି। ଆମେରିକାର ଖାଦ୍ୟ ଏବଂ ପ୍ରଶାସନ (ଏଫଡିଏ) କୋଭାକ୍ସିନ ଟିକାର ଜରୁରୀକାଳୀନ ବ୍ୟବହାର ପାଇଁ ଭାରତ ବାୟୋଟେକର ଆବେଦନକୁ ପ୍ରତ୍ୟାଖ୍ୟାନ କରିଛି। ବର୍ତ୍ତମାନ ଏହା ସହିତ କମ୍ପାନୀକୁ ଆମେରିକାରେ ଏହାର ଟିକା ଆରମ୍ଭ କରିବାକୁ ଆଉ କିଛି ସମୟ ଅପେକ୍ଷା କରିବାକୁ ପଡିବ । ସୂଚନା ଥାଉ କି ଯେ କିଛି ଦିନ ପୂର୍ବେ କୋଭାକ୍ସିନ ▶▶ପୃଷ୍ଠା ୭

# ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ପାଇଁ ପୁଣି ଦାବି କଲା ଓଡିଶା




ଭୁବନେଶ୍ୱର,୧୧/୦୬(ନି.ପ୍ର): ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରିବା ପାଇଁ ଓଡିଶା ସରକାର ଦାବି କରିଛନ୍ତି । ଆଜି ଏକ ସମ୍ବାଦିକ ସମ୍ମିଳନୀରେ କୃଷିମନ୍ତ୍ରୀ ଅରୁଣ ସାହୁ କହିଛନ୍ତି, ଓଡିଶାକୁ ସ୍ୱତନ୍ତ୍ର ଭାବେ ବିଚାର କରାଯାଇ ଏମଏସପିକୁ ୨୯୩୦ ଟଙ୍କାରୁ ବୃଦ୍ଧି କରାଯାଉ । ଚଳିତମାସ ୯ ତାରିଖରେ କେନ୍ଦ୍ର ସରକାର ଖରିଫ ବିପଣନ ଋତୁ ପାଇଁ ଧାନ ସମେତ ଅଣଧାନ ଫସଲର ଏମଏସପି ଘୋଷଣା କରିଛନ୍ତି । ସାଧାରଣ ମାନର ଧାନ ସହାୟକ ମୂଲ୍ୟ କ୍ୱିଂଟାଲ ପିଛା ୧୮୬୮ ଟଙ୍କାରୁ ୧୯୪୦ ଟଙ୍କାରୁ ବୃଦ୍ଧି କରିଛନ୍ତି । ସେହିଭଳି ଗ୍ରେଡ-ଏ ଧାନର ଏମଏସପି ୧୯୬୦ ଟଙ୍କାକୁ ବଢାଯାଇଛି । ଆଉ ଏହା ରାଜ୍ୟର ଚାଷୀମାନଙ୍କୁ ସହାୟତା କରିବ ନାହିଁ । କୃଷକଙ୍କ ଆୟବୃଦ୍ଧି ହେବା ଆବଶ୍ୟକ । ତେଣୁ ଏହିସବୁ କଥାକୁ ବିଚାରକୁ ନେଇ ଧାନର ସହାୟକ ମୂଲ୍ୟକୁ କ୍ୱିଂଟାଲ ପିଛା ୨୯୩୦ ଟଙ୍କା କରାଗଲେ ଚାଷୀମାନେ ୨୫ ପ୍ରତିଶତ ଲାଭ ପାଇପାରିବେ ବୋଲି ଓଡିଶା କହିଛି ।

# ସୁଡୁକୁମ୍ପାରେ ଚିତାବାଘ ଛାଲ, ହାଡ ଓ ବନ୍ଧୁକ ଟାଙ୍ଗିଆ ଜବତ : ଶିକାରୀ ଗିରଫ

କନ୍ଧମାଳ,୧୧/୬ (ନି.ପ୍ର): କନ୍ଧମାଳ ଜିଲ୍ଲା ଫୁଲବାଣୀ ଫରେଷ୍ଟ ଡିଭିଜନ ଅନ୍ତର୍ଗତ ସୁଡୁକୁମ୍ପା ରେଞ୍ଜ ଅଂଚଳରେ ଥିବା ସୁଡୁକୁମ୍ପା ଜଙ୍ଗଲରୁ ବନ ବିଭାଗ, ଗୋଟିଏ ଚିତାବାଘର ଛାଲ ସମେତ ବାଘର ୧୦ ଖଣ୍ଡ ହାଡ ମଧ୍ୟ ଜବତ କରିଛି ବନ ବିଭାଗ । ବାଘ ଶିକାର କରିବା ପରେ ତାର ଚମଡାକୁ ବାହାର କରି ଶିକାରୀ ଜଣକ ତାକୁ ଜଙ୍ଗଲରେ ଗୋଟିଏ ଯାଗାରେ ଲୁଚାଇ ରଖିଥିବା କୌଣସି ସୁତ୍ରରୁ ବିଭାଗ ଜାଣିପାରିବା ପରେ ଫୁଲବାଣୀ ଡିଏଫଓ ଲକ୍ଷ୍ମୀକାନ୍ତ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ସୁଡୁକୁମ୍ପା ରେଞ୍ଜ ଅଫିସର ଶିଶିର କୁମାର ଝାଙ୍କର ସଦଳବଳେ ସେଠାରେ ପହଂଚି ବାଘର ଛାଲକୁ ଲୁଚାଇଥିବା ଯାଗାରୁ ଉଦ୍ଧାର କରିବା ସହିତ ସେଠାରୁ ବାଘର ୧୦ ଖଣ୍ଡ ହାଡ ମଧ ଜବତ କରିଥିବା ବନବିଭାଗ ତରଫରୁ ଜଣାପଡିଛି । ଏହାସହିତ ସୁଡୁକୁମ୍ପା ଅଂଚଳର କୁଟୀବାରୀ ଗାଁର କବିଚନ୍ଦ୍ର କହଁର ନାମକ ଜଣେ ଶିକାରୀକୁ ମଧ୍ୟ ଗିରଫ କରିଛି ବିଭାଗ । ତାଠାରୁ ଗୋଟିଏ ଦେଶୀ ବନ୍ଧୁକ ସମେତ ୯ଟି ଗୁଳି,ବାରୁଦ ଏବଂ ଗୋଟିଏ ଟାଙ୍ଗିଆ ଜବତ କରିଛି ବିଭାଗ । ସୂଚନା ଅନୁସାରେ, କବିଚନ୍ଦ୍ର ସୁଡୁକୁମ୍ପା ଜଙ୍ଗଲରେ ଥିବା ବଘ ଗୁଡିକୁ ଶିକାର କରି ସେମାନଙ୍କର ଛାଲକୁ ବାହରକୁ ଚାଲାଣ କରି ଆସୁଥିଲା । ଏହି ବାଘକୁ ସେ ଗତ ଏପ୍ରିଲ ୧୯ ତାରିଖରେ ଶିକାର କରିବା ସହିତ ତାର ଛାଲକୁ ଜଙ୍ଗଲରେ ଏକ ଗଛ ଉପରେ ଗୋଟିଏ ଟିଣ ଡବାରେ ଲୁଚାଇ ରଖିଥିଲା । ଖବର ପାଇ ବନ ବିଭାଗ ଏହି ଛାଲକୁ ସେଠାରୁ ଉଦ୍ଧା କରିବା ସହିତ ତାଠାରୁ ଉପୋରୋକ୍ତ ଜିନିଷ ସବୁକୁ ମଧ ଜବତ କରିଥିଲା । ବନ ବିଭାଗ ତାକୁ ଗିରଫ କରିବା ସହିତ ତାକୁ କୋର୍ଟଚାଲାଣ କରାଯାଇଥିବା ନେଇ ଫୁଲବାଣୀ ଡିଏଫଓ କହିଛନ୍ତି ।

# କାଳବୈଶାଖିରେ ବର୍ଷାରେ ଭାଙ୍ଗିଗଲା ବାଲିଗୁଡା ଆଦର୍ଶ ବିଦ୍ୟାଳୟର ପାଚେରୀ

କନ୍ଧମାଳ,୧୧/୬ (ନି.ପ୍ର): ସରକାରଙ୍କର ଶିକ୍ଷା ବ୍ୟବସ୍ଥା ପାଇଁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା କରି ଜିଲ୍ଲାର ପ୍ରତ୍ୟେକ ବ୍ଲକ ଅଂଚଳରେ ଗୋଟିଏ ଲେଖାଏଁ ଆଦର୍ଶ ବିଦ୍ୟାଳୟ ଖୋଲିଛନ୍ତି । ଏହି ବିଦ୍ୟାଳୟ ସବୁ ଖୋଲିବା ଏବଂ ଏହିଗୁଡିକର ଠିକ ଭାବରେ ଥଇଥାନ ହୋଇନଥିବା ବେଳେ ନୁତନ ଭାବେ ତିଆରି ହୋଇ ବିଦ୍ୟାଳୟର କୋଠା ଏବଂ ଅନ୍ୟାନ୍ୟ କାମ ଗୁଡିକ ନିମ୍ନମାନର ହୋଇଥିବା ଏବଂ ସେଥିପାଇଁ ସେହ ଗୁଡିକ ଭାଙ୍ଗିବା ଆରମ୍ଭ ହୋଇଥିବା ନେଇ ଅଭିଯୋଗ ହୋଇଥିବା ବେଳେ ଆଜି କନ୍ଧମାଳ ଜିଲ୍ଲା ବାଲିଗୁଡା ଅଂଚଳରେ ଥିବା ଆଦର୍ଶ ବିଦ୍ୟାଳୟରେ ଥିବା ପାଚେରୀ ବର୍ଷାରେ ଭଙ୍ଗଯାଇଛି । ଆଜି ସକାଳେ ବାଲିଗୁଡା ଅଂଚଳରେ କାଳବୈଶାଖି ଏବଂ ବର୍ଷା ହୋଇଥିଲା । ଫଳରେ ଆଦର୍ଶ ବିଦ୍ୟାଳୟର ପାଚେରୀ ଭାଙ୍ଗିଯାଇଛି । ବାଲିଗୁଡା ଗ୍ରାମ୍ୟ ନିର୍ମାଣ ବିଭାଗ ଦ୍ୱାତା ନିର୍ମିତ ଏହି ବିଦ୍ୟାଳୟର କାମ ନିମ୍ନ ମାନର ହୋଇଥିବା ନେଇ ବ୍ରହ୍ମପୁର ଦୁର୍ନିତି ନିବାରଣ ବିଭାଗ ନିକଟରେ କାର୍ଯ୍ୟ କରିଥିବା ଠିକାଦାରଙ୍କ ବିରୋଧରେ ଅଭିଯୋଗ ମଧ୍ୟ ହୋଇଥିଲା । ସେଠାରେ ନିର୍ମାଣ କରାଯାଇଥିବା କାମର ଯାଂଚ ନିର୍ବାହୀ ଯନ୍ତ୍ରୀ କରିବେ ବୋଲି ଜଣାପଡିଛି ।

# ବୁଲେଟ ଚୋରି: ସିସି କ୍ୟାମେରାରେ ଦୁର୍ବୃତ୍ତଙ୍କ ଫଟୋ

ଜୟପୁର,୧୧/୬ (ନି.ପ୍ର): ଜୟପୁର ସହର ଲକ୍ଷ୍ମୀନଗରରେ ବୁଲେଟ ଚୋରି ହୋଇଛି । ପି ଶ୍ରିନୀବାସ ରାଜୁ ଙ୍କ ବୁଲେଟ ନିକଟ ରେ ଥିବା ସାଙ୍ଗ ଘର ପି ତିହ୍ନାରି ଙ୍କ ଘରେ ରଖିଥିଲେ । ଦୁର୍ବୃତମାନେ ପାଚେରି ଡେଇଁ ବୁଲେଟ ଚୋରି କରିଥିଲେ । ଗେଟର ତାଲା ଭଙ୍ଗି ବୁଲେଟକୁ ଗଡାଇ ଗଡାଇ ନେଇଥିବା ସିସି କ୍ୟାମେରାର ଫୁଟେଜ ରେ ଜଣାଯାଇଛି । ଏନେଇ ଜୟପୁର ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଛି । ଫୁଟେଜକୁ ମଧ୍ୟ ପୋଲିସ ନିକଟରେ ଦାଖଲ କରାଯାଇଛି । ଫୁଟେଜ ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରିଥିବା ଜଣାଯାଇଛି । ରାତ୍ର ପ୍ରାୟ ୧. ୪୫ ମିଟରେ ଦୁବ ମାନେ ପାଚେରି ଡେଇଁ ୨ ଟା ୧୫ ମିନିଟରେ ବୁଲେଟ ଚୋରି କରି ଫେରିଥିବା ଫୁଟେଜ ରେ ଜଣାଯାଇଛି । ବୁଲେଟକୁ ଗଡାଇ ଗଡାଇ ନେଇଥିବା ବେଳେ ୨ ଜଣ ଦୁର୍ବୃ ତ ଏହି ଘଟଣାରେ ସାମିଲ ଥିବା ଜଣାଯାଇଛି ।

# ପେଟ୍ରୋଲ ଡିଜେଲ ଶହେ ପାର ହେବା ପ୍ରତିବାଦରେ ସିପିଆଇର ଆନ୍ଦୋଳନ

ଜୟପୁର,୧୧/୬ (ନି.ପ୍ର): ଦେଶରେ ପେଟ୍ରୋଲ ଡିଜେଲ ଦର ୧୦୦ ଟାଙ୍କା ରୁ ଉର୍ଦ୍ଧ୍ୱ ଏବଂ ସମସ୍ତ ନିତ୍ୟବ୍ୟବହାର୍ଯ୍ୟ ଜିନିଷର ଦର ଆକାଶଛୁଆଁ ହୋଇଥିବାରୁ ଅଜି ଭାରତୀୟ କମ୍ୟୁନିଷ୍ଟ ପାର୍ଟି କୋରାପୁଟ ଜିଲ୍ଲା ପରିଷଦ ପକ୍ଷରୁ ଜୟପୁର ସହର ର ଟ୍ରାଫିକ ଛକ ଓ ପେଟ୍ରୋଲ ପମ୍ପ ସମ୍ମୁଖରେ ମୋଦୀ ସରକାର ବିରୁଦ୍ଧରେ ସ୍ୱର ଉତୋଳନ କରି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ସାଧାରଣତଃ କୋରୋନା ମହାମାରୀ କାଳରେ ଲୋକଙ୍କୁ କାମ ମିଳୁନାହିଁ ଏବଂ ରୋଜଗାରର ଠିକଣା ନାହିଁ , ଠିକ୍ ଏହି ସମୟରେ କେନ୍ଦ୍ର ର ମୋଦୀ ସରକାର ପେଟ୍ରୋଲ ଡିଜେଲ ଦର ଅକଳ୍ପନୀୟ ଭାବେ ମହଙ୍ଗା କରିବା ସହ ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟ ସାମଗ୍ରୀର ଦରଦାମ ଦୁଇଗୁଣ ତିନିଗୁଣ ବଢ଼ିଛି । ଦରଦାମ ନିୟନ୍ତ୍ରଣ କେନ୍ଦ୍ର ସରକାର ଓ ଆବଶ୍ୟକ ସ୍ଥଳେ ରାଜ୍ୟ ସରକାରଙ୍କ କାମ । କିନ୍ତୁ ଆଜି ଦେଖିବାକୁ ମିଳୁଛି ଯେ ପେଟ୍ରୋଲ ଡିଜେଲ ଗ୍ୟାସ୍ ଦର ଯାହା କେନ୍ଦ୍ର ସରକାର ଙ୍କ ନିର୍ଦ୍ଦେଶନାରେ ସ୍ଥିରୀକୃତ ହୁଏ ତାହା ଲିଟର ପିଛା ଶହେ ଟଙ୍କା ପାର୍ କରିଛି । ଆଜି ଯେତେବେଳେ ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳଦର ଯଥେଷ୍ଟ ହ୍ରାସ ପାଇଛି , ଯାହାକି ଆମେ ଆମଦାନୀ କରୁଛୁ ତଥାପି ପେଟ୍ରୋଲ ଡିଜେଲ ଦର ଶହେ ଟଙ୍କା ପାର୍ କରିଛି । ପ୍ରକାଶ ଥାଉ କି ୨୦୧୩/୨୦୧୪ ରେ ଯେତେବେଳେ ଅଶୋଧିତ ତୈଳଦର ବ୍ୟରେଲ୍ ପିଛା ୧୪୦/ ଡଲାର ହୋଇଥିଲା ସେତେବେଳେ ମଧ ପେଟ୍ରୋଲ ଡିଜେଲ ଦର ୮୦ ଟଙ୍କା ରୁ ଉର୍ଦ୍ଧ୍ୱ ହୋଇନଥିଲା । ଏଣୁ ମୋଦୀ ସରକାର ଯେତେବେଳେ ଫେଲ୍ ହୋଇଛି ପେଟ୍ରୋଲ ଡିଜେଲ ଦର ନିୟନ୍ତ୍ରଣ କରିବାରେ ଯେତେବେଳେ କି ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳଦର ଯଥେଷ୍ଟ ହ୍ରାସ ପାଇଛି ତେଣୁ ମୋଦୀ ସରକାରକୁ ହଟେଇବା ପାଇଁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଆହ୍ୱାନ ଦେଇ ଆନ୍ଦୋଳନ ଜାରି ରଖିଛି ଏବଂ କୋଭିଡ ୧୯ ନିୟନ୍ତ୍ରଣ କରିବା ରେ ବିଫଳ ହୋଇଥିବା ମୋଦୀ ସରକାର କୁ ଯାହାକୁ କି ଦେଶର ସୁପ୍ରିମକୋର୍ଟ ମଧ ଭର୍ତ୍ସନା କରିଛନ୍ତି ସେହି ସରକାର ତୁରନ୍ତ ଗାଦି ଛାଡ୍ ପାଇଁ କମ୍ୟୁନିଷ୍ଟ ପାର୍ଟି ର କର୍ମୀ ମାନେ ସ୍ଲୋଗାନ ଦେଇ ଆନ୍ଦୋଳନ ଜାରି ରଖିଛନ୍ତି । ଏଥିରେ ଦେଖାଯାଇଛି ଯେ ଡାଲି, ଚାଉଳ, ତେଲର ଦର ଦୁଇଗୁଣରୁ ଉର୍ଦ୍ଧ୍ୱ ବଢ଼ି ସାରିଛି । ସାଧାରଣ ଲୋକ ହାତରେ କାମ ନାହିଁ କି ରୋଜଗାର ନାହିଁ । ଏ ସରକାର ଅକ୍ସିଜେନ୍ ଯୋଗାଇବାରେ ବିଫଳ ହୋଇଛି । କୋରୋନା ମହାମାରୀ କାଳରେ ଅନେକ ବାହାସ୍ଫୋଟ ମାରି କୋରୋନାକୁ ଜିତିଗଲୁ ବୋଲି ପ୍ରଚାର କଲେ , କିନ୍ତୁ ସାଧାରଣ ରୋଗୀମାନଙ୍କୁ ଚିକିତ୍ସା ବ୍ୟବସ୍ଥା ମିଳିପାରୁ ନାହିଁ । ପେଟ୍ରୋଲ୍ ଡିଜେଲ ଦର ନିୟନ୍ତ୍ରଣ କରିପାରୁନଥିବାରୁ ଏବଂ ସାଧାରଣ ଖାଉଟି ସାମଗ୍ରୀର ଦର ଆକାଶଛୁଆଁ ହୋଇଥିବାରୁ ଏବଂ କୋରୋନା ମହାମାରୀ କୁ ସାମ୍ନା କରିବାରେ ବିଫଳ ହୋଇଥିବା ମୋଦୀ ସରକାରକୁ ହଟେଇବା ପାଇଁ ଆହ୍ୱାନ ଦେଇ କମ୍ୟୁନିଷ୍ଟ ପାର୍ଟି ମାନେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

# ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ନୂତନ ପଦବୀ ସୃଷ୍ଟି

## ୨୨ ଜଣ ସେକ୍ସନ ଅଫିସରଙ୍କୁ ଉପାଧିପ୍ରାପ୍ତ ଅଫିସର ତଥା ଏଷ୍ଟାବ୍ଲିସମେଂଟ ଅଧିକାରୀ ଭାବେ ନିଯୁକ୍ତି

ଗଞ୍ଜାମ,୧୧/୬ (ନି.ପ୍ର): ରାଜ୍ୟରେ ପ୍ରଥମ ଥର ପାଇଁ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ନୂତନ ପଦବୀ ସୃଷ୍ଟି କରାଯାଇଛି । ପଦୋନ୍ନତି ପାଇଥିବା ୨୨ ଜଣ ସେକ୍ସନ ଅଫିସରଙ୍କୁ ଉପାଧି ପ୍ରାପ୍ତ ଅଫିସର ତଥା ଏଷ୍ଟାବ୍ଲିସମେଂଟ ଅଧିକାରୀ ଭାବେ ଗଞ୍ଜାମ ଜିଲ୍ଲା ପ୍ରଶାସନ ନିଯୁକ୍ତି ଦେଇଛି । ରାଜ୍ୟ ସରକାରଙ୍କ ଜିଲ୍ଲା ସ୍ତରରେ ବିଭିନ୍ନ ବିଭାଗରେ କାର୍ଯ୍ୟ କରୁଥିବା ଅମଲା ମାନଙ୍କୁ ନୂତନ ସାଧାରଣ କ୍ୟାଡ଼ର ନିୟମ ଅନୁସାରେ ପଦୋନ୍ନତି ବ୍ୟବସ୍ଥା କରାଯାଇଛି । ୨୦୧୯ ରେ ଏଷ୍ଟାବ୍ଲିସମେଂଟ ଅଧିକାରୀ ଓ ସିନିୟର୍ ଏଷ୍ଟାବ୍ଲିସମେଂଟ ଅଧିକାରୀ ଏହିପରି ଦୁଇଟି ନୂତନ ପଦୋନ୍ନତି ପଦବୀ ସୃଷ୍ଟି କରାଯାଇଛି । ଓପିଏସସିର ଅନୁମୋଦନ କ୍ରମେ ଜିଲ୍ଲାର ୨୨ଟି ସେକ୍ସନ ଅଫିସରଙ୍କୁ କ୍ୟାଡ଼ର ନିୟମ ଅନୁସାରେ ପଦୋନ୍ନତି ଦିଆଯିବା ସହ ସେମାନଙ୍କୁ ନୂତନ ପଦବୀ ତଥା ଏଷ୍ଟାବ୍ଲିସମେଂଟ ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଛି । ରାଜ୍ୟରେ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଥମ ଥର ଏଭଳି ପଦକ୍ଷେପ ନିଆଯାଇଥିବାରୁ ଗଞ୍ଜାମ ଜିଲ୍ଲା ଅମଲା ସଂଘ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନକୁ କୃତଜ୍ଞତା ଜଣାଇଛନ୍ତି ।

# ସାଙ୍ଗଙ୍କୁ ଠେଙ୍ଗାରେ ପିଟିପିଟି ହତ୍ୟା କଲେ ସାଙ୍ଗ

ଝାରସୁଗୁଡ଼ା, ୧୦ ଜୁନ:(ହିସ): ଝାରସୁଗୁଡ଼ା ଜିଲା ବେଲପାହାଡ଼ ଥାନା ଅନ୍ତର୍ଗତ ଲୁହୁରାପଡ଼ା ପାଣି ଟାଙ୍କି ନିକଟରେ ବୁଧବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି । ଜଣେ ସାଙ୍ଗ ଅନ୍ୟ ଜଣେ ସାଙ୍ଗଙ୍କୁ ଠେଙ୍ଗାରେ ପିଟିପିଟି ହତ୍ୟା କରିଥିବା ଜଣାପଡ଼ିଛି । ମୃତକ ଜଣକ ହେଲେ ଗୁମାଡେରା ଖମାରପଡ଼ାର ମନୋଜ ବିଶ୍ୱାଳ(୩୧) । ହତ୍ୟାକାଣ୍ଡ ସମ୍ପର୍କରେ ଖବର ପାଇ ଡିଏସ୍‌ପି ରୋହିତ ଥାଟ, ଆଇଆଇସି ରଞ୍ଜନ ବିଶ୍ୱାଳ ଓ ସାଇଂଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଂଚି ତଦନ୍ତ କରି ଫେରିଛନ୍ତି । ମୃତକଙ୍କ ଜେଜ ମଙ୍ଗଶିର ବିଶ୍ୱାଳ ତାଙ୍କ ନାତିଙ୍କୁ ହତ୍ୟା କରାଯାଇଛି ବୋଲି ବେଲପାହାଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତ୍ତିକରି ପୋଲିସ ବେଲପାହାଡ଼ ଥାନା କେସ୍ ନଂ ୧୧୩/ ୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ପୋଲିସ ମୃତଦେହ ଜବତ କରି ବ୍ୟବଛେଦ ପାଇଁ ଝାରସୁଗୁଡ଼ା ପଠାଇଛି । ପୋଲିସ ହତ୍ୟାକାରୀଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଗୌନ୍ତିଆପଡ଼ାର ପ୍ରମୋଦ ଭୋଇ(୩୧) । ଅଭିଯୁକ୍ତଙ୍କ ନିକଟରୁ ହତ୍ୟାକାଣ୍ଡରେ ବ୍ୟବହୃତ ଠେଙ୍ଗାକୁ ପୋଲିସ ଜବତ କରିଛି ।ତଦନ୍ତକାରୀ ପୋଲିସ ସୂତ୍ରରୁ ପ୍ରକାଶ, ମନୋଜଙ୍କ ଘରୁ ୨ସାଙ୍ଗ ବାହାରି କିଛି ବାଟ ଗଲା ପରେ କୌଣସି କାରଣକୁ ନେଇ ରାସ୍ତାରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ଏଥିରେ ଉତ୍କ୍ଷିପ୍ତ ହୋଇ ପ୍ରମୋଦ ପାଖରେ ପଡ଼ିଥିବା ଏକ ବାଉଁଶ ଠେଙ୍ଗାରେ ମନୋଜଙ୍କ ମୁଣ୍ଡକୁ ବାରମ୍ବାର ଆକ୍ରମଣ କରିଥିଲେ । ଆହତ ମନୋଜଙ୍କ ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା । ସେ ଅଚେତ ଅବସ୍ଥାରେ ସେଠାରେ ପଡ଼ି । ଖବରପାଇ ମନୋଜଙ୍କ ଘର ଲୋକ ସେଠାରେ ପହଂଚି ଗୁରୁତର ଆହତ ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଟିଆରଏଲ କ୍ରୋସାକି ହସ୍ପିଟାଲକୁ ନେଇଥିଲେ । ସେଠାରେ ଡାକ୍ତର ମନୋଜଙ୍କୁ ମୃତ ଘୋଷଣା କରିଥିଲେ ।

# ହାତ ଧରାଧରି ହୋଇ ଚାଲିଗଲେ ସ୍ୱାମୀ-ସ୍ତ୍ରୀ

ବଣାଇ,୧୧/୬ (ନି.ପ୍ର): ସ୍ୱାମୀ-ସ୍ତ୍ରୀ ସାଇକେଲରେ ଘରକୁ ଫେରୁଥିଲେ । ହେଲେ ଘରେ ପହଞ୍ଚିବା ପୂର୍ବରୁ ଶବ ପାଲଟିଗଲେ । ଅଧା ରାସ୍ତାରେ ସେମାନଙ୍କୁ ପିଟିଦେଲା ଅଜଣା ଗାଡ଼ି । ଦେବଦୂତ ସାଜି ଆସିଥିଲେ ବିଧାୟକ ଲକ୍ଷ୍ମଣ ମୁଣ୍ଡା । ମେଡିକାଲ୍‌ରେ ପହଞ୍ଚିବା ପୂର୍ବରୁ ଉଡିଗଲା ପ୍ରାଣବାୟୁ । ସୁନ୍ଦରଗଡ଼ ଜିଲ୍ଲା ଚାନ୍ଦିପୋଷ ଥାନା ହାତୀଗଡ଼ା ଗାଁର ପାଉଲ ଡାଙ୍ଗ ଓ ତାଙ୍କ ପତ୍ନୀ ଆଶ୍ରିକା ଡାଙ୍ଗ ସାଇକେଲ୍‌ରେ ଘରକୁ ଫେରୁଥିଲେ । ୨୧୫ ନମ୍ବର ଜାତୀୟ ରାଜପଥର ଚେଇତା ନିକଟରେ ଏକ ଅଜଣା ଗାଡି ସେମାନଙ୍କୁ ପଛ ପାର୍ଶ୍ୱରୁ ଧକ୍କା ଦେଇଥିଲା । ଉଭୟ ଛିଟିକି ହୋଇ ରାସ୍ତାରେ ପଡ଼ିଥିଲେ । ଉଭୟ ଗୁରୁତର ଆହତ ହୋଇଥିଲେ ।

ସେହି ରାସ୍ତା ଦେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଯାଉଥିଲା । ରକ୍ତ ଜୁଡୁବୁଡୁ ଅବସ୍ଥାରେ ସ୍ୱାମୀ-ସ୍ତ୍ରୀ ପଡ଼ିଥିବା ଦେଖି ବିଧାୟକ ଓ ତାଙ୍କ ଡ୍ରାଇଭର ସେମାନଙ୍କୁ ଉଦ୍ଧାର କରି ରାଉଅରକେଲା ଜଏଚ୍ଚକୁ ପଠାଇ ଥିଲେ । ସେଠାରେ ସେମାନଙ୍କୁ ମୃତ ଘୋଷଣା କରାଯାଇଥିଲା । ପୁଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

# ବାସୁ ଫାଉଣ୍ଡେସନ ପକ୍ଷରୁ ଅକ୍ସିଜେନ କନସେନଟ୍ରେଟର ପ୍ରଦାନ

ଝାରସୁଗୁଡା,୧୧/୬ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଆଜି ବୁଧବାର ଦିନ ସ୍ଥାନୀୟ ଖଲିଆକାନି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ବାସୁ ଫାଉଣ୍ଡେସନ ପକ୍ଷରୁ ୮ ଗୋଟି ଅକ୍ସିଜେନ କନସେନଟ୍ରେଟର ପ୍ରଦାନ କରାଯାଇଛି । ବ୍ରଜରାଜନଗର ଅଂଚଳର ବରିଷ୍ଠ ତଥା ଓୟୁଜେ ର ପୂର୍ବତନ ଉପସଭାପତି ସ୍ୱର୍ଗତ ବାସୁଦେବ ପଣ୍ଡା ଙ୍କ ସ୍ମୃତି ରେ ତାଙ୍କର ଜ୍ୟେଷ୍ଠ ପୁତ୍ର ପ୍ରତ୍ୟୁଷ ପଣ୍ଡା ବାସୁଦେବ ପଣ୍ଡା ଙ୍କ ନାମରେ ଏକ ବାସୁ ଫାଉଣ୍ଡେସନ ସଂସ୍ଥା କରି ଓଡ଼ିଶାର ବିଭିନ୍ନ ଅଂଚଳରେ ୭୦ ଟି ଅକ୍ସିଜେନ କନସେନଟ୍ରେଟର ପ୍ରଦାନ କରିଛନ୍ତି । ସେହିପରି ବ୍ରଜରାଜନଗର ସହରର ବିଜେଡି ନେତା ତଥା ପୂର୍ବତନ ଉପନଗରପାଳ ଜୟନ୍ତ ଦିକ୍ଷୀତ ଙ୍କ ଅନୁରୋଧ ରେ ସହରରେ ଆଜି ୮ ଟି ଅକ୍ସିଜେନ କନସେନଟ୍ରେଟର ବାସୁ ଫାଉଣ୍ଡେସନ ପକ୍ଷରୁ ପ୍ରଦାନ କରାଯାଇଛି । ପ୍ରଦାନ କରାଯାଇଥିବା ୮ ଟି ଅକ୍ସିଜେନ କନସେନଟ୍ରେଟର ମଧ୍ୟରୁ ୨ ଟି ଖଲିଆକାନି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ପ୍ରଦାନ କରାଯାଇଥିବା ବେଳେ ରାଜପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଗୋଟିଏ, ବେଲପାହାଡ଼ ଓ ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଗୋଟିଏ ଲେଖାଏଁ ପ୍ରଦାନ କରାଯାଇଛି ଅନ୍ୟ ୩ ଟି ଅକ୍ସିଜେନ କନସେନଟ୍ରେଟର ଜୟନ୍ତ ଦିକ୍ଷୀତ ଙ୍କ ତତ୍ତ୍ୱାବଧାନରେ ଇଏସଆଇଛକ ଯୁବକ ସଂଘ କୁ ପ୍ରଦାନ କରାଯାଇଛି । ଏହି ଅବସରରେ ସ୍ଥାନୀୟ ଖଲିଆକାନି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଖଲିଆକାନି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ଡାକ୍ତର ଓ କର୍ମଚାରୀ, ବାସୁ ଫାଉଣ୍ଡେସନ ସମ୍ବଲପୁର ଶାଖାର ପ୍ରଶାନ୍ତ ପ୍ରଧାନ, ବରଗଡ଼ ଶାଖା ର ଫିରୋଜ ଫାତି, ରାଜପୁର ଗ୍ରାମ ପଂଚାୟତ ର ସରପଂଚ ଯତୀନ ଦେଓ , ବ୍ରଜରାଜନଗର ଇଏସଆଇଛକ ଯୁବକ ସଂଘ ର କର୍ମକର୍ତ୍ତା ପ୍ରମୋଦ ପଟେଲ, ଏନ୍ ଲିଙ୍ଗରାଜ, ଅଚ୍ୟୁତ ସାହୁ, ସୁଶାନ୍ତ ମେହେର,କ୍ଷୀରୋଦ ରାଉତ, ଫିଂଟୁ ଶତପଥୀ,କହ୍ନେୟା ବାଗ,ରାଜୁ ପଥ୍ରିଆ ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରକୃତି କୋଳରେ ସୁରକ୍ଷିତ କସିବଣି ଗାଁ : ଏ ଯାଏ ଛୁଇଁନି ମହାମାରୀ

କୁଆମରା ,୧୧/୬ (ନି.ପ୍ର): ଦୁଇବର୍ଷ ଧରି କରୋନା ସମଗ୍ର ବିଶ୍ୱକୁ କବଳିତ କରି ରଖିଥିବା ବେଳେ ଆଦିବାସୀବହୁଳ କସିବଣି ଗାଁକୁ ଆଜି ପର୍ଯ୍ୟନ୍ତ ଛୁଇଁପାରିନି ମହାମାରୀ । ଆଶ୍ଚର୍ଯ୍ୟ ମନେ ହେଉଥିଲେ ମଧ ଏହା ସତ୍ୟ । ମୟୂରଭଞ୍ଜ ଜିଲ୍ଲା ଗୋପବନ୍ଧୁନଗର ବ୍ଲକ କୁଆମରା ପଞ୍ଚାୟତରେ ରହିଛି ଏହି ଗାଁ । ଲୋକସଂଖ୍ୟା ପାଖାପାଖି ଶହେ । ନାଲୁହା ନଦୀର ଉପରମୁଣ୍ଡରେ ଅବସ୍ଥିତ ଏହି ଗାଁ ସହରୀ ଚାକଚକ୍ୟ ସଭ୍ୟତାରୁ ବହୁ ଦୂରରେ । ବିଡ଼ମ୍ବନା ହେଉଛି, ସ୍ୱାଧୀନତାର ୭୪ ବର୍ଷ ପରେ ମଧ ଏହି ଗାଁକୁ ରାସ୍ତା ନାହିଁ । ବାହ୍ୟଜଗତରୁ ଏକପ୍ରକାର ବିଚ୍ଛିନ୍ନ ହୋଇ ରହିଥିବା ଏହି ଗାଁଟି ସବୁ କ୍ଷେତ୍ରରେ ଅବହେଳିତ । ଗାଁର ସମସ୍ତ ପରିବାର ଆଦିବାସୀ ସଂପ୍ରଦାୟର । ଖଟିଲେ ଚୁଲି ଜଳେ । ଗାଁର କେହି ଜଣେ ବି ସରପଞ୍ଚ କିମ୍ବା ସ୍ଥାନୀୟ ବିଧାୟକଙ୍କ ନାମ ଜାଣିନାହାନ୍ତି । ଏହି ଦୁର୍ଗମ ଅଞ୍ଚଳକୁ ନା ଖବରକାଗଜ ଆସେ ନା କାହା ଘରେ ଟିଭି ଅଛି । ମୋବାଇଲରେ ଯାହା କିଛି ଖବର ପାଆନ୍ତି ଗ୍ରାମବାସୀ । କରୋନା ବିଷୟରେ ସମ୍ପୂର୍ଣ୍ଣ ଅବଗତ ନଥିଲେ ମଧ ଅନ୍ୟମାନଙ୍କଠାରୁ ଶୁଣିଛନ୍ତି । କହିବାକୁ ଗଲେ କରୋନା ସଚେତନତା ବାର୍ତ୍ତା ଏଠାରେ ପହଞ୍ଚିନି । ଦୁଇ ବର୍ଷ ମଧରେ ଏଠାକୁ ଅଙ୍ଗନବାଡ଼ି, ଆଶା କିମ୍ବା ସ୍ୱାସ୍ଥ୍ୟକର୍ମୀ କେବେ ଆସିନାହାନ୍ତି । ପ୍ରକୃତି କୋଳରେ ଏକପ୍ରକାର ସୁରକ୍ଷିତ ଅଛନ୍ତି ଗ୍ରାମବାସୀ । ଗାଁ ଲୋକେ ଯେବେଠୁ ପ୍ରଥମ କରୋନା ମୃତ୍ୟୁ ଖବର ଶୁଣିଲେ, ସେବେଠୁ ଆଜି ଯାଏ କାମ ଅନ୍ୱେଷଣରେ ବାହାରକୁ ଗୋଡ଼ କାଢ଼ିନାହାନ୍ତି । ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭର କରି ଚଳୁଛନ୍ତି । ମହାମାରୀ ପାଇଁ ଗାଁରେ ବିବାହ କିମ୍ବା କୌଣସି



ଭୋଜିଭାତ ନକରିବାକୁ ନିଷ୍ପତ୍ତି ହୋଇଥିବା ବେଳେ ଏହା ଆଜି ପର୍ଯ୍ୟନ୍ତ ବଳବତ୍ତର ରହିଛି । ବନ୍ଧୁବାନ୍ଧବଙ୍କ ଯିବାଆସିବା ଉପରେ ଲାଗିଛି ପ୍ରତିବନ୍ଧକ । ସାପ୍ତାହିକ ହାଟକୁ ମଧ ଯିବା ମନା । ତେବେ ସଚେତନତା ଅଭାବରୁ ଗାଁର କେହି ପ୍ରତିଷେଧକ ଟିକା ବିଷୟରେ ଜାଣିନାହାନ୍ତି । ସମସ୍ତେ ସାମାଜିକ ଦୂରତା ଅବଲମ୍ବନ କରିବା ସହ ମାସ୍କ ବ୍ୟବହାର କରୁଥିବା ଗ୍ରାମର ଲକ୍ଷ୍ମୀଧର ମାରାଣ୍ଡି, ବିରାମ ମାରାଣ୍ଡି, ବୈଦନାଥ ମାଝୀ, ଦେବେନ୍ଦ୍ର ମାଝୀ, ରୁହିଆ ସୋରେନ୍ ପ୍ରମୁଖ କହିଛନ୍ତି । କରୋନା ଏବେ ଗାଁ ମୁହାଁ ହୋଇଥିବା ବେଳେ ଆଜି ପର୍ଯ୍ୟନ୍ତ ଏହି ଗାଁକୁ କରୋନା ସ୍ପର୍ଶ କରି ନ ପାରିବା ନିଶ୍ଚିତ ସୌଭାଗ୍ୟର ବିଷୟ ।

# ଜନ୍ମଦାତ୍ରୀଙ୍କୁ ଅଧା ରାସ୍ତାରେ ଛାଡ଼ି ପଳାଇଗଲେ ଦୁଇ ପୁଅ

ଭଞ୍ଜନଗର ,୧୧/୬ (ନି.ପ୍ର): ଇଏ ହେଉଛି ମାଆ । ଯିଏ ନିଜ ଜୀବନକୁ ସଳିତା ପରି ଜଳି ପିଲାଙ୍କ ଜୀବନକୁ ଆଲୋକିତ କରିଥିଲେ । ଇଏ ହେଉଛନ୍ତି ମାଆ, ଯିଏ ଦିନରାତି ଅନିଦ୍ରା ରହି ପିଲାଙ୍କ ଭବିଷ୍ୟତ ଗଢ଼ିଥିଲେ । ଆଉ ଭାବିଥିଲେ ବାର୍ଦ୍ଧକ୍ୟ ବେଳେ ସେହି ପିଲା ଆଶ୍ରାବାଡ଼ି ହେବ । ହେଲେ ଆଜି ସେହି ପିଲା ଜନ୍ମଦାତ୍ରୀଙ୍କୁ ଠକିଦେଲା । ବାର୍ଦ୍ଧକ୍ୟ ବେଳେ ଆଶ୍ରାବାଡ଼ି ହେବା ପରିବର୍ତ୍ତେ ନିଛାଟିଆ ରାସ୍ତା ମଝିରେ ଛାଡ଼ି ପଳାଇଗଲା । ଆଜି ଏପରି ଏକ ହୃଦୟବିଦାରକ ଘଟଣା ଗଞ୍ଜାମ ଜିଲ୍ଲାରେ ଘଟିଛି । ପୁଲିସ ବୃଦ୍ଧା ମାଆକୁ ଉଦ୍ଧାର କରି ମେଡିକାଲ୍‌ରେ ଭର୍ତ୍ତି କରିଥିବା ବେଳେ ଦୁଇ ପଥଭ୍ରଷ୍ଟ ପୁଅଙ୍କୁ ଅଟକ ରଖି ପଚରାଉଚରା କରୁଛି । ପୂରା ଘଟଣାଟି ଏମିତି । ଗୋଳନ୍ଥରା ଥାନା ଚଟି ଅଞ୍ଚଳର ବିଜୟା ପଟ୍ଟନାୟକ । ଦୀର୍ଘ ଦିନ ତଳେ ସ୍ୱାମୀଙ୍କୁ ହରାଇଥିଲେ । ଜୀବନ ସାଥୀଙ୍କୁ ହରାଇବା ପରେ ୨ ଦିବ୍ୟାଙ୍ଗ ପୁଅ ଓ ଝିଅକୁ ନେଇ ତାଙ୍କ ସଂସାର । କାମଦାମ କରି ଚଳାଉଥିଲେ ପୂରା ପରିବାର । ୨୦୦୦ ମସିହାରେ ଏକମାତ୍ର ଝିଅକୁ ଜଗନ୍ନାଥପ୍ରସାଦରେ ବିବାହ କରାଇଥିଲେ ବିଜୟା । ଦୁର୍ଭାଗ୍ୟକୁ ଜ୍ୱାଇଁ ମଧ ଝିଅ ହାତ ଛାଡ଼ି ପଳାଇଗଲେ । ଜ୍ୱାଇଁଙ୍କ ମୃତ୍ୟୁ ପରେ ବିଜୟାଙ୍କ ଝିଅ ଜଗନ୍ନାଥପ୍ରସାଦ କରଣ ସାହିରେ ଭଡ଼ା ଘରେ ତାଙ୍କର ଦୁଇ ସନ୍ତାନକୁ ଧରି ରହୁଥିଲେ । କାମଧନ୍ଦା କରି ଚଳୁଥିଲେ । ବଜୟାଙ୍କ ବଡ଼ ପୁଅ ରବିନ୍ଦ୍ରନାଥ ପଟ୍ଟନାୟକଙ୍କ କହିବା ଅନୁସାରେ ସେ(ରବିନ୍ଦ୍ର) ଓ ତାଙ୍କ ସାନ ଭାଇ ରମେଶ ପଟ୍ଟନାୟକ ୫ ବର୍ଷ ତଳେ କାମ ଅନ୍ୱେଷଣରେ କଲିକତା ଯାଇଥିଲେ । ସେହି ସମୟରେ ବୃଦ୍ଧା ମାଆଙ୍କୁ ଆଣି ଭଉଣୀ ପାଖରେ ଛାଡ଼ି ପଳାଇଯାଇଥିଲେ । ମହାମାରୀ କରୋନା ପାଇଁ ସବୁ କାମଧନ୍ଦା ବନ୍ଦ ହୋଇଗଲା । ତେଣୁ ଦୁଇ ଭାଇ ଦୁଇ ମାସ ତଳେ କଲିକତାରୁ ଗାଁକୁ ଫେରି ଆସିଲେ । ସେମାନେ ନିଜ ଘରକୁ ନଯାଇ ଭଉଣୀ ରହୁଥିବା ଭଡ଼ା ଘରକୁ ଚାଲି ଯାଇଥିଲେ । ବୃଦ୍ଧା



ମାଆ, ଦୁଇ ଭାଇ ଓ ନିଜର ଦୁଇ ପିଲାଙ୍କ ଗୁଜୁରାଣ ମେଣ୍ଟାଇବା ଭଉଣୀଙ୍କ ପକ୍ଷେ ସମ୍ଭବ ହେଉନଥିଲା ।

ଚଳିବା କଷ୍ଟକର ହେଉଥିବାରୁ ବୃଦ୍ଧା ମାଆଙ୍କୁ ଧରି ଅନ୍ୟତ୍ର ପଳାଇ ଯିବାକୁ ଦୁଇ ଭାଇଙ୍କୁ କୁଆଡ଼େ ଭଉଣୀ କହିଥିଲେ । ବାରମ୍ବାର କହିବା ପରେ ମଧ ଦୁଇ ଭାଇ ଭଉଣୀଙ୍କ ଘର ଛାଡି ଯାଉନଥିଲେ । ଆଜି ଦୁଇ ଭାଇ ବୃଦ୍ଧ ମାଆଙ୍କୁ ଧରି ଭଉଣୀ ଘରୁ ଛାଡ଼ି ଥିଲେ । ହେଲେ ସେମାନେ କେଉଁଠି ରହିବେ ? ସେହି ଠିକଣା ଖୋଜୁଥିଲେ ଦୁଇ ଭାଇ । ସେମାନେ, ଚାଲି ପାରୁନଥିବା ବୃଦ୍ଧା ମାଆଙ୍କୁ ସାଙ୍ଗରେ ନେଇ ନପାରି ଭଞ୍ଜନଗର ଲୋହରାଖଣ୍ଡି ନଦୀ ତଟ ବାଇପାସ୍ ରାସ୍ତାରେ ଛାଡ଼ି ପଳାଇ ଯାଉଥିଲେ । ସ୍ଥାନୀୟ ଲୋକେ ଦେଖି ପୁଲିସକୁ ଖବର ଦେଇଥିଲେ । ଏସ୍ଆଇ ସମୀର କୁମାର ବେହେରା ନିଜେ ଷ୍ଟ୍ରେଚର ଧରି ଘଟଣା ସ୍ଥଳରେ ପହଞ୍ଚିଥିଲେ । ତାଙ୍କୁ ଉଦ୍ଧାର କରି ମେଡିକାଲ୍‌ରେ ଭର୍ତ୍ତି କରିଥିଲେ । ଏହି ମାମଲାରେ ପୁଲିସ ଦୁଇ ପୁଅଙ୍କୁ ଅଟକ ରଖିଛି । ଅନ୍ୟପକ୍ଷରେ ଘଟଣା ସମ୍ପର୍କରେ ପୁଲିସ ଜଗନ୍ନାଥପ୍ରସାଦ ସରପଞ୍ଚ ଓ ବୃଦ୍ଧାଙ୍କ ଝିଅକୁ ସୂଚନା ଦେଇଛି । ସେମାନେ ଆସିଲେ କୌଣସି ପଦକ୍ଷେପ ଗ୍ରହଣ କରାଯିବ ବୋଲି ପୁଲିସ କହିଛି ।

# ସଚେତନତା ଅଭାବ : ଟିକା ନେଉନହାନ୍ତି ଗ୍ରାମାଞ୍ଚଳବାସୀ

ସିନାପାଲି ,୧୧/୬ (ନି.ପ୍ର): ସିନାପାଲି ବ୍ଲକ୍ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କରୋନା ଟିକାକରଣ କାର୍ଯ୍ୟକ୍ରମ ଜାରି ରହିଛି । ହେଲେ ଗ୍ରାମାଞ୍ଚଳରେ ସଚେତନତା ଅଭାବରୁ ଲୋକେ ଟିକା ନେବାକୁ ଭୟଭୀତ ହେଉଥିବା ଲକ୍ଷ୍ୟ କରାଯାଇଛି । ପ୍ରକାଶ ଯେ କିଛିଦିନ ପୂର୍ବେ ସିନାପାଲି ବ୍ଲକ୍ ଭରୁଆମୁଣ୍ଡା ଗାଁକୁ ବିଡିଓ ସଦାଶିବ ନାୟକ ଓ ଡାକ୍ତର ଭୈରବ ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ ପହଞ୍ଚି ଟିକା ନେବା ପାଇଁ ଗ୍ରାମବାସୀଙ୍କୁ କହିଥିଲେ । ହେଲେ ମାତ୍ର ୫ଜଣ ବ୍ୟକ୍ତି ଟିକା ଗ୍ରହଣ କରିଥିଲେ । ସେହିପରି ସିନାପାଲି ବ୍ଲକ୍ ସିନ୍ଦୁରସିଲ ଗ୍ରାମରେ ଡା. ପାଣିଗ୍ରାହୀଙ୍କ ନେତୃତ୍ୱରେ ଡାକ୍ତରୀ ଦଳ ପହଞ୍ଚି ଟିକା ନେବାକୁ ଗ୍ରାମବାସୀଙ୍କୁ କହିଥିବା ବେଳେ କେବଳ ୭ଜଣ ବ୍ୟକ୍ତି ଟିକା ଗ୍ରହଣ କରିଥିଲେ । ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଡାକ୍ତରୀ ଦଳ ବୁଲୁଛନ୍ତି ।

# ରାଉରକେଲାରେ ଶିଶୁମାନଙ୍କ ପାଇଁ ତିଆରି ହେବ ନୂଆ ପ୍ରକଳ୍ପ

ରାଉରକେଲା ,୧୧/୬ (ନି.ପ୍ର): ରାଉରକେଲା ସହର ସମଗ୍ର ଭାରତ ବର୍ଷରେ ନରଚରିଙ୍ଗ ନାଇବରହୁଡ କାର୍ଯ୍ୟକ୍ରମରେ ୧୦ମ ସ୍ଥାନରେ ରହିଛି । ଏଥିପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ମଧ ମିଳିବ । ସାରା ଦେଶରେ ୨୫ଟି ବଡ଼ ବଡ଼ ସହରକୁ ନେଇ ପ୍ରତିଯୋଗିତା ହୋଇଥିଲା, ଯେଉଁଥିରେ ରାଉରକେଲା ୧୦ ନମ୍ବର ସ୍ଥାନରେ ରହିଛି । ଆସନ୍ତା ୬ ରୁ ୮ ମାସ ମଧରେ ସହରର ବିଭିନ୍ନ ସ୍ଥାନରେ ଶିଶୁ ମାନଙ୍କ ପାଇଁ ନୂଆ ପ୍ରକଳ୍ପ ତିଆରି ହେବ । ଯେଉଁଠି ପିଲାମାନେ ନିଜକୁ ସୁରକ୍ଷିତ ମନେ କରିବେ । ଅଭିଭାବକ ମାନେ ମଧ ଯେମିତି ଛୁଆକୁ ସେଠି ଛାଡ଼ିପାରିବେ, ଏନେଇ ଏବେ ରାଉରକେଲା ସ୍ମାର୍ଟସିଟି ପକ୍ଷରୁ ତିଆରି ହୋଇଛି ବ୍ଲୁପ୍ରିଣ୍ଟ । ସ୍ମାର୍ଟସିଟି ସିଇଓ ଏନେଇ କହିଛନ୍ତି ଖୁବ ଶିଘ୍ର ସ୍ଥାନ ଚିହ୍ନଟ ହୋଇ କାମ ଆରମ୍ଭ ହେବ । ଏହି ତାଲିକାରେ ସ୍ଥାନ ପାଇଥିବା ଅନ୍ୟ ସହର ଗୁଡ଼ିକ ହେଲେ ଅଗରତାଲା, ବେଙ୍ଗାଲୁରୁ, କୋଏମ୍ବାଟୁର୍, ଧର୍ମଶାଳା, ଇରୋଡ, ହୁବଲୀ-ଧାରବାଡ, ହାଇଦ୍ରାବାଦ, ଇନ୍ଦୋର, ଜବଲପୁର, କାକିନାଡା, କୋଚି, କୋହିମା, କୋଟା, ନାଗପୁର, ରାଜକୋଟ, ରାଞ୍ଚି, ରୋହତକ୍, ସଲେମ୍, ସୁରତ, ଥିରୁଅନନ୍ତପୁରମ୍, ତିରୁପୁର, ଉଜ୍ଜୈନ୍, ଭଦୋଦରା ଓ ୱାରାଙ୍ଗଲ୍ ।

## ବୁଲିଯାଆନ୍ତୁ ପଶ୍ଚିମବଙ୍ଗର ଦାର୍ଜିଲିଂ



ଦାର୍ଜିଲିଂ ପଶ୍ଚିମବଙ୍ଗ ରାଜ୍ୟର ଉତ୍ତରରେ ଅବସ୍ଥିତ । ଏହାର ସୀମା ବାଂଲାଦେଶ, ଭୂଟାନ ଓ ନେପାଳ ସହିତ ଲାଗିଛି । ଏହା ସମୁଦ୍ର ପତ୍ତନରୁ ୨୧୩୪ ମିଟର ଉଚ୍ଚରେ ସ୍ଥିତ ଓ ବିଭିନ୍ନ ବୌଦ୍ଧ ମଠ ଓ ହିମାଳୟର ପାହାଡ଼ ଦ୍ୱାରା ପରିବେଷ୍ଟିତ । ଏହା ଏକ ପ୍ରସିଦ୍ଧ ହିଲଷ୍ଟେସନ୍ । ଦାର୍ଜିଲିଂ କେବଳ ଚା ପାଇଁ ପ୍ରସିଦ୍ଧ ତା ନୁହେଁ ଏହାର ସୌନ୍ଦର୍ଯ୍ୟତା ପାଇଁ ଏହି ସହର ପୂରା ଦୁନିଆର ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିଥାଏ । ସେଠାରେ ରହୁଥିବା ଅଧିକାଂଶ ନିବାସୀ ବୌଦ୍ଧ ଅଟନ୍ତି ଓ ପ୍ରାୟତଃ ନେପାଳୀ ଓ ବଙ୍ଗାଳୀ ଭାଷା କୁହାଯାଏ । ଭ୍ରମଣ ପାଇଁ ଏହା ଯେତେ ପ୍ରସିଦ୍ଧ, ସପିଙ୍ଗ୍ ପାଇଁ ମଧ୍ୟ ସେଠାରେ ଭଲ ବିକଳ୍ପ ରହିଛି । ଦାର୍ଜିଲିଂର ଉତ୍ପତ୍ତି ଦୁଇଟି ତିବ୍ବତୀ ଶବ୍ଦରୁ ହୋଇଛି ଯଥା- ଦୋରଜେ ଓ ଲିଙ୍ଗ । ଦୋରଜେର ଅର୍ଥ ବଜ୍ର ଓ ଲିଙ୍ଗର ଅର୍ଥ କ୍ଷେତ୍ର ବା ସ୍ଥାନ । ସେଥିପାଇଁ ଦାର୍ଜିଲିଂ ତେଜ ବଜ୍ରପାତ ଓ ବିଜୁଳି ପାଇଁ ମଧ୍ୟ ପ୍ରସିଦ୍ଧ । ସେଠାରେ ଥିବା ରୋପୱେ , ସିଆର ସବୁଠାରୁ ବଡ଼ ରୋପୱେ । ଟୟ ଟ୍ରେନର ସୁବିଧା ସେଠାରେ ରହିଛି ଓ ଏହା ଧିମା ଗତିରେ ଚାଲେ, କାରଣ ପର୍ଯ୍ୟଟକମାନେ ଭଲ ଭାବରେ ଏହାର ସୌନ୍ଦର୍ଯ୍ୟକୁ ଉପଭୋଗ କରିପାରିବେ । ସେଠାରେ ଥିବା ଟାଇଗର ହିଲରୁ ଆପଣ କଞ୍ଚନଜଙ୍ଘା ପର୍ବତର ଶୀର୍ଷରୁ ସୂର୍ଯ୍ୟୋଦୟର ବିସ୍ମୟକର ଦୃଶ୍ୟ ଦେଖିପାରିବେ । ଏହି ଦୃଶ୍ୟ ଦେଖିପାରିବେ । ଏହି ଦୃଶ୍ୟ ସହିତ ବରଫର ବଦଳୁଥିବା ରଙ୍ଗ ମଧ୍ୟ ଆପଣ ଉପଭୋଗ କରିପାରିବେ । ଆପଣ ଦାର୍ଜିଲିଂରୁ ସ୍ଥାନୀୟ ହସ୍ତ କଳା, ବିଭିନ୍ନ ସଂସ୍କୃତିର ପୋଷାକ, ବୌଦ୍ଧ କଳାକୃତି ଓ ତିବ୍ବତୀ କର୍ଲିନ୍ ଇତ୍ୟାଦି କିଣିପାରିବେ । ଏହା ବ୍ୟତୀତ ଦାର୍ଜିଲିଂର ଚା ଓ ହିମାଳୟନ ମହୁ ମଧ୍ୟ ପ୍ରସିଦ୍ଧ । ଦାର୍ଜିଲିଂରେ ବୁଲିବା ପାଇଁ ଅନେକ ପର୍ଯ୍ୟଟନ ସ୍ଥଳ ରହିଛି ।



ସେଥିପାଇଁ ଅତିକମରେ ପାଞ୍ଚ ଦିନର ଏକ ଟୁରର ଯୋଜନା ପ୍ରସ୍ତୁତ କରିବା ଉଚିତ । ପ୍ରଥମ ଦିନରେ ଗାଇଡ୍ ଆପଣଙ୍କୁ ମିରିକ୍, ପଶଷ୍ଟୁନତିନଗର ବା ନେପାଳର ସୀମା ଦେଖାଇବେ । ତୃତୀୟଦିନରେ ୭ଟି ପଏଣ୍ଟର ଦେଖାଇବେ । ଏହି ସମୟରେ ହିମାଳୟନ ପର୍ବତାରୋହଣ ସଂସ୍ଥାନ ଓ ପ୍ରାଣୀ ଉଦ୍ୟାନ, ରୋପେୱେ, ତେନଜିଙ୍ଗ ରକ୍ ରରକ୍, ରୟାବିଲା ଇତ୍ୟାଦି ଅନେକ ସ୍ଥାନ ଦେଖାଇବେ । ଚତୁର୍ଥ ଦିନରେ ପାଞ୍ଚଟି ପଏଣ୍ଟ ବୁଲେଇବା ସହିତ ଜାପାନୀ ମନ୍ଦିର, ଲାଲ କୋଠୀ, ଅବା ଆର୍ଟ ଗ୍ୟାଲେରୀ, ଧୀରଧାମ ମନ୍ଦିର ପ୍ରାକୃତିକ ଇତିହାସ ସଂଗ୍ରହାଳୟ ଇତ୍ୟାଦି ଦେଖାଇବେ । ଶେଷ ଦିନରେ ରକ୍ ଗାର୍ଡେ଼ନ , ଗଙ୍ଗାମାୟା ପାର୍କ ଇତ୍ୟାଦିର ଟୁର୍ କରାଇଥାନ୍ତି ।



### କିପରି ଯିବେ :

ଦାର୍ଜିଲିଂର ନିକଟତମ ଏୟାରପୋର୍ଟ ହେଉଛି ବାଗଡୋଗରା । ଯାହା ଦାର୍ଜିଲିଂ ଠାରୁ ୮୮କିମି ଦୂର ଏୟାରପୋର୍ଟରୁ ତିନି ଘଣ୍ଟାର ଯାତ୍ରା ପରେ ଦାର୍ଜିଲିଂରେ ପହଞ୍ଚି ପାରିବେ । ଏହି ଏୟାରପୋର୍ଟ ଦେଶର ମେଟ୍ରୋ ସହରର ଏୟାରପୋର୍ଟ ସହିତ ଯୋଡ଼ା ଯାଇଛି । ନ୍ୟୁ ଜଲପାଇଗୁଡ଼ି ଏହାର ନିକଟତମ ରେଲୱେଷ୍ଟେସନ ଓ ଦାର୍ଜିଲିଂରୁ ଏହା ୮୮ କିମି ମଧ୍ୟ ଦୂର । ଏହି ରେଲୱେ ଷ୍ଟେସନ ସବୁ ପ୍ରମୁଖ ସହର ସହିତ ଯୋଗାଯୋଗ ରହିଛି । ସେ ଠାରୁ ଅଢ଼େଇ ବା ତିନିଘଣ୍ଟା ମଧ୍ୟରେ ଦାର୍ଜିଲିଂରେ ପହଞ୍ଚି ପାରିବେ । ସେହିଭଳି ସଡ଼କ ପଥରେ ମଧ୍ୟ ଦାର୍ଜିଲିଂରେ ପହଞ୍ଚି ପାରିବେ । ସେହିଭଳି ସଡ଼କପଥରେ ମଧ୍ୟ ଦାର୍ଜିଲିଂରେ ପହଞ୍ଚିବାର ସୁବିଧା ରହିଛି ।

### କେବେ ଯିବେ:

ଦାର୍ଜିଲିଂ ବୁଲିବାକୁ ଚାହୁଁଥିଲେ ଆପଣ ବୈଶାଖରେ ଏପ୍ରିଲରୁ ଜୁନ୍, ମୌସୁମୀରେ ଜୁଲାଇକୁ ସେପ୍ଟମ୍ବର ଓ ଶୀତରେ ଅକ୍ଟୋବରରୁ ମାର୍ଚ୍ଚ ମାସ ମଧ୍ୟରେ ଆସିପାରିବେ । ଏହି ସବୁ ମାସରେ ଦାର୍ଜିଲିଂର ସୌନ୍ଦର୍ଯ୍ୟକୁ ଅଧିକ ଉପଭୋଗ କରିପାରିବେ ।

## ନିଦରୁ ଉଠାଇବ ମୁଦି



ନିଦ ଭାଙ୍ଗିବା ନଦିମନ୍ତେ ଏବେ ବିଭିନ୍ନ ପ୍ରକାର ଆଧୁନିକ ଜ୍ଞାନ କୌଶଳ ବାହାରିଲାଣି । ହାଭାର୍ଡ ବିଶ୍ୱବିଦ୍ୟାଳୟର ଗବେଷକ ଏହି ସୁନ୍ଦର ନିଦ ଭାଙ୍ଗବା ମୁଦି ତିଆରି କରିଥିବାର ଜଣାପଡ଼ିଛି । ଆମେରିକାର କେତେକ ଗହଣା ଦୋକାନରେ ଏହି ଆଲାମ ମୁଦି ବିକ୍ରି ହେବା ଆରମ୍ଭ ହୋଇଛି । ମୁଦିଟି ଆଲାର୍ମ ଦିଆହୋଇଥିବା ନିର୍ଦ୍ଦିଷ୍ଟ ସମୟରେ ଆଙ୍ଗୁଳି ଜୋର ଥରିଥାଏ । ୧୫ମିନିଟ୍ ଜଣେ ବ୍ୟକ୍ତି ଅନବରତ କଥା ହେବା ପରେ ମୁଦିଟି ଥରିବା ବନ୍ଦ ହୁଏ । ଗବେଷକଙ୍କ ମତରେ, ଏହା କୌଣସି ଶାରୀରିକ କ୍ଷତି ପହଞ୍ଚାଇବ ନାହିଁ । ଅବଶ୍ୟ ହୃଦରୋଗୀମାନେ ଏହି ମୁଦି ନ ପିନ୍ଧିବା ପାଇଁ ପରାମର୍ଶ ଦିଆହୋଇଛି । ଜଣେ ବ୍ୟକ୍ତି ନିଜ ବରାଦ ମୁତାବକ ରୁପା, ସୁନା କିମ୍ବା ପ୍ଲାଟିନମ ଧାତୁରେ ଏହି ମୁଦି ଦୋକାନରୁ କିଣିପାରିବ । ଅଧିକାଂଶ ଲୋକ ସୁନା ଆଲାମ ମୁଦି କିଣୁଛନ୍ତି ।



## ମେଥି ମଟର ମଲାଇ



**ଆବଶ୍ୟକ ସାମଗ୍ରୀ:**

କଟାଯାଇଥିବା ମେଥିପତ୍ର-୨ କପ୍, ସିଝା ଗ୍ରୀନ୍ ମଟର-୪ କପ୍, ଲୁଣ-ସ୍ୱାଦ ଅନୁସାରେ, ତେଲ-୩ ଚାମଚ, ଜିରା- ଅଧ ଚାମଚ, କଟାଯାଇଥିବା ପିଆଜ- ଅଧା କପ୍, ଟମାଟୋ ପ୍ୟୁରି- ଅଧା କପ୍, କ୍ଷୀର-୧ କପ୍, ଚିନି-ଅଧା ଚାମଚ, ତାଜା କ୍ରିମ-୨ ଚାମଚ । ପେଷ୍ଟ ପାଇଁ -କଟା ପିଆଜ-୧/୪ କପ୍, କଞ୍ଚା ଲଙ୍କା- ୨ଟି, ଅଦା- ୨୫ ମି.ମି, ରସୁଣ-୩ କଳି, କାଜୁ-୨ଟି, ପୋସ୍ତ-୨ ଚାମଚ ।

ଶୁଖିଲା ମସଲା- ଡାଲଚିନି-୨୫ ମି.ମି, ଲବଙ୍ଗ-୪ଟି, ଗୁଜରାତି-୨ଟି, ଗୋଲମରିଚ-୪ଟି, ଜିରା-୧ ଚାମଚ । ଏହାକୁ ହାଲୁକା ଭାଜି ଗୁଣ୍ଡ କରାଯିବ ।

**ପ୍ରଣାଳୀ:**

ମେଥି ମଟର ମଲାଇ ତରକାରି କରିବା ପାଇଁ ପ୍ରଥମେ ମେଥି ପତ୍ରକୁ ଧୋଇ, ସେଥିରେ ଅଧା ଚାମଚ ଲୁଣ ଗୋଳେଇ ୧୫ ମିନିଟ୍ ପାଇଁ ଅଲଗା ରଖନ୍ତୁ । ସେଥିରୁ ପାଣି ବାହାର କରିଦିଅନ୍ତୁ । ଗୋଟେ କଡ଼େଇରେ ୨ ଚାମଚ ତେଲ ଗରମ କରି ସେଥିରେ ଜିରା ପକାନ୍ତୁ । ଜିରା ଫୁଟିଗଲା ପରେ ମେଥି ପତ୍ରକୁ ପକାଇ ମଧ୍ୟମ ଆଞ୍ଚରେ ୨-୩ ମିନିଟ୍ ଭାଜି ଅଲଗା ରଖନ୍ତୁ । ସେହି କଡ଼ାଇରେ ଆଉ ଏକ ଚାମଚ ତେଲ ଦେଇ ପିଆଜ ପକାନ୍ତୁ ଓ ଦୁଇ ମିନିଟ୍ ପର୍ଯ୍ୟନ୍ତ ଭାଜନ୍ତୁ । ଅଳ୍ପ ଭାଜି ହେବା ପରେ ପ୍ରସ୍ତୁତ ହୋଇଥିବା ପେଷ୍ଟ ଓ ଦୁଇ ଚାମଚ ପାଣି ଦେଇ ମଧ୍ୟମ ଆଞ୍ଚରେ ୨ ମିନିଟ୍ ଭାଜନ୍ତୁ । ଟମାଟୋ ପ୍ୟୁରି ଓ ଶୁଖିଲା ମସଲା ପାଉଡର ପକାଇ ଭଲ ଭାବରେ ମିଶାନ୍ତୁ । ଏବେ ଗ୍ରୀନ୍ ମଟର, ଭଜା ଯାଇଥିବା ମେଥି, କ୍ଷୀର, ଚିନି, ଲୁଣ ଓ ତାଜା କ୍ରିମ୍ ଦେଇ ମଧ୍ୟମ ଆଞ୍ଚରେ ୨-୩ ମିନିଟ୍ ରଖନ୍ତୁ । ମଝିରେ ମଝିରେ ତରକାରିକୁ ମିଶେଇବାକୁ ପଡ଼ିବ । ୩ ମିନିଟ୍ ପରେ ଗ୍ୟାସ୍ ବନ୍ଦ କରନ୍ତୁ । ଏବେ ରୁଟି, ପରଟା ସହିତ ଗରମ ଗରମ ଖାଇବାକୁ ଦିଅନ୍ତୁ । ଏଥିରେ ପର୍ଯ୍ୟାପ୍ତ ପରିମାଣରେ ଆଇରନ୍ ଥାଏ ।

## ଚକୋଲେଟ ମ୍ୟୁଜିୟମ

ଆମେ ଅନେକ ପ୍ରକାରର ମ୍ୟୁଜିୟମ ବିଷୟରେ ଶୁଣିଛନ୍ତି ବା ଦେଖିଛନ୍ତି । କିନ୍ତୁ କେବେ ଆପଣ ଚକୋଲେଟ ମ୍ୟୁଜିୟମ ବିଷୟରେ ଶୁଣିଛନ୍ତି କି ? ଚକୋଲେଟ ପ୍ରେମୀମାନଙ୍କ ପାଇଁ ଏକ ଚକୋଲେଟ୍ ମ୍ୟୁଜିୟମ ଖୋଲାଯାଇଛି । ଏହି ନିଆରା ମ୍ୟୁଜିୟମ ୧୩ ସେପ୍ଟେମ୍ବରରୁ ସ୍ୱିଜରଲାଣ୍ଡର ଜୁରିକ୍ ସହରରେ ଆରମ୍ଭ ହୋଇଛି । ୬୫,୦୦୦ ବର୍ଗ ଫୁଟ୍ କ୍ଷେତ୍ରଫଳରେ ବ୍ୟାପ୍ତି ଏହି ମ୍ୟୁଜିୟମର ନାମ 'ଲିଣ୍ଟ ହୋମ ଅଫ୍ ଚକୋଲେଟ୍' । ଏହି ନିଆରା ମ୍ୟୁଜିୟମ ଭିତରେ ସବୁ ଜିନିଷ ଚକୋଲେଟ୍‌ରେ ତିଆରି ହୋଇଥିବାର ଦେଖିବାକୁ ମିଳେ । ଏହା ବ୍ୟତୀତ ୩୦ ଫୁଟ୍ ଉଚ୍ଚତା ବିଶିଷ୍ଟ ଫାଉଣ୍ଟେନ ମଧ୍ୟ ରହିଛି, ଯାହା ମୁଖ୍ୟ ଆକର୍ଷଣ । ଏହା ବିଶ୍ୱର ସବୁଠାରୁ ବଡ଼ ଲିଣ୍ଟ ଚକୋଲେଟ ସପ୍ ମଧ୍ୟ ।

## ସପୁରିରେ ସୌନ୍ଦର୍ଯ୍ୟଚର୍ଚ୍ଚା

**ସପୁରି ଫଳଟି ସ୍ୱାସ୍ଥ୍ୟ ପାଇଁ ବହୁ ଉପକାରୀ, ଏହା ଆମ ସୌନ୍ଦର୍ଯ୍ୟ ରକ୍ଷା ଦିଗରେ ସହାୟକ ହୋଇଥାଏ । ନିୟମିତ ଭାବେ ଏହାକୁ ଖାଦ୍ୟ ଭାବରେ ବ୍ୟବହାର କଲେ ବହୁ ସୁଫଳ ମିଳିଥାଏ ।**



- ସପୁରି ରସ ଏକ ଉତ୍ତମ କ୍ଲିନଜର ପରି କାମ କରେ ଦୈନିକ ଏଇ ରସକୁ ତୁଳାରେ ତ୍ୱଚାକୁ ପୋଛିଲେ ବ୍ରଣ ଦାଗ ଶୀଘ୍ର ଦୂର ହୋଇଥାଏ ।
- ବେସନ ଅଧ ଚାମଚରେ ସପୁରୀ ରସ ମିଶାଇ ପ୍ୟାକ୍ ଭଳି ତ୍ୱଚାରେ ଲଗାନ୍ତୁ । ଶୁଖିବା ପରେ ଧୋଇନେବେ । ଏଇ ପ୍ୟାକ୍ ରଙ୍ଗ ସଫା ହେବାରେ ସହାୟକ ।
- ସୁସ୍ଥ ତ୍ୱଚା ପାଇଁ ଆବଶ୍ୟକ କୋଲେଜନ ସପୁରିରେ ପ୍ରଚୁର ପରିମାଣରେ ଥାଏ । ଏଣୁ ଏହାକୁ ତ୍ୱଚାରେ ଲଗାଇବା ସହ ପିଇବା ମଧ୍ୟ ହିତକାରୀ ।
- ବ୍ରଣ ସମସ୍ୟାରୁ ମୁକ୍ତି ପାଇବା ନିମନ୍ତେ ଚିମୁଟାଏ ହଳଦୀରେ ସପୁରୀ ରସ ମିଶାଇ ତାହାକୁ ଲଗାନ୍ତୁ ୧ ସପ୍ତାହ ମଧ୍ୟରେ ବ୍ରଣ କମ ହୋଇଯିବ ।
- ଓଠର କଳାଦାଗ ଦୂର କରିବାକୁ ଚାହୁଁଥିଲେ, ନିୟମିତ ସପୁରି ରସ ଲଗାଇଲେ ତାହାର ପ୍ରଭାବ ୧ମାସ ମଧ୍ୟରେ ଜାଣିପାରିବେ ।

## ଡେନିମ୍ ଜ୍ୟାକେଟ



**ଡେନିମ୍ ଜ୍ୟାକେଟକୁ ମହିଳାମାନେ ସାଧାରଣତଃ ଥଣ୍ଡା ଦିନରେ ପିନ୍ଧିବାକୁ ପସନ୍ଦ କରିଥାନ୍ତି । କିନ୍ତୁ ଏହି ଜ୍ୟାକେଟକୁ କୌଣସି ଋତୁରେ ମଧ୍ୟ ଆପଣ ପିନ୍ଧିପାରିବେ । କାରଣ ଏହା ଆପଣଙ୍କୁ ପ୍ରତ୍ୟେକ ଷ୍ଟାଇଲ ସହିତ ମ୍ୟାଚ୍ କରି ଷ୍ଟାଇଲିସ୍ ଲୁକ୍ ଦେବ ।**

### ଡେନିମ୍ ସହିତ ଡେନିମ୍ :

କ୍ଲାସିକ୍ ଡେନିମ ଜ୍ୟାକେଟକୁ ଆପଣ ବଡ଼ି ହଗିଙ୍ଗ୍ ଟପ୍ ଓ ମ୍ୟାଚିଙ୍ଗ୍ କଲରର ଡେନିମ ଜିନ୍ସ ସହିତ ପିନ୍ଧି ପାରିବେ । ଏହା ଆପଣଙ୍କ ଫିଗରକୁ ସୁନ୍ଦର ଲାଗିବ । ଯଦି ଆପଣଙ୍କ ଉଚ୍ଚତା କମ ଥାଏ ତେବେ ଏହି ଲୁକକୁ ହାଇହିଲସ ବା ହିଲସ ଥିବା ବୁଟ୍ ସହିତ ପିନ୍ଧନ୍ତୁ, ଏଥିରେ ଆପଣଙ୍କ ଉଚ୍ଚତା ଲମ୍ବା ଦେଖାଯିବ ।



### ସ୍କର୍ଟ ସହିତ ଡେନିମ୍:

ସର୍ଟ ପ୍ଲିଟସବାଲା ସ୍କର୍ଟ ବା ଡେନିମ୍ ସ୍କର୍ଟ ପ୍ଲିଟସବାଲା ସ୍କର୍ଟ ବା ଟେନିମ୍ ସ୍କର୍ଟ ପିନ୍ଧନ୍ତୁ, ଏହା ସହିତ କଳା, ଧଳା ବା ଆପଣଙ୍କର କୌଣସି ପସନ୍ଦିତା ରଙ୍ଗର ଟପ୍ ପିନ୍ଧନ୍ତୁ । ଧ୍ୟାନ ରଖିବେ, ଆପଣଙ୍କ ଟପ୍ ଅଧିକ ଫ୍ରିଲବାଲା ଯେପରି ହୋଇ ନଥିବ ନ ହେଲେ ଏହି ଜ୍ୟାକେଟ୍ ସହିତ ଲୁକ୍ ଭଲ ଦେଖାଯିବ ନାହିଁ । ଏହି ଲୁକ୍ ସହିତ କାଜୁଆଲ ବୁଟ୍‌ସ ବା ସ୍ନିକରର୍ସ ପିନ୍ଧନ୍ତୁ ।

### ଓଭର ସାଇଜ ଜ୍ୟାକେଟ୍ ସହିତ ଡେନିମ :

ଡେନିମର ଷହନିମର୍ ଓଭର ସାଇଜ ଜ୍ୟାକେଟ୍ ଆପଣଙ୍କୁ ଭିତରେ କୌଣସି ପ୍ରକାରର ଟପ୍ ବା ଲେୟର ପିନ୍ଧିବାକୁ ଅଫସନ ଦେଉଛି । ଯଦି ଆପଣ ଫ୍ରିଲ ବା ଲେୟର୍ସବାଲା ଟପ୍ ପିନ୍ଧୁଛନ୍ତି ତେବେ ଏହି ଜ୍ୟାକେଟ୍ ତାର ଲୁକ୍‌କୁ ଖରାପ କରିବ ନାହିଁ ।

### ଡ୍ରେସ୍ ସହିତ ଡେନିମ୍:

ଲଙ୍ଗ ଡ୍ରେସ୍ ବା ସର୍ଟ ଡ୍ରେସ୍ ଡେନିମ ଜ୍ୟାକେଟ୍ ଦୁଇଟି ପ୍ରକାରର ଡ୍ରେସ୍ ସହିତ ସୁନ୍ଦର ଲାଗିବ । କିନ୍ତୁ ଏହା ପାର୍ଟି ଡ୍ରେସ୍ ପାଇଁ ନୁହେଁ କାଜୁଆଲ ବା ସମର ଡ୍ରେସ୍ ସହିତ ଡେନିମ ଜ୍ୟାକେଟ୍ ବହୁତ ସୁନ୍ଦର ଦେଖାଯିବ । ଆପଣ ଚାହିଁଲେ ନର୍ମାଲ ବା ସର୍ଟ ଷ୍ଟାଇଲର ଜ୍ୟାକେଟ୍ ମଧ୍ୟ ନେଇ ପାରିବେ ।

## କୁନି ପିଲାଙ୍କ ଉତ୍ସୁକତା

ପରିସ୍ଥିତି ଯେତେ ଗମ୍ଭୀର ଥାଉ ନା କାହିଁକି, ଛୋଟ ପିଲାର ମନଖୋଲା ହସ ଓ ତା ଦରୋଟି କଥାରେ ପୂରା ପରିବେଶ ବଦଳାଇ ହୋଇଥାଏ । ନିକଟରେ ନରଫୁଲ୍କ୍ ବିଶ୍ୱବିନ୍ୟାଳୟର ଗବେଷକ ସମୂହ ୨ବର୍ଷରୁ ୬ବର୍ଷ ବୟସର ୧୯ହଜାର ପିଲାଙ୍କୁ ନେଇ ଗବେଷଣା କରିଥିଲେ । ନିର୍ମଳ ହୃଦୟର ଏଇ ପିଲାଏ ଗବେଷକଙ୍କ ସହ ଖୁବ୍ ଶୀଘ୍ର ମିଶିଯାଇଥିଲେ । ଏହି କୁନିପିଲାମାନଙ୍କ ଅଜ୍ଞାତରେ ସେମାନଙ୍କ ଗତିବିଧିକୁ ପାଖାପାଖି ମାସେ ଅନୁଧ୍ୟାନ କରାଗଲା । ୧୧ମାସର ଦୀର୍ଘ ଅନୁଧ୍ୟାନ ପରେ ଗବେଷକ ମୁଖ୍ୟ ପ୍ରକାଶ କରିଛନ୍ତି, ୪ବର୍ଷର ହେବା ପରେ ପିଲାମାନେ ନିଜ ଅଭିଭାବକଙ୍କୁ ବିଭିନ୍ନ ପ୍ରକାର ପ୍ରଶ୍ନ ପଚାରି ଅସ୍ତବ୍ୟସ୍ତ କରିପକାନ୍ତି । ଏଇ ବୟସର ପିଲାମାନେ ଦିନକୁ ଅତି କମରେ ୪୦୦-୫୦୦ ପ୍ରଶ୍ନ ପଚାରୁଥିବା ବେଳେ ଯଥୋଚିତ ଉତ୍ତର ନ ଶୁଣିବା ପର୍ଯ୍ୟନ୍ତ ସେମାନେ ବାରମ୍ବାର ସେହି ପ୍ରଶ୍ନ ଦୋହରାଇଥାନ୍ତି । ମନସ୍ତତ୍ତ୍ୱବିତଙ୍କ ମତରେ ଏସବୁରେ ସକ୍ରିୟ ରହୁଥିବା । ପିଲାଏ ଭବିଷ୍ୟତରେ ସଫଳ ହୋଇଥିବାର ଦେଖାଯାଏ । ଏଣୁ ପିଲାଙ୍କ ଅଧିକ କିମ୍ବା ଅଯଥା ପ୍ରଶ୍ନରେ ବ୍ୟତିବ୍ୟସ୍ତ କିମ୍ବା ଚିଡ଼ଚିଡ଼ି ନ ହୋଇ ବରଂ ଧୈର୍ଯ୍ୟର ସହ ସେସବୁର ଉତ୍ତର ଦେବାର ଅଭ୍ୟାସ କରନ୍ତୁ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୨ ଜୁନ୍ ୨୦୨୧, ଶନିବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଆଗକୁ ସାବଧାନ...

ଦୀର୍ଘଦିନ ପରେ ଦେଶରେ କରୋନା ମହାମାରୀଜନିତ ନୂତନ ପଜିଟିଭ ସଂଖ୍ୟା ୧ ଲକ୍ଷରୁ ତଳକୁ ଖସିଛି । ବୁଧବାର ଦିନ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାରି ସୂଚନା ଅନୁସାରେ, ବିଗତ ୨୪ଘଣ୍ଟା ମଧ୍ୟରେ ଦେଶରେ ୯୪ ହଜାର ୫୨ ଜଣ ନୂତନ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏହି ଆଶ୍ୱସ୍ତିକର ସମ୍ବାଦ ଭିତରେ ଆଉ ଏକ ଚିନ୍ତାଜନକ ଖବର ମଧ ସମସ୍ତଙ୍କୁ ବ୍ୟଥିତ କରିଛି । ତାହା ହେଉଛି, ପୂର୍ବୋକ୍ତ ଅବଧିରେ ଦେଶରେ ଛଅ ହଜାର ୧୪୮ ଜଣଙ୍କ ମୃତ୍ୟୁ ଖବର । ସେଥିରୁ ଏକାକୀ ବିହାରରେ ତିନି ହଜାର ୯୫୧ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ବିହାରରେ ଯେ ଗତ ୨୪ ଘଣ୍ଟା ମଧ୍ୟରେ ଏତେ ସଂଖ୍ୟକ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି ତାହା ନୁହେଁ । ବରଂ, ସେହି ରାଜ୍ୟରେ ମୃତକଙ୍କ ସଂଖ୍ୟା ଅଧିକ ଏବଂ ତାହାକୁ କମ୍ ଦର୍ଶାଉଛି ବୋଲି ଗତ କେଇ ସପ୍ତାହ ଧରି ଯେଉଁ ସମ୍ବାଦ ଗଣମାଧ୍ୟମରେ ପ୍ରକାଶ ପାଇଆସୁଥିଲା ଏବଂ ଏ ସଂପର୍କରେ ସତ୍ୟାସତ୍ୟ ଅନୁସନ୍ଧାନ କରିବା ନିମନ୍ତେ କେନ୍ଦ୍ରର ନିର୍ଦ୍ଦେଶ ଏବଂ ପାଟନା ହାଇକୋର୍ଟଙ୍କ ତାଗିଦ ପରେ ତାହା ପଦାକୁ ଆସିଛି । କରୋନା ମହାମାରୀର ଦ୍ୱିତୀୟ ଲହର ଦେଶରେ ଶୀର୍ଷରେ ଥିବାବେଳେ ଗତ ଏପ୍ରିଲ ଓ ମେ ମାସରେ ଗଙ୍ଗା ଓ ଅନ୍ୟାନ୍ୟ ନଦୀରେ ଅନେକ ପରିତ୍ୟକ୍ତ ଶବ ଭାସୁଥିବା ଫଟୋଚିତ୍ର ଓ ଖବର ଦେଶବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଥିଲା । ଏହା ସ୍ପଷ୍ଟଭାବେ ଉତ୍ତର ପ୍ରଦେଶ ଓ ବିହାର ସରକାରଙ୍କ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଥିଲା । ବାସ୍ତବ ତଥ୍ୟ ଜାଣିବା ନିମନ୍ତେ କେନ୍ଦ୍ରର ତାଗିଦା ଓ ନ୍ୟାୟାଳୟର ହସ୍ତକ୍ଷେପ ପରେ ବିହାର ସରକାର ଅନୁସନ୍ଧାନ କରି ରାଜ୍ୟର କରୋନାଜନିତ ମୃତ୍ୟୁସଂଖ୍ୟାରେ ଏଭଳି ସଂଶୋଧନ ଘଟାଇଛନ୍ତି । ତେଣୁ ଗତ ବୁଧବାର ଦିନ ଯେଉଁ ପରିସଂଖ୍ୟାନ ବିହାର ସରକାରଙ୍କ ତରଫରୁ ଦିଆଯାଇଛି ତାହା ଯେ ଗତ ୨୪ ଘଣ୍ଟା ମଧ୍ୟରେ ରୋଗୀଙ୍କ ମୃତ୍ୟୁ ସଂଖ୍ୟା ତାହା ନୁହେଁ, ବରଂ ଗତ ଦୁଇ ତିନି ସପ୍ତାହ ମଧ୍ୟରେ ସେସବୁ ଘଟିଥାଇପାରେ, ଯାହାକି ଏବେ ସଂଶୋଧନ କରାଯାଇଛି । ଏକଥା ସେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ମଙ୍ଗଲ ପାଣ୍ଡେ ମଧ ସ୍ୱୀକାର କରିଛନ୍ତି । କିନ୍ତୁ ଉଦ୍‌ବେଗର କଥା, ଏପରି ଖାମଖିଆଲ ଭାବେ ପରିସଂଖ୍ୟାନ ପ୍ରସ୍ତୁତ କରାଯାଉଥିଲା କିପରି ଏବଂ ତାହାକୁ ପରଖା ନଯିବା ମଧ ଅନୁରୂପ ଭାବେ ଦୁର୍ଭାଗ୍ୟଜନକ । କେବଳ ବିହାର ନୁହେଁ, ଏଭଳି ଅଭିଯୋଗ ଅନେକ ରାଜ୍ୟଙ୍କ କ୍ଷେତ୍ରରେ ମଧ ପୂର୍ବରୁ ଉଠିଛି । ତେଣୁ ବିହାର ଘଟଣା ଲୋକଲୋଚନକୁ ଆସିବା ପରେ ଦେଶରେ କରୋନାଜନିତ ମୃତ୍ୟୁହାର ୧.୨୨ ପ୍ରତିଶତରୁ ୧.୨୩ ପ୍ରତିଶତକୁ ଉନ୍ନୀତ ହୋଇଛି ଏବଂ ବିହାରର ମୃତ୍ୟୁ ପରିସଂଖ୍ୟାନ ୦.୭୬ରୁ ଡେଇଁ ୧.୩୨ ପ୍ରତିଶତ ଛୁଇଁଛି । ବିହାରର ୩୮ଟି ଜିଲ୍ଲାରେ ପୂର୍ବ ମୃତ୍ୟୁସଂଖ୍ୟାରେ ପରିବର୍ତ୍ତନ ଘଟିଥିଲା ଜଣାପଡ଼ିଛି ।

ଉଲ୍ଲେଖଯୋଗ୍ୟ ଯେ, କରୋନା ମହାମାରୀର ଦ୍ୱିତୀୟ ଲହରରେ ଗତ ଏପ୍ରିଲ ମାସରୁ ଆରମ୍ଭ କରି ଅଦ୍ୟାବଧି ପ୍ରାୟ ଦୁଇ ଲକ୍ଷ ପାଖାପାଖି ଲୋକଙ୍କ ମୃତ୍ୟୁ ଘଟିଛି । ଏହି ମୃତ୍ୟୁସଂଖ୍ୟା ଅଧିକ ହୋଇପାରେ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନଠାରୁ ଆରମ୍ଭ କରି ଅନ୍ୟ ସଂସ୍ଥାମାନେ ଆଶଙ୍କା କରିଆସୁଛନ୍ତି । ସେମାନଙ୍କର ଯୁକ୍ତି ଯେ, ଭାରତରେ ଅନେକ କରୋନାଜନିତ ମୃତ୍ୟୁକୁ ହିସାବକୁ ନିଆଯାଉନାହିଁ । ଏଭଳି ଅଭିଯୋଗକୁ ସରକାର ଅବଶ୍ୟ ଗ୍ରହଣ କରିବାକୁ ନାରାଜ । କିନ୍ତୁ ବିହାର ଘଟଣା ସମସ୍ତଙ୍କ ପାଇଁ ଏକ ଆଖି ଖୋଲିଦେବା ଭଳି ଘଟଣା । ପ୍ରଧାନମନ୍ତ୍ରୀଙ୍କ ମତାନୁସାରେ, ପ୍ରତ୍ୟେକ ଜୀବନ ମୂଲ୍ୟବାନ । ତେଣୁ ମହାମାରରୀକୁ ରୋକିବା ସହିତ ସଂକ୍ରମିତଙ୍କ ଉପଯୁକ୍ତ ଚିକିତ୍ସା ଯେପରି ଗୁରୁତ୍ୱ ବହନ କରେ, ଯଦି କାହାର ଏହି ରୋଗରେ ମୃତ୍ୟୁ ଘଟିଲା ତେବେ ପ୍ରତିଟି ଶବକୁ ମଧ ମାନବୀୟ ମର୍ଯ୍ୟାଦାର ସହ ଦାହସଂସ୍କାର କରାଯିବା ସହିତ ତାହାକୁ ସରକାରୀ ପରିସଂଖ୍ୟାନ ପରିସରଭୁକ୍ତ କରାଯିବା ଆବଶ୍ୟକ । ଏହା ଏକ ଦାୟିତ୍ୱବାନ ରାଷ୍ଟ୍ର ଓ ସମାଜର ପରମ କର୍ତ୍ତବ୍ୟ । କେବଳ ଯେ ଗଣମାଧ୍ୟମରେ ଖବର ପ୍ରକାଶ ପାଇଲେ କିମ୍ବା ନ୍ୟାୟାଳୟଠାରୁ ନିର୍ଦ୍ଦେଶ ଆସିଲେ ଏହି ପରିସଂଖ୍ୟାନ ସଂଶୋଧିତ ହେବ ତାହା ନୁହେଁ । ଏହାକୁ ନିର୍ଭୁଲ ଭାବେ ପ୍ରକାଶ କରିବା ଦାୟିତ୍ୱ ସରକାରଙ୍କର । ଏହି ତ୍ରୁଟିର ପୁନରାବୃତ୍ତି ନହେବା ଉଚିତ୍ । ଅନ୍ୟଥା କରୋନା ମହାମାରୀ ବିରୋଧୀ ସଂଗ୍ରାମରେ ଏହାକୁ ଆମର ଉତ୍ତର ପିଢ଼ି ଏକ ଅକ୍ଷମଣୀୟ ଅପରାଧ ବୋଲି ଗ୍ରହଣ କରିପାରନ୍ତି !

## କରୋନା ଲଢ଼େଇ : ଟିକାକରଣ ଏକ ଶକ୍ତିଶାଳୀ ସାଧନ କି !



ବିପିନ ବିହାରୀ ମହାନ୍ତି

ଏବେ ସମଗ୍ର ବିଶ୍ୱରେ ଯେଉଁଠି କରୋନା ସଂକ୍ରମିତ କରିଛି, ସେଠାରେ ଏଥିରୁ ମୁକ୍ତି ପାଇଁ ଟିକାକରଣ ଚାଲିଛି । ଟିକା କେଉଁଠି ଏ ଲଢ଼େଇ ପାଇଁ ଏକ ଫଳପ୍ରଦ ସଞ୍ଜିବନୀ ବୋଲି କୁହାଯାଉଛି । ଆମେରିକା ଓ ଇସ୍ରାଏଲ ପରି ଦେଶମାନେ ଟିକା ମାଧ୍ୟମରେ ଯେଉଁଠି କରୋନାକୁ ନିୟନ୍ତ୍ରଣ କରିପାରିଛନ୍ତି ବୋଲି କୁହାଯାଉଛି । ତେଣୁ ସେ ଦେଶମାନଙ୍କରେ କେତେକ କଟକଣା ଯଥା- ମାସ୍କ ବା ତୁଣ୍ଡିବାନ୍ଧିବା ଇତ୍ୟାଦି ଉପରେ ଆଉ ଗୁରୁତ୍ୱ ଦିଆଯାଉନାହିଁ ।

ଆମେ କ'ଣ କହିପାରିବା ଯେ ଏ ଦେଶମାନଙ୍କରୁ କରୋନା ସଂପୂର୍ଣ୍ଣ ଭାବରେ ମୂଳପୋଛ ହୋଇଗଲା ? ଏମିତି କହିବା ବା ଭାବିବା ବୋଧେ ଏକ ଭ୍ରମଧାରଣା । କାରଣ ଗଲାବର୍ଷ ଯେଉଁ ଯେଉଁ ଜାଗା ସଂକ୍ରମିତ ଥିଲା ଏବେ ସେହିସବୁ ସ୍ଥାନରେ କରୋନାର ଦୋହରା ଲହରୀ ଆରମ୍ଭ ହୋଇଗଲାଣି । ଏହାପରେ ତୃତୀୟ ବା ଚତୁର୍ଥ ଲହରୀ ଆସିପାରେ । ପୁଣି ବୈଜ୍ଞାନିକମାନେ କହୁଛନ୍ତି ଯେ ଏହା ପରେ ପରେ କୋଭିଡ଼-୨୬ ଓ ୩୨କୁ ଆସିବାରେ ରୋକାଯାଇନପାରେ ଯଦି ଏବେ ଠୁ ଏନେଇ ଚିନ୍ତା କରାନଯାଏ । ଏଇଥିପାଇଁ ଯେ ସେସବୁ ସ୍ଥାନରେ ଭୂତାଣୁମାନେ ଘର କରି ଅଛନ୍ତି ଏବଂ ଠିକ୍ ସମୟରେ ଡିଏନ୍‌ଏ ପରିବର୍ତ୍ତନ କରି ଆହୁରି ଭୟଙ୍କର ରୂପ ନେଇ ଆକ୍ରମଣ କରୁଛନ୍ତି। ଏଠାରେ ଗୋଟାଏ ଦୃଷ୍ଟାନ୍ତ ଦେବା । 'ବ୍ଲାକ ଡେଥ୍' ନାମକ ମହାମାରୀ ୟୁରୋପରେ ପ୍ରଥମେ ୧୩୪୭ ମସିହାରେ ଦେଖା ଦେଇଥିଲା । ଏଥିରେ ୨ ନିୟୁତ ଲୋକ ସେ ବର୍ଷ ପ୍ରାଣ ହରାଇଥିଲେ । ପୁଣି ୧୩୪୮ ମସିହାରେ ଏହାର ପ୍ରକୋପରେ ଶତକଡ଼ା କୋଡିଏ ମହିଳା ଓ ଶିଶୁ ଶୀକାର ହେଲେ । ପୁନଶ୍ଚ ୧୬୬୫ ମସିହାରେ ଏହା ପୁଣି ତୃତୀୟ ଥର ପାଇଁ ଦେଖାଦେଇଥିଲା ଏବଂ ଏଥିରେ ମାତ୍ରାଧିକ ଲୋକ ମରିଥିଲେ । ସେତେବେଳେ ଏଥିରୁ ମୁକ୍ତି ପାଇଁ ଡାକ୍ତରଙ୍କୁ ଉପାୟ ଜଣାନଥିଲା କି ଏହା ପାଇଁ ନିର୍ଦ୍ଦିଷ୍ଟ ଔଷଧ ବାହାରି ନଥିଲା । ତେବେ କେତେକ ସାଧାରଣ ସଚେତନତା ଯଥା- ଆଜିକାଲି ପରି ସାମାଜିକ ଦୂରତା ରକ୍ଷା ଓ ସଙ୍ଗରୋଧ ପରି କିଛି କାରଣରୁ ଏହା ଆସ୍ତେ ଆସ୍ତେ ହ୍ରାସ ପାଇଥିଲା ।

ଚଳିତ କରୋନା ଆକ୍ରମଣରେ ବିଶ୍ୱ ବା ଭାରତ କଥା କହିବାକୁ ଗଲେ ଆମ ଡାକ୍ତର ଓ ବୈଜ୍ଞାନିକମାନେ କରୋନା ଚିକିତ୍ସା ପାଇଁ ଅଙ୍କ ଥିଲେ । ଏଣୁ ଏପର୍ଯ୍ୟନ୍ତ ପାଖାପାଖି ଭାରତରୁ ହଜାରରୁ ଊର୍ଦ୍ଧ୍ୱ ଡାକ୍ତର ଏବଂ ତିନିଶହରୁ ଅଧିକ ସାମାଜିକ କର୍ମୀ ଏହାର ଶୀକାର ହୋଇସାରିଲେଣି । ଏଥିରୁ ଆମେ ସାଧାରଣ ଲୋକଙ୍କ କଥା କହିବା କ'ଣ ? ସେମାନେ ତ' ହିସାବ ବର୍ହିଭୂତ । ଏବେ ଶ୍ମଶାନରେ ଜୁଇ ଲିଭୁ ନାହିଁ କି କବରରେ ସ୍ଥାନର ଅଭାବ ଘଟିଲାଣି । କରୋନାରେ ଆକ୍ରାନ୍ତରେ ଏବେ ଗୋଟେ ଗୋଟେ ପରିବାର ପୁରା ନିପାତ ହୋଇଯାଉଛନ୍ତି । ପିଲାମାନେ ବାପମା' ଛେଉଣ୍ଡ ହୋଇଯାଉଛନ୍ତି । କିଏ ସ୍ୱାମୀ ବା କିଏ ସ୍ତ୍ରୀହରା ହୋଇଯାଉଛନ୍ତି । ଏହି ଗୋଟେ ଦୃଷ୍ଟାନ୍ତ ନିଅନ୍ତୁ ଯେ, ଆମ ଓଡ଼ିଶାର ପଦ୍ମବିଭୂଷଣ ସ୍ଥପତି ରଘୁନାଥ ମହାପାତ୍ର ମରିବାର କେଇଦିନ ପରେ ତାଙ୍କ ସାନପୁଅ ପ୍ରଶାନ୍ତ ଏବଂ ପରେ ପରେ ଜ୍ୟେଷ୍ଠପୁଅ ଯଶୋବନ୍ତ ବି ଚାଲିଗଲେ । ଏମାନେ ସମସ୍ତେ ଆନ୍ତର୍ଜାତୀକ ଖ୍ୟାତିସଂପନ୍ନ ବ୍ୟକ୍ତିତ୍ୱ ଥିଲେ । ଦୁଃଖ ଯେ ଏମାନଙ୍କ ମଧ୍ୟରୁ ଜଣକୁ ହେଲେ ଆମେ କରୋନାରୁ ବଂଚାଇପାରିଲେ ନାହିଁ ।

ଏବେକୁ ପୁଣି ଭିନ୍ନ ଏକ ମହାମାରୀ କଳାକବକ ବା ବ୍ଲାକ୍ ଫଙ୍ଗସ୍ ଏବଂ ଧଳା କବକ ବା ହ୍ୱାଇଟ୍ ଫଙ୍ଗସ୍ ପରି କରୋନାର ଭିନ୍ନ ରୂପ ବାହାରିଲାଣି । କେବଳ ୟୁପିରେ ଏଥିରେ ୮୦ଜଣ ମୃତ ଏବଂ ୫୪ ଜଣ ଚକ୍ଷୁ ହରାଇଲେଣି । ଆମ ଓଡ଼ିଶାରେ ମଧ କେଇଜଣ ଶୀକାର ହେଲେଣି । ସତରେ ଏହା ପାଇଁ ନିବାରଣ ବା ନିରାକରଣର ସାଧନ କଣ ?

ଏବେ ଟିକା ଉପରେ ଖୁବ୍ ଜୋର ଦିଆଯାଉଛି । କୋଭାକ୍ସିନ, କୋଭାସିଲ୍‌ଡ, ସ୍ପୁଟାନିକ୍ ଭି (ଋଷୀୟଟିକା) ବା ଆସ୍ୱଜନିକା ବା ଫାଇଜର ଟିକା ଦିଆଚାଲିଛି ଏବଂ ଏଥିରୁ ଦୁଇ ଦୁଇଟି ନେଲେ କରୋନାରୁ ମୁକ୍ତି ମିଳିବ ବୋଲି ଦୃଢ଼ୋକ୍ତି ଦିଆଯାଉଛି । ଆମର ପ୍ରଶ୍ନ : ସତରେ କ'ଣ ଏମାନେ କାମ କରନ୍ତି ? ବୋଧେ ନୁହେଁ । ଦୁଇ ଦୁଇଟା ଡୋଜ୍ ନେଲାପରେ ବି ଲୋକମାନେ ପୁନଶ୍ଚ ସଂକ୍ରମିତ ହେଉଛନ୍ତି ଏବଂ ମରୁଛନ୍ତି ମଧ । ଦୈବାତ୍ କେହି ଭାଗ୍ୟ ବଳରୁ ସିନା ବଂଚି ଯାଉଛି !

ଦୁଇଟି ଡୋଜ୍ ଟୀକା ନେଇଥିବା ଏବଂ ପୁନଶ୍ଚ କରୋନା ଦ୍ୱାରା ସଂକ୍ରମିତ ହୋଇଥିବା କେତୋଟିର ଦୃଷ୍ଟାନ୍ତ ଆମେ ଏଥିରେ ଉପସ୍ଥାପନା କଲୁ । ମୋର ସାନଝିଅ ଡକ୍ଟର ଶୁଭଶ୍ରୀ ଦେବୀଦର୍ଶିନୀ(ଆୟୁଷ), ଯିଏ କି ପଥରା ପିଏଚ୍‌ସି, ଖଲ୍ଲିକୋଟରେ ଅବସ୍ଥାପିତ । ସେ ଦୁଇ ଡୋଜ୍ ନେଲା ପରେ ମଧ୍ୟ ଏବେ କରୋନା ଦ୍ୱାରା ଆକ୍ରାନ୍ତ । ସେହିପରି ମୋର ବଡ଼ଭାଇ ଶ୍ରୀଯୁକ୍ତ ବ୍ରହ୍ମଚାରୀ ମହାନ୍ତି,କ୍ୱାର୍ଟସ ଇଏ-୪୨, ବରଗଡ଼ ବ୍ରିଟ୍ କଲୋନୀ ଦ୍ୱିତୀୟ ଡୋଜ ପରେ ବି ପଜିଟିଭ ହୋଇଛନ୍ତି । ମୋର ଜନୈକ ବନ୍ଧୁ ଦୁର୍ଗାପ୍ରସାଦ ମହାନ୍ତି, ପ୍ଲଟ ନଂ-୩୭, ବାପୁଜୀ ନଗର ଏବଂ ଆଉ ଜଣେ ବନ୍ଧୁ ଗୌରଚରଣ ଦାସ, ଗୌରୀନଗର, ଭୁବନେଶ୍ୱର ଏଥିରୁ ମଧ୍ୟ ବାଦ୍ ପଡ଼ିନାହାନ୍ତି । ସେହିପରି ଆମର ଜଣେ ଜଣାଶୁଣା ଅବସରପ୍ରାପ୍ତ ଆଖି ଡାକ୍ତର ପ୍ରଫେସର ମଦନମୋହନ ମହାପାତ୍ର, ସିଡିଏ, ସେକ୍ଟର-୯, କଟକ ମଧ୍ୟ ଦୁଇଡୋଜ ପରେ ପୁଣି କରୋନାରେ ଆକ୍ରାନ୍ତ ହୋଇଛନ୍ତି । ଆମର ଜଣାଶୁଣା ପ୍ରସିଦ୍ଧ ହାର୍ଟଡକ୍ଟର କେକେ ଅଗ୍ରୱାଲ ଦୁଇଡୋଜ ପରେ ଖାଲି ଆକ୍ରାନ୍ତ ହୋଇନାହାନ୍ତି, ସ୍ୱର୍ଗବାସ ବି କରିଛନ୍ତି । ଏହିପରି ଦୁଇଡୋଜ ନେଇ ପୁନର୍ବାର କରୋନା ଆକ୍ରାନ୍ତ ହୋଇଥିବା ଜାତୀୟସ୍ତରରେ ବହୁ ପ୍ରମାଣ ଅଛି । ତେଣୁ ଏହାକୁ ମୋଦିଙ୍କ ଭାଷାରେ- ଟୀକାକରଣ ସବୁଠୁ ଶକ୍ତିଶାଳୀ ସାଧନ ବା ଆଉ କାହା ଭାଷାରେ ଏହା ସଞ୍ଜୀବନୀ ବୋଲି କୁହାଗଲେ ବିଶ୍ୱାସଯୋଗ୍ୟ ନୁହେଁ ।

ଏବେ ବି ଶୁଣାଯାଉଛି ଯେ, ଯେଉଁମାନେ ଦୁଇଡୋଜ ଟିକା ନେଉଛନ୍ତି ସେମାନଙ୍କ ଦେହରେ ଯେଉଁ ଆଣ୍ଟିବଡ଼ି ପ୍ରସ୍ତୁତ ହେଉଛି ତାହା କେଉଁଠି ବର୍ଷଟିଏ କାମ କରିବ । ପୁଣି ଶୁଣାଯାଏ ଯେଉଁ ଲୋକ ଯଦି କରୋନା ମୁକ୍ତ ହୋଇ ଟିକା ନିଏ ତା'ର ଉପକାରିତା ୧୦ ବର୍ଷ ଯାଏଁ ରୁହେ । ଏହିସବୁ ଜାଣିଲା ବା ଶୁଣିଲା ପରେ ସାଧାରଣ ଲୋକଟିଏ ସେ ଟିକା ନେଇଥାଉ ବା ନନେଇଥାଉ ତା ଠାରୁ ଭୟ ଦୂର ହେଉନାହିଁ । ଅନ୍ୟପକ୍ଷରେ ଏକ ଭ୍ରମ ସୃଷ୍ଟି ହେଲାଣି ।

ଏବେ ପୁଣି କରୋନା ଭୂତାଣୁ ମାନଙ୍କର ପରିବର୍ତ୍ତନକୁ ନେଇ ବିଭିନ୍ନ ଦେଶରେ ଏହାକୁ ଜାତିସଂଘର 'ହୁ' ବିଭିନ୍ନ ନାମରେ ନାମିତ କରିଛି । ଯଥା- ଭାରତ ପାଇଁ ବି-୧.୬୧୭.୨ ନ୍ୟୁଟାଣ୍ଟ ଭୂତାଣୁ ପାଇଁ 'ଡେଲ୍‌ଟା' ନାମକରଣ କରାଯାଇଛି । ସେହିପରି ବ୍ରାଜିଲ ପାଇଁ 'ଗାମା', ଇଂଲଣ୍ଡ 'କାପା', ଦକ୍ଷିଣଆଫ୍ରିକା ପାଇଁ 'ବିଟା' ଆଉ କାହା ପାଇଁ 'ଜିଟା', 'ଇଟା', 'ଫିଟା' ଓ 'ଲୋଟା' ଏହିପରି ଦେଶ ନେଇ ବିଭିନ୍ନ ନାମକରଣ କରାଯାଇଛି । ଏସବୁ କରୋନା ଭେରିଆଣ୍ଟ ବା ନ୍ୟୁଟାଣ୍ଟର ଗୋଟିଏ ଗୋଟିଏ ନାଁ । ଏହି ନାଁ ଗୁଡ଼ିକ ଗ୍ରୀକ୍ ବର୍ଣ୍ଣମାଳାରୁ କ୍ରମାନ୍ୱୟରେ ଅଣାଯାଇ ନାମକରଣ କରାଯାଇଛି । ଏସବୁ ବିଚାର କଲେ ଆମେ ନିଶ୍ଚୟ କହିବା ଯେ ଟିକା ନେବା ସତ୍ତ୍ୱେ ଆମେ ନିରାପଦ ନୋହୁଁ ଏବଂ ଟିକା ଉପରେ ସଂପୂର୍ଣ୍ଣ ନିର୍ଭର କରିବା ଏକ ନିର୍ବୋଧତା ।

ଉପସଂହାରରେ ଏତିକି କୁହାଯାଇପାରେ ଯେ, କେବଳ ସଚେତନତା, ସଙ୍ଗରୋଧ, ସାମାଜିକ ଦୂରତା ବଜାୟ ରଖିବା, ମାସ୍କ ପିନ୍ଧିବା ଏବଂ ସରକାର ଯେଉଁସବୁ ନିୟମ ଯଥା- ଲକ୍‌ଡାଉନ୍, ସଟ୍‌ଡାଉନ୍, କଣ୍ଟେନ୍‌ମେଣ୍ଟ ଜୋନ୍ ଆଦି ଯାହା ସବୁ କରିଛନ୍ତି କେବଳ ଆମରି ହିତାର୍ଥେ । ଆମେ ସେସବୁକୁ ମାନିବାକୁ ବାଧ । ମନେରଖିବା କଥା ଯେ ମାସ୍କ ବ୍ୟବହାର ଦ୍ୱାରା ଶତକଡ଼ା ୮୦ ଭାଗ ଆମେ କରୋନାଠାରୁ ଦୂରେଇ ପାରିବା । ଅଥବା ଯଦି ସଂପୂର୍ଣ୍ଣ ଭାବରେ କରୋନା ନଥିବା ଅଂଚଳକୁ ଦ୍ୱୀପାନ୍ତର ହୋଇଯିବା ତାହାହେଲେ ମୁକ୍ତି ମିଳିପାରେ । ଏଣୁ ଟିକା କେବେ ସଞ୍ଜୀବନୀ ନୁହେଁ । ଅନ୍ୟପକ୍ଷରେ ଉପରୋକ୍ତ ସାଧନମାନେ ରୋଗ ବା ରୋଗୀ ଠାରୁ ଦୂରେଇ ରହିବାରେ ଦେଉଛନ୍ତି ସୁଚିନ୍ତିତ ଉପାୟ । ଏହା ସହିତ ଆଉ ଗୋଟିଏ କଥା ହେଲା - ଘରେ ରୁହନ୍ତୁ, ସୁସ୍ଥ ରୁହନ୍ତୁ ଏବଂ ନିରାପଦ ରୁହନ୍ତୁ । ଅମାନିଆ ହୁଅନ୍ତୁ ନାହିଁ, ଗହଳିକୁ ଯାଆନ୍ତୁ ନାହିଁ କି ନିଜକୁ କରୋନାର ଶୀକାର ହେବାକୁ ଦିଅନ୍ତୁ ନାହିଁ ।

'ସର୍ବେ ଭବନ୍ତୁ ଶୁଖିନଃ, ସର୍ବେ ସନ୍ତୁ ନିରାମୟା

ସର୍ବେ ଭଦ୍ରାଣି ପଶ୍ୟନ୍ତୁ, ମା' କଶ୍ଚିତ୍ ଦୁଃଖଭାଗ୍ ଭବେତ୍ ।'


+ ଅଧକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ: ପାଠାଗାର, ବିକାଶନଗର, ଜଟଣୀ, ମୋ: ୯୯୩୮୩୪୪୧୩୮


## ବିଶ୍ୱରୁ ଦଶବ୍ୟାଧି ନିରାକରଣ ଏକ ପ୍ରୟାସ



ଭାଗିରଥୀ ସ୍ୱାଇଁ

ପୃଥିବୀ ପୃଷ୍ଠରେ ସୃଷ୍ଟ ରୋଗ ବ୍ୟାଧିର ସଫଳ ଉପଚାର ପାଇଁ ବୈଜ୍ଞାନିକମାନଙ୍କ ଦ୍ୱାରା ଗବେଷଣା ଅବ୍ୟାହତ ରହିଛି। ମାତ୍ର କେବଳ ବସନ୍ତ ରୋଗ ବ୍ୟତୀତ ଅନ୍ୟ କୌଣସି ବ୍ୟାଧି ନିରାକରଣର ସଫଳତା ସମ୍ଭବପର ହୋଇପାରିନାହିଁ। ତଥାପି ଅନବରତ ଗବେଷଣା ଜାରିରହିଛି। ସାମ୍ପ୍ରତିକ ସମୟରେ ଚିକିତ୍ସା ବିଜ୍ଞାନୀମାନେ ଦୃଢ଼ ଆଶା ରଖି ଗବେଷଣା ରତ। ମାତ୍ର ଭାରତବର୍ଷରେ ଡ଼ାକ୍ତରୀ ଗବେଷଣା ପାୟ ବନ୍ଦ ହେବାକୁ ବସିଲାଣି। ନୂତନ ଔଷଧର ଗୁଣାତ୍ମକ ମାନ ନିର୍ଣ୍ଣୟ ଗବେଷଣାଗାରରେ ରଖାଯାଉଥିବା ଜୀବନମାନଙ୍କ ଠାରେ ପ୍ରୟୋଗ କରି ସ୍ଥିରୀକୃତ ହୋଇଥାଏ। ବର୍ତ୍ତମାନ ସରକାର ଏପରି ପରୀକ୍ଷା ଉପରେ କଟକଣା ଲଗାଇଛନ୍ତି। ଜୀବମାନଙ୍କୁ ଯନ୍ତ୍ରଣା ଦେବା ଅନୁଚିତ୍ - ଏହା ହେଉଛି ଯୁକ୍ତି। ଯେଉଁ ଦେଶରେ ଦାରିଦ୍ର୍ୟ ସୀମାରେଖା ତଳେ ୮୦ ଭାଗ ବ୍ୟକ୍ତି ରହିଛନ୍ତି। ଜୀବଜନ୍ତୁମାନଙ୍କୁ ଉନ୍ନତ ଯତ୍ନ ପ୍ରଦାନ ଏକ ଆପେକ୍ଷିକ ପ୍ରଶ୍ନ। ଯେଉଁ ଦଶବ୍ୟାଧି ନିରାକରଣ କରିବା ପାଇଁ ପ୍ରୟାସ ଚାଲିଛି, ସେଗୁଡ଼ିକ ହେଉଛି -

(୧) ପୋଲିଓ, (୨) ଗିନିୱାର୍ମରୋଗ (୩) ମିଳିମିଳା, (୪) ଲିମ୍ଫାଟିକା ଫାଇଲେରିଆ (୫)ରିଭରବ୍ଲାଇଣ୍ଡ , (୬) ଟ୍ରାକୋମା, (୭) କୁଷ୍ଠରୋଗ, (୮) ଜଣ୍ଡିସ (୯) ଟିଟାନସ ଏବଂ (୧୦) ଆୟୋଡ଼ିନ ଅଭାବ ଜନିତ ରୋଗ।

(୧)ପୋଲିଓ :- ଏହା ଏକ ଭୂତାଣୁ ଜନିତ ରୋଗ। ସ୍ନାୟୁ ଓ ମସ୍ତିଷ୍କରେ କୋଷଗୁଡ଼ିକୁ ନଷ୍ଟ କରିଦିଏ। ରୋଗୀ ଅକ୍ଷମ ହୋଇଯାଏ। ୧୯୮୮ ମସିହାରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲିଡ) ଏହି ରୋଗର ନିରାକରଣ ପାଇଁ ସେବିନ୍ ପୋଲିଓ ଟୀକା ସବୁ ଶିଶୁମାନଙ୍କୁ ଦେବା ଫଳରେ ରୋଗର ପ୍ରାଦୁର୍ଭାବ ୯୫ ପ୍ରତିଶତ କମିଯାଇଛି। ପ୍ରତ୍ୟେକ ଶିଶୁକୁ ଏହି ଟୀକାର ପରିସରଭୁକ୍ତ କରିପାରିଲେ ନିରାକରଣ ସମ୍ଭବ ହୋଇପାରିବ।

(୨)ଗିନିୱାର୍ମ - ଏହା ଗୋଟିଏ ପରଜୀବି ରୋଗ। ଲମ୍ବା ଏକ ମିଟର। ଆଫ୍ରିକାରେ ଦେଖାଯାଏ। ଏହାର ଟୀକା କିମ୍ବା ଔଷଧ ନାହିଁ। ଏହା ପିଇବା ପାଣି ମାଧ୍ୟମରେ ସଂକ୍ରମଣ ହୋଇଥାଏ।

(୩) ମିଳିମିଳା - ଏହା ଏକ ଭୂତାଣୁ ଜନିତ ରୋଗ। ଜ୍ୱର ଓ ବିନ୍ଧା ହୁଏ, ଦେହସାରା ଫଳିଯାଏ। ବର୍ତ୍ତମାନ ଆମେରିକା ବ୍ୟତୀତ ବିଶ୍ୱର ଅନ୍ୟ ସବୁ ଦେଶରେ ଏହାର ପ୍ରାଦୁର୍ଭାବ ରହିଛି। ଏହି ଭୂତାଣୁ ଅତ୍ୟନ୍ତ ସଂକ୍ରାମକ ହୋଇଥିବାରୁ ଏହାର ନିରାକରଣ କଷ୍ଟ ସାଧ। ଟୀକା ମାଧ୍ୟମରେ ପ୍ରତ୍ୟେକ ବ୍ୟକ୍ତିଙ୍କର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିପାରିଲେ ନିରାକରଣ ସମ୍ଭବ ହୋଇଥାଏ।

(୪) ଲିମ୍ଫଟିକ୍ ଫାଇଲେରିଆ :- ଏହି ରୋଗ ଓଡ଼ିଶା ଓ ଭାରତବର୍ଷର ସମୁଦ୍ର କୂଳବର୍ତ୍ତୀ ଅଞ୍ଚଳରେ ଦେଖାଦେଇଥାଏ। ଏହା ପରଜୀବି ଜନିତ ମଶା ମାଧ୍ୟମରେ ସଂକ୍ରମିତ ହୋଇଥାଏ। ଏସିଆ ଆଫ୍ରିକା ଓ ଦକ୍ଷିଣ ଆମେରିକାରେ ଏହାର ପ୍ରାଦୃଭାବ ବେଶୀ

(୫) ରିଭର ବ୍ଲାଇଣ୍ଡ :- ଏହା ଗୋଟିଏ ପରିଜୀବି ରୋଗ। ରୋଗୀ ଅନ୍ଧ ହୋଇଥାଏ। ଆଫ୍ରିକା ଓ ଲାଟିନ୍ ଆମେରିକାରେ ଏହା ସଂକ୍ରାମକ ରୂପେ ଦେଖା ଦେଇଥାଏ। କଳା ମାଛି କାମୁଡ଼ିବା ଦ୍ୱାରା ସଂକ୍ରମଣ ହୋଇଥାଏ। ଏହାକୁ ଅଙ୍କୋସରସିଆସିସ୍ କୁହାଯାଏ। ୧୯୮୭ ମସିହାରେ ମର୍କ ନାମକ ଔଷଧ କମ୍ପାନୀ ମେକ୍ଟିଜାନ ନାମକ ଔଷଧ ବ୍ୟବହାର କରି ସଫଳତା ପାଇଛନ୍ତି।

(୬) ଟ୍ରାକୋମା - ଏହା ଗୋଟିଏ ଜୀବାଣୁ ଜନିତ ରୋଗ। ଏହା ଦ୍ୱାରା ଦୃଷ୍ଟି ଶକ୍ତି ନଷ୍ଟ ହୋଇଥାଏ। ଏହା ମୁଖ୍ୟତଃ ଏସିଆ, ଆଫ୍ରିକା, ଦକ୍ଷିଣ ଆମେରିକା ଓ ଅଷ୍ଟ୍ରେଲିଆରେ ଦେଖାଯାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ବିବରଣୀ ଅନୁଯାୟୀ ଉପଯୁକ୍ତ ଆଣ୍ଟିବାୟୋଟିକ୍ ଚିକିତ୍ସା ଦ୍ୱାରା ୧୫ ଭାଗ ଅନ୍ଧତ୍ୱ ପ୍ରତିରୋଧ ହୋଇଥାଏ ବୋଲି କୁହାଯାଇଛି। କିନ୍ତୁ ଟେଟ୍ରାସାଇକ୍ଲିନ୍ ଓ ଆଜିଥ୍ରୋମାଇସିନ୍ ବ୍ୟବହାର ଦ୍ୱାରା ଦୃଷ୍ଟିଶକ୍ତି ରକ୍ଷା ହୋଇପାରିବ ଏଥିରେ ଦ୍ୱିମତ ନାହିଁ।

(୭)କୁଷ୍ଠରୋଗ :- ଏହା ଏକ ଜୀବାଣୁ ଜନିତ ରୋଗ। ଏହି କଦାକାର ରୋଗକୁ ନୂତନ ଫଳପ୍ରଦ ଔଷଧ ଦ୍ୱାରା ଚିକିତ୍ସା କରି ନିରାକରଣ କରାଯାଇପାରିବ। ୭୦ ପ୍ରତିଶତ ରୋଗୀ ଭାରତ, ମିଆଁମାର ଓ ନେପାଳରେ ଅଛନ୍ତି। ମନୁଷ୍ୟ ବ୍ୟତୀତ ଆମାଡ଼ିଲୋ ଓ ଅନ୍ୟ ଜୀବଜନ୍ତୁ ଏହି ଜୀବାଣୁର ବାହାକ।

(୮)ହେପାଟାଇଟିସ୍-ବି (ଜଣ୍ଡିସ୍) - ଏହା ଏକ ଭୂତାଣୁ ଜନିତ ରୋଗ। ଏହା ଦ୍ୱାରା ଲିଭର କ୍ୟାନସର ହେବାର ସମ୍ଭାବନା ଥାଏ। ବିଶ୍ୱର ସବୁ ଦେଶରେ ଦେଖାଯାଏ କିନ୍ତୁ ଏସିଆ ଓ ଆଫ୍ରିକାରେ ହାର ପ୍ରଭାବବେଶୀ। ଏହି ଭୂତାଣୁ ମା' ଠାରୁ ନବଜାତ ଶିଶୁକୁ। ଅସୁରକ୍ଷିତ ଯୌନ ସଂପର୍କ ସ୍ଥାପନ, ଅଶୁଦ୍ଧ ଇଂଜେକ୍ସନ ଛୁଞ୍ଚ ମାଧ୍ୟମରେ ସଂକ୍ରମିତ ହୋଇଥାଏ। ଏହାର ଆରୋଗ୍ୟ ନାହିଁ। ମାତ୍ର ଟୀକା ଦ୍ୱାରା ପ୍ରତିରୋଧ ସମ୍ଭବପର।

(୯) ମା ଓ ଶିଶୁ ଟିଟାନସ୍ :- ଏହା ଏକ ଜୀବାଣୁ ଜନିତ ରୋଗ। ମାଂସପେଶୀର ସଂକୋଚନ ଏହାର ଲକ୍ଷଣ। ପ୍ରତିବର୍ଷ ୨ ଲକ୍ଷ ୧୫ ହଜାର ଶିଶୁ ଓ ୩୦ହଜାର ମାଆ ଏହି ରୋଗରେ ମୃତ୍ୟୁବରଣ କରନ୍ତି ବୋଲି ୟୁନିସେଫ୍ ରିପୋର୍ଟ କୁହେ। ଏହି ଜୀବାଣୁ ମାଟିରେ ରୁହନ୍ତି। ଗର୍ଭାବସ୍ଥାରେ ଏହି ରୋଗର ଟୀକା ଓ ନବଜାତ ଶିଶୁ ନାଡ଼ର ଯତ୍ନ ରୋଗର ନିରାକରଣ ପନ୍ଥା।

(୧୦)ଆୟୋଡ଼ିନ୍ ଅଭାବ ଜନିତ ରୋଗ :- ଆୟୋଡ଼ିନ୍ ଅଭାବରୁ ମସ୍ତିଷ୍କ ଓ ସ୍ନାୟୁ ଦୁର୍ବଳ ହୋଇଥାଏ। ଦେଢ଼ ମିଲିୟନ୍ ଲୋକଙ୍କର ଖାଦ୍ୟରେ ଆୟୋଡ଼ିନ୍ ଅଭାବ ରହିଥାଏ। ଏହାର ନିରାକରଣ ପାଇଁ ଆୟୋଡ଼ିନ୍ ଲୁଣ ଆବଶ୍ୟକ। ଏହି ଦଶଟି ବ୍ୟାଧି ବିଶ୍ୱରୁ ନିରାକରଣ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ନିରନ୍ତର ପ୍ରୟାସ ଜାରି ରଖିଛି। ଜନସାଧାରଣଙ୍କ ସହଯୋଗ, ସରକାରଙ୍କ ଆନ୍ତରିକତା ଓ ଯୋଜନା କାର୍ଯ୍ୟକାରୀ କରୁଥିବା ସଂସ୍ଥା ସମୂହର ମିଳିତ ପ୍ରୟାସ ଅନିବାର୍ଯ୍ୟ।


+ମୋ-୯୪୩୮୦୪୦୮୭୧


## କବିତା କୋଣାର୍କ

### ସିରସ୍ତାରେ ଶିହରଣ...



ମିହିର କାନ୍ତି ଦାଶ

ଅଚଳ ଆକାଶ ଲଂଘେ, ଅତଳେ ସମୁଦ୍ର ତାପେ
ମାପିବାର ହୃଦୟ ଯେ ବକ୍ଷେ ବକ୍ଷେ କମ୍ପେ
ଯା' ଧାରକରା ମନ ଉହାଡରେ ଉଡେ ରକ୍ତ ସ୍ରୋତ ଧାଏଁ
ଧାଇଁବାର ବିଜନ ବେଳା ବୟସାନ୍ତେ ଲକ୍ଷ୍ୟ ଭେଦେ ।

ହଁ ତୁ କାହୁଁ ଥାଉରେ ଭଅଁର, ପ୍ରଜାପତି ମେଳଣରେ ଥାଏ
କେହି କେହି ପରତରେ ପ୍ରୀତି ପର୍ବେ ପର୍ବେ ଭ୍ରକେମ
ଭ୍ରମିବାର ମଧୁମିଷ୍ଟ ଅସ୍ୱାଦ ଯେ ତୋର କେଳି କୁଞ୍ଜେ ଥାଏ
ତୁ କାହୁଁ ଥାଉ ଲୋ ସାଧବାଣୀ, ଚଇତରେ ପୁନେଇ ଯେ ଆଣ ବାନ୍ଧୁଥାଏ ।

କେଉଁ କଥା କହିବିରେ ସଙ୍ଗାତ, ମଇତ୍ର ମୋହର
ମରମ ଯେ ଚରମରେ ନିଆଁ ସେକା ଆଖିରେ ଚାତକ
ଭଳିକି ଭୋଦେଇ ପାଗେ, ନିଆଁ ସେକା ତାର ଓଠ ମାପୁଥାଏ
ଆଖିରେ କଜ୍ଜ୍ୱଳ, ଅନ୍ଧାରକୁ ନିଶାମିଶା, ସାଧବାଣୀ ଲାଜବନ୍ତି ବେଳା
ଭୋଗୁଥାଏ ।

ଏ ବେଳରେ ଅଶିହଣ ସିରସ୍ତାରେ ଶିହରଣ ତେଜି
କେହି ଏ ପୃଥ୍ୱୀ ବକ୍ଷେ ବେଳା ପାରେ ମନ୍ଥନକୁ ତେଜି ।।


+ ବିଡିଏ କଲୋନୀ- ୧,୮/୧୩, ସିଏସ୍ ପୁର, ଭୁବନେଶ୍ୱର
(ମୋ) ୯୧୧୭୬୧୦୫୧୭


## କବିତା କୋଣାର୍କ

### ମୂଲିଆ ବନ୍ଧୁ

ମହମ୍ମଦ ହନିଫ୍ ସାହା



ଦୁନିଆରେ ସଭିଁଏ କରଥାଆନ୍ତି
ପେଟ ପାଇଁ କେତେ ନାଟ
ବିଚରା ନିରୀହ ମୂଲିଆ ବନ୍ଧୁ ଟି
ପାଇ ଥାଏ ଭାରି କଷ୍ଟ ।।

କସାଁଏ ପଖାଳ ଖଣ୍ଡିଏ ପିଆଜ
ନିତି ସକାଳର ସାଥି
ଦିନ ସାରା ଶ୍ରମ ଯନ୍ତ୍ରଣାକୁ ସିଏ
ସହିଯାଏ ମଥାପାତି ।।

କର୍ମ କ୍ଷେତ୍ରେ ରୂପ ତା' ଅଚିହ୍ନା ଲାଗେ
ଧୂଳିମଳି ହୋଇଥାଏ
ପାଶୋରେ ରୂପ ଚିନ୍ତା ସଂସାର ପାଇଁ
ବଡ଼ ସ୍ୱପ୍ନ ଦେଖୁଥାଏ ।।

ଫୁଟି ଉଠେ ମୁହେଁ ହସର ଫୁଆର
ଅର୍ଜିତ ଟଙ୍କାକୁ ପାଇ
ଇସ୍ତ୍ରୀ, ପିଲା ବରାତୀ ଜିନିଷ କିଣେ
ସଅଳେ ବଜାରୁ ଧାଇଁ ।।

ଗରିବ ଥାଇବି ମହାନ ଅଟେ ସେ
ପ୍ରଗତିରେ ତା'ର ହାତ
ଘୃଣାଭାବ ଭୁଲି ଖୁସିରେ ତା'ସାଥେ
ବସିବା ଆସରେ ମିତ ।।

ଆହୁରି ଶସକ୍ତ କରନ୍ତୁ ଈଶ୍ୱର
ଶରୀର ଟିକୁ ତୋ'ହର
କହୁଛି ମୁଁ ଅନ୍ତରୁ ମୂଲିଆ ଜାତି
ଜିନ୍ଦାବାଦ ବାର ବାର ।।


+ ନୂଆଗାଁ, ଧାମନଗର, ଭଦ୍ରକ
ମୋ : ୯୭୭୬୦୯୦୮୨୪


### କଳାହାଣ୍ଡିର କାଶ୍ମୀର କାନ୍ଦୁଛି

ଭାଗୀରଥି ସାଗର



ମୁଁ କଳା ମାଟିର କାଶ୍ମୀର
କନକ ପୂର୍ଣ୍ଣ ମୋ ଶିର ।
ସକଳ ପ୍ରକୃତି ସୌନ୍ଦର୍ଯ୍ୟ
ମଣ୍ଡିତ ମୋ କଳେବର
ମୁଁ ଥୁଆ ମୂଳ ରାମପୁର
ଭାବୁକଙ୍କ ସହୋଦର
ମତୁଆଲ ମୋ ପାଇଁ କବି
ମୋ ସହ ବାନ୍ଧେ ମିତ୍ର ।
ମୁଁ କରଲା ପାଟ ଅରଣ୍ୟ
ଜାଖମର ଜନନୀ
ମୋ ଅଧିବାସୀ ଶୃଙ୍ଖଳିତ
ସରଳ ସ୍ୱାଭିମାନୀ ।
ମୋ ଗର୍ଭ ଖୋଳି ନିଷ୍ଠୁର,କ୍ରୁର
ଫେକ୍ଟ୍ରୀ ପାଇଁ ବ୍ୟସ୍ତ
ମୋ ସାମ୍ନାରେ ମୋର ସନ୍ତାନ
ହୁଅଇ ବିସ୍ଥାପିତ ।
କଞ୍ଚାମାଲ ଅପହରଣ
ପୁଣି ଖୋଲୁଛି ଖଣି
ମୋତେ ଜଗିଥିବା ଛୁଆଙ୍କୁ
ଛଡ଼ାଇ ନିଏ ତା ପାଣି ।
ଘଉଡାଉଛି ବାସସ୍ଥଳୀ ଠୁ
ଏଠି ରହେ ପିଢ଼ି ପିଢ଼ି
ପାଏ ନି ଜମି ପଟ୍ଟା ବହି
ଶୁଣୁ ନି କେହି ତା ରଡ଼ି ।
ମୁଁ କାନ୍ଦୁଛି କଇ କାଇ ମୋ
ଛୁଆ ରହୁ ସୁରକ୍ଷିତ
ମୋ ଟେକ ରଖି ରହୁ ଏଠି
ପାଇ ସବୁ ମହତ ।


+ ଡାଲ ଗୁମା,କୋକସରା,କଳାହାଣ୍ଡି
ମୋ୯୩୩୭୬୨୪୮୯୯


### ଘଡ଼ି

ପ୍ରିୟଦର୍ଶନୀ ମହାପାତ୍ର

ତିନୋଟି କଣ୍ଟାରେ ସଜାଡ଼ି ଘର
ବାଟ ଚାଲିଥାନ୍ତି ପ୍ରହର ପ୍ରହର ।।
କେହି କାହା ବାଟେ ନସାଜି ବାଧା
କହିଦଉ ଥାନ୍ତି ସମୟ ସିଧା ।।

ଛୋଟ କଣ୍ଟା ବୋଲି ଯାଉଛି ଧୀରେ
ଆଉ ଦୁଇ ବନ୍ଧୁ ତାର ଆଗରେ । ।
ସେକେଣ୍ଡ କଣ୍ଟାଟି ଆଗରେ ଯାଇ
ମିନିଟ୍ କଣ୍ଟାକୁ ଦିଏ ବୁଲାଇ ।।

ଗୋଟିଏ କଥା ମୁହଁରେ ସବୁରି
କାମ କର ଶୀଘ୍ର ନକରି ଡେରି ।।


+ (ଶିକ୍ଷୟିତ୍ରୀ) ଜୟଦେବ ବିହାର
ଭୁବନେଶ୍ୱର









## କାର୍ତ୍ତିକ ସାଇଁ

### ବିଜ୍ଞାନ ଟୁଙ୍କି - ୪୫ (ଶେଷଭାଗ)

# ଆନ୍ତର୍ଜାତିକ ମହାକାଶ ଷ୍ଟେସନ (୨)



ବିଂଶ ଶତାବ୍ଦୀର ଶେଷ ଭାଗକୁ ପୃଥିବୀର ରାଜନୀତିରେରର ଅନେକ ପରିବର୍ତ୍ତନ ଘଟିଥିଲା। ଆଗରୁ ଥିଲେ ଦୁଇଟି "ମହା ଶକ୍ତିଶାଳୀ ରାଷ୍ଟ୍ର ବା ସୁପର ପାୱାର। ସେମାନେ ଥିଲେ ଯୁକ୍ତରାଷ୍ଟ୍ର ଆମେରିକା ଓ ସୋଭିଏତ ସଂଘ। ମାତ୍ର ସୋଭିଏତ ସଂଘର ବିଭାଜନ ପରେ ଏହାକୁ ଆଉ ସୁପର ପାୱାର ଆଖ୍ୟା ମିଳିଲାନି। ଋଷିଆର ଅର୍ଥନୀତି ଦୁର୍ବଳ ଥିଲା। ଏଇ ସୁଯୋଗରେ ଆମେରିକାର ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟସ ବିଶ୍ୱର କିଛି ଦେଶ ଓ ଋଷିଆ ସହିତ ବୁଝାମଣା କରି ପୃଥିବୀ ପକ୍ଷରୁ ଆନ୍ତର୍ଜାତିକ ମହାକାଶ ଷ୍ଟେସନ ଗଠନ କାମରେ ସାହାଯ୍ୟ କଲେ। ଆମେରିକା, ଜାପାନ, ଋଷିଆ, ଇଉରୋପ ଓ କାନାଡ଼ା ଏ ଦିଗରେ କାମ ଆରମ୍ଭ କଲେ। ଆନ୍ତର୍ଜାତିକ ମହାକାଶ ଷ୍ଟେସନର ମୂଳଧାର ଥିଲା ଆମେରିକାର ମହାକାଶ ଷ୍ଟେସନ-ଫ୍ରିଡସ।

ଆଇଏସଏସକୁ ଦୁଇଟି ଭାଗରେ ବିଭକ୍ତ କରାଯାଇଥିଲା। ଗୋଟିଏ ଅଂଶ ଥିଲା ଋଷିଆର-ଋଷିଆ ଅରବିଟ୍ ସେଗ୍‌ମେଣ୍ଟ। ଏହା ଋଷିଆର ନିୟନ୍ତ୍ରଣରେ ଥିଲା। ଦ୍ୱିତୀୟ ଭାଗଟି ଆମେରିକାର ନିୟନ୍ତ୍ରଣରେ ଥିଲା ଯେଉଁଠି ପୃଥିବୀର ଅନେକ ଦେଶରୁ ମହାକାଶ ଯାତ୍ରୀମାନେ ଯାଇ ରହିପାରୁଥିଲେ ଓ ପରୀକ୍ଷଣ କରି ପାରୁଥିଲେ।

ଆଇଏସଏସର ପ୍ରଥମ ଭାଗଗ ୧୯୯୮ରେ ମହାକାଶକୁ ଛଡ଼ାଯାଇଥିଲା। ତାପରେ ଧୀରେ ଧୀରେ ଅନ୍ୟ ଅଂଶ ସବୁକୁ ସେଠାକୁ ନିଆଯାଇ ...ର ଗଠନ କାମ କରାଯାଇଥିଲା। ନଭେମ୍ବର ମାସ ୨୦ ତାରିଖ, ୧୯୯୮ରେ ମହାକାଶକୁ ଉତ୍‌କ୍ଷେପିତ ହୋଇଥିବା ଏହି ମହାକାଶଯାନ ଏ ପର୍ଯ୍ୟନ୍ତ ମହାକାଶରେ ୨୧ବର୍ଷ ୯ ମାସରୁ ଅଧିକ ସମୟ ମହାକାଶରେ ଅଛି ଓ ଏହା ଆହୁରି ଅନେକ ବର୍ଷ କାର୍ଯ୍ୟ କରିବ।

ଆନ୍ତର୍ଜାତିକ ମହାକାଶ ଷ୍ଟେସନର ଲକ୍ଷ୍ୟ: ପ୍ରାରମ୍ଭିକ ଅବସ୍ଥାରେ ଆନ୍ତର୍ଜାତିକ ମହାକାଶ ଷ୍ଟେସନରେ ବିଭିନ୍ନ ବୈଜ୍ଞାନିକ ଗବେଷଣାର ଯୋଜନା ଥିଲେ। ସେଥିମଧ୍ୟରୁ ଗୋଟିଏ ଥିଲା ମାଇକୋ ଗ୍ରାଭିଟ୍ ପରୀକ୍ଷଣ। ପୃଥିବୀ ପୃଷ୍ଠରୁ ଦୂରରେ ଥିବା ମହାକାଶ ଯାନ ଉପରେ ପୃଥିବୀର ମାଧ୍ୟାକର୍ଷଣ ଶକ୍ତିର ପ୍ରଭାବ ବହୁତ କମ୍ ଥାଏ। ଏହି ପରିସ୍ଥିତି ବିଭିନ୍ନ ପରୀକ୍ଷଣ ସମ୍ଭବ ହୋଇଥାଏ ଯାହା ପୃଥିବୀ ପୃଷ୍ଠରେ ସମ୍ଭବ ହୋଇନଥାଏ। ବିସ୍ତୃତ୍ୱ ବିଜ୍ଞାନ, ଜୈବ ବିଜ୍ଞାନ ଆଦି କ୍ଷେତ୍ରରେ ଏ ସବୁ ପରୀକ୍ଷଣର ଆବଶ୍ୟକତା ଥିଲା। ଦ୍ୱିତୀୟ ପରୀକ୍ଷଣ ଥିଲା ମହାକାଶ ପରିବେଶ ଉପରେ। ମହାକାଶର ପରିବେଶ ଓ ପୃଥିବୀରର ପରିବେଶ ସମାନ ନୁହେଁ। ମହାକାଶ ପରିବେଶକୁ ବୁଝିବା ଓ ସେଥିରେ ରହିବା ଲାଗି ଅନେକ ପରୀକ୍ଷଣ କରାଯାଇଛି।

ମଣିଷ ସୌର ମଣ୍ଡଳର ବିଭିନ୍ନ ଅଂଶକୁ ଯାନ ପଠାଇବାକୁ ଚାହୁଁଛି ଓ ଅନ୍ୟ ଗ୍ରହ ଉପଗ୍ରହକୁ ଯିବାକୁ ଚାହୁଁଛି। ଏହି ଦିଗରେ ଆଇଏସଏସରେ ଅନେକ ପରୀକ୍ଷଣ ଓ ଅନୁଧ୍ୟାନର ଲକ୍ଷ୍ୟ ରଖାଯାଇଥିଲା।

ଦୀର୍ଘ ୨୧ ବର୍ଷରୁ ଅଧିକ ସମୟ ଆନ୍ତର୍ଜାତିକ ମହାକାଶ ଷ୍ଟେସନ ତ୍ରିଶଂକୁରର ସ୍ୱର୍ଗ ପରି କାମ କରୁଛି ଓ ମଣିଷର ଜ୍ଞାନ ଭଣ୍ଡାରକୁ ସମୃଦ୍ଧ କରୁଛି। ପୃଥିବୀର ଅନେକ ଦେଶର ଲୋକ ସେହି ଷ୍ଟେସନକୁ ଯାଇଛନ୍ତି ଓ ମହାକାଶ ସଂପର୍କୀତ ପରୀକ୍ଷଣ ଓ ଅଧ୍ୟୟନରେ ଅଂଶ ଗ୍ରହଣ କରିଛନ୍ତି। ଏ କଥା ପ୍ରମାଣିତ ହୋଇଛି- ମହାକାଶ ସମସ୍ତଙ୍କର ଓ ଏହା ସମସ୍ତଙ୍କ ହିତରେ ରହିବ।

ଆଜି ମହାକାଶରେ ମଣିଷ ତିଆରି ଅନେକ ଉପଗ୍ରହ ଓ ମହାକାଶ ଷ୍ଟେସନ ଅଛନ୍ତି। ଚୀନ ମଧ୍ୟ ନିଜର ଏକ ମହାକାଶ ଷ୍ଟେସନ ସଫଳତା ସହିତ ନିର୍ମାଣ କରି କାର୍ଯ୍ୟକାରୀ କରିଛି। ଭାରତ ଭବିଷ୍ୟତରେ ନିଜର ମହାକାଶ ଷ୍ଟେସନ କଥା ଚିନ୍ତା କରିଛି। ତେବେ ସବୁଦେଶ ମିଳିତ ଭାବରେ ଆନ୍ତର୍ଜାତିକ ମହାକାଶ ଷ୍ଟେସନର ପରିକଳ୍ପନା କରିବା ଭଲ।

ପ୍ରିୟ ପାଠକ-ମହାକାଶ ରହସ୍ୟର ଗନ୍ତାଘର। ମହାକାଶରେ ମଣିଷର ଜୟଯାତ୍ରା ଅବ୍ୟାହତ ରହିବ। ମୁଁ ଆଶା କରୁଛି ମୋର ବକ୍ତବ୍ୟ ଆପଣମାନଙ୍କ ମହାକାଶ ବିଜ୍ଞାନର କିଛି କଥା ବୁଝିବାରେ ସାହାଯ୍ୟ କରିଥିବ। ଧନ୍ୟବାଦ। (ସମାପ୍ତ)

+ ମୋ: ୯୯୮୦୩୦୦୭୫୧

## କବିତା
ତୁମ ପାଇଁ

### ଝୁମୁରୁ ଝୁମୁରୁ ଝୁମୁରୁ ଝାଇଁ

ସୁବ୍ରତ ମଲିକ



ଝୁମୁରୁ ଝୁମୁରୁ ଝୁମୁରୁ ଝାଇଁ
କୁନା ମୁନା ସବୁ ଆସରେ ଧାଇଁ
ବାନ୍ଧିବା ଗଛରେ ଦୋଳି,
ଓଡ଼ିଆ ପରବ ରଜ ଆସିଲାଣି
ଦେଇ ଶୁଭ ହୁଳହୋଳି ।।

ଝୁମୁରୁ ଝୁମୁରୁ ଝୁମୁରୁ ଝାଇଁ
ରଜ ଗୀତ ଗୋଟେ ଶିଖିବା ଗାଇ
ଗାଇବା ଝୁଲିଲା ବେଳେ,
ନାଚିବା ଝୁମିବା ମଉଜ କରିବା
ନିଜ ସାଙ୍ଗସାଥି ମେଳେ ।।

ଝୁମୁରୁ ଝୁମୁରୁ ଝୁମୁରୁ ଝାଇଁ
ରଜ ପାନ ଖଣ୍ଡେ ପାଟିରେ ନାଇ
ବୁଲିବା ଗାଆଁଟି ସାରା,
ପବନେ ଛୁଟିବ ସଜ ପୋଡ଼ ପିଠା
ମିଠା ମହକର ଧାରା ।।

ଝୁମୁରୁ ଝୁମୁରୁ ଝୁମୁରୁ ଝାଇଁ
ଘରକୁ ଆସିବେ ମାମୁଁ ଓ ମାଇଁ
ରଜ ଭାର ସାଥେ ଆଣି,
ନବୀନ ପୋଷାକ ବାପା କିଣି ଦେବେ
ଆମରି ମନକୁ ଜାଣି ।।

ଝୁମୁରୁ ଝୁମୁରୁ ଝୁମୁରୁ ଝାଇଁ
ନାନାବିଧ ଖେଳ ଖେଳିବା ଯାଇ
ନିଜ ନିଜ ରୁଚି ମୋତେ,
ତାଆସ ଲୁଡୁଠୁ ବାଗୁଡ଼ିର ଡିଆଁ
ଶିଖିଅଛ ଯିଏ ଯେତେ ।।

ଝୁମୁରୁ ଝୁମୁରୁ ଝୁମୁରୁ ଝାଇଁ
ଆୟୋଜନ କରେ ପ୍ରତିଟି ସାହି
ବାଦୀ ପାଲା ଠିଆ ପାଲା
ଦାସ କାଠିଆ ବି ମନ ମୋହି ନିଏ
ଆସ ହେ ! ଦେଖିବା ବାଲା ।।

+ମଙ୍ଗଳପୁର,ଅସୁରାଳି, ଭଦ୍ରକ
ମୋ: ୭୦୦୮୩୧୫୯୧୬



### ଅଶୀ ବରଷର ବୁଢୀଟା

ସନ୍ତୋଷ କୁମାର ସାହୁ

ଅଶୀ ବରଷର ବୁଢୀଟା
ଦାଣ୍ଡରେ ଚାଲୁଛି ପାଦ ଗଣିଗଣି
ନାକରୁ ବହୁଛି ପବନ ଉଜାଣି
ଧରିଛି ହାତରେ ବାଡିଟା ।

ଅଶୀ ବରଷର ବୁଢୀଟା
ବୟସ ଭାରରେ ଅଂଟା ନଇଁଅଛି
ହାତରେ ବାଡିଟା ଦୋହଲି ବୁଲୁଛି
ବେଳେ ବେଳେ ତା'ର ମୁଣ୍ଡକୁ ଉଠାଇ
ଦେଖେ ବାଟ ଆଉ କେତେଟା ।

ଅଶୀ ବରଷର ବୁଢୀଟା
ଟିକେପରେ ଟିକେ ଥକି ବସିଯାଏ
ମୁଣ୍ଡରୁ ଗାମୁଛା ଆଣି ବିଂଚି ହୁଏ
ଆଖିକୁ ଉଠାଇ ସୂରୂଜକୁ ଚାହେଁ
ଦେଖେ ବେଳ ହେଲା କେତୁଟା ।

ଅଶୀ ବରଷର ବୁଢୀଟା
କୋରଡ ଭିତରେ ଆଖି ପଶିଅଛି
ଚମ ଧୁଡୁଧୁଡୁ ବାଳ ଉଡୁଅଛି
ଛାତିର ଲୁଗାକୁ ସମ୍ଭାଳି ପାରୁନି
ଥରୁଛି ହାଡୁଆ ହାତଟା ।

ଅଶୀ ବରଷର ବୁଢୀଟା
ଜୀବନର ସଜ୍ଞା ଏବେ ବି ଖୋଜୁଛି
ସଂସାର ଶ୍ମଶାନ ଦୁରତା ମାପୁଛି
ବଂଚିବାକୁ ଖାଲି ସଙ୍ଘର୍ଷ ଜରୁରୀ
କହେତା ' ଅଠିଲା ଛେପଟା
ଅଶୀ ବରଷର ବୁଢୀଟା।

+ବିଶୋଳ ,କପ୍ତିପଦା , ମୟୂରଭଂଜ
୯୫୫୬୫୩୧୮୩୦



### ଜେଜେଙ୍କୁ କ୍ଷମା ସେ ମାଗିଲା

ଧିରେନ୍ଦ୍ର ମଲ୍ଲିକ



ଜେଜେ ବାହାରିଲେ ଝୁମ୍ପୁରି ହାଟକୁ
କୁନାକୁ ସାଙ୍ଗରେ ନେଇକି,
ମୁନା କାନ୍ଦିବାରୁ ହାତରେ ତାହାର
କୋଡ଼ିଏଟି ଟଙ୍କା ଦେଇକି,,

ବଡ଼ ଆନନ୍ଦରେ ସାଇକେଲ ଚଢ଼ି
ପହଞ୍ଚିଲେ ଯାଇ ହାଟରେ,
ପରିବା ସଉଦା କିଣିସାରି ଦୁହେଁ
ଆସିଲେ ଆପଣା ବାଟରେ,,

କିଛିବାଟ ଯିବାପରେ ଜେଜେଙ୍କର
କଥାଟେ ପଡ଼ିଲା ମନରେ,
କହିଥିଲା ବୁଢ଼ୀ ଗୁଆ ପାନ ପାଇଁ
ଧିର କଣ୍ଟେ ତାଙ୍କ କାନରେ,,

କହିଲେ ରାଗରେ ନିଆଁଲଗା ମନ
ସବୁକଥା ଭୁଲି ଯାଉଛି,
ହେବା କାମକୁ ମୋ ଅଧାରେ ରଖିକି
କି ଲାଭ ସତେକି ପାଉଛି,,

ଯାଉଛି ଯିବି ମୁଁ ଆଉଥରେ ପୁଣି
କୁନା ରହିଥାଉ ଏଇଠି,
ପଳେଇ ଆସିବି ବହୁତ ଶିଘିର
ଆଉ ରହିବିନି କୋଉଠି,,

କହିଲେ କୁନାକୁ ଯିବୁନି କୁଆଡ଼େ
ଥିବୁ ଏଇଠାରେ ଚାହିଁକି,
ଏକାମୁଁ ଯାଉଛି ଆସିଯିବି ବେଗି
ଦୁଇଜଣ ଯିବା କାହିଁକି ?

ଏହା କହି ଜେଜେ ସାଇକେଲ ଚଢ଼ି
ପୁଣି ଚାଲିଗଲେ ହାଟକୁ,
କୁନା ସେଇଠାରେ ଅପେକ୍ଷା କରିଲା
ଜେଜେଙ୍କ ଫେରିବା ବାଟକୁ,,

କୌଣସି କାରଣ ପାଇଁ ଜେଜେଙ୍କର
ଡେରି ଟିକେ ହୋଇ ଯିବାରୁ,
ପଳେଇଲା କୁନା ଏକା ଏକା ଚାଲି
ବ୍ୟସ୍ତ ଭୟ ମନେ ଥିବାରୁ,,

ଜେଜେ ପହଞ୍ଚିକି ଦେଖିଲେ ସେଠାରେ
ମିଳିଲାନି କୁନା କୋଉଠି,
ଅଧର୍ଯ୍ୟ ଅସ୍ଥିର ହୋଇକି ଖୋଜିଲେ
ସନ୍ଦେହ ହୋଇଲା ଯୋଉଠି,,

ଉଦାସ ମନରେ ଭାବିଲେ ନାତିଆ
ଯାଇଥିବ କାଳେ ଘରକୁ,
ଯାଇ ଦେଖି ଆସେ ମୁହିଁ ତ ଚଣ୍ଡାଳ
ଦୋଷ ଦେବି କାହିଁ ପରକୁ,,

ଘରେ ପହଞ୍ଚିକି ଦେଖିଲେ କୁନାକୁ
ଖେଳୁଥିଲା ସାଙ୍ଗ ମେଳରେ,
କହିଲେ ହଇରେ ବଦମାସ ଟୋକା
ମାତିଛୁ ଏଠିତୁ ଖେଳରେ,,

ମନାକରିଥିଲି ଆସିବାକୁ ଏକା
କହ ତୁ ଆସିଲୁ କାହିଁକି ?
ପଡ଼ିଥାନ୍ତୁ ଯଦି ଚୋରଙ୍କ ହାବୁଡ଼େ
ବୁଦ୍ଧି ଟିକେ ତୋର ନାହିଁକି ?

କିଛି ଅଘଟଣ ଘଟି ଯାଇଥିଲେ
ଦାୟୀ ମତେ କରି ଥାଆନ୍ତେ,
ଯାହା ହେଉ ଭଲେ ଆସି ପହଞ୍ଚିଛୁ
ସାହା ହୋଇଛନ୍ତି ସାଆନ୍ତେ,,

ଜେଜେକଥା ଶୁଣି କୁନା ନେଲା ଜାଣି
ଜେଜେଙ୍କୁ କ୍ଷମା ସେ ମାଗିଲା,
ସେବେଠାରୁ ବ୍ୟସ୍ତ ଭୟ ମନୁ ତେଜି
ସାହସୀ ହେବାକୁ ଲାଗିଲା,,

+ନିଳକଣ୍ଠପୁର,ମଙ୍ଗଳପୁର, ଯାଜପୁର
ଫୋନ-୭୯୦୪୩୯୨୬୮୬

## ପିଲାଙ୍କ ଉପନ୍ୟାସ : ଭାଗ-୭

# ପାଗଳାବାବାଙ୍କ ଟାଇମ୍ ମେସିନ୍

ପୀତାମ୍ବରୀ ଦାଶ



ମାମୁ ତାକୁ ବୁଝାଇବାକୁ ଯାଇ କହିଲେ - ହଁ ତୁ ଠିକ୍ ଭାବିଛୁ। ହେଲେ ବିଶ୍ୱର ନଦୀମାନଙ୍କ କଥା ଚିନ୍ତା ନ କରି ପ୍ରଶ୍ନ କରିଛୁ। ଜାଣୁ ବିଶ୍ୱର ଚିର ସ୍ରୋତା ନଦୀଗୁଡିକର ଜଳସ୍ତର ଧୀରେଧୀରେ କମିଯାଉଛି । ବିଶ୍ୱ ତାପମାତ୍ରା ବୃଦ୍ଧି ହିଁ ଏହାର ପ୍ରମୁଖ କାରଣ। ତୁ ଜାଣି ଆର୍ଶ୍ଚର୍ଯ୍ୟ ହେବୁ ବିଶ୍ୱର କେତେକ ମୁଖ୍ୟ ନଦୀ ସମୁଦ୍ରରେ ପହଚଂିବା ପୂର୍ବରୁ ଶୁଷ୍କ ହୋଇଯାଉଛନ୍ତି। ପୀତ ନଦୀକୁ ଚୀନ୍ ସଭ୍ୟତାର ଜନନୀ କୁହାଯାଏ । ଏହି ନଦୀ ଏହାର ୩୦୦୦ ବର୍ଷର ଇତିହାସରେ ପ୍ରଥମଥର ପାଇଁ ୧୯୭୨ ମସିହାରେ ଶୁଷ୍କ ହୋଇଯାଇଥିଲା । ସମୁଦ୍ରରେ ପହଚଂି ପାରିନଥିଲା । ଏହା ପରବର୍ତ୍ତି ସମୟରେ ପ୍ରତି ବର୍ଷ କିଛି ସମୟ ଜଳଶୂନ୍ୟା ରହୁଛି । ସର୍ବେକ୍ଷଣରୁ ଜଣାପଡେ ୧୯୯୫ ମସିହାରେ ପୀତ ନଦୀର ଜଳସ୍ରୋତ ସାତ ମାସ ଧରି ସମୁଦ୍ରରେ ପହଚିଂପାରିନଥିଲା । ସେହିପରି ହିମାଳୟରୁ ବାହାରିଥିବା ଆମ ଗଙ୍ଗାନଦୀର ଜଳ ବଙ୍ଗୋପସାଗରକୁ ଖୁବ୍ କମ୍ ପ୍ରବାହିତ ହେଉଛି । ଭୂମଧ୍ୟ ସାଗର ମଧ୍ୟକୁ ନଦୀର ଜଳ ପ୍ରବାହ ମଧ୍ୟ ଧୀରେଧୀରେ କମିଗଲାଣି। ଆମ ଜାତୀୟ ସଂଗୀତରେ ଯେଉଁ ଯମୁନା ନଦୀ କଥା କୁହାଯାଉଛି ସେହି ନଦୀ ମଧ୍ୟ ଏପରି ଶୁଷ୍କ ହେଲାଣି ଅଳ୍ପଦିନ ମଧ୍ୟରେ ତାକୁ ମଧ୍ୟ ମୃତା ନଦୀ ଘୋଷଣା କରାଯିବ । ବୈଜ୍ଞାନିକ ଏହାକୁ ଇକୋଲୋଜିକାଲ୍ ଡେଡ୍ ବା ପରିସ୍ଥିତି ଭିତିକ ମୃତା ଘୋଷଣା କରିସାରିଲେଣି ।

ମାମୁ ଭଣଜାଙ୍କ ଜଳ ଉପରେ ଆଲୋଚନା ଚକ୍ରଟି ଏମିତି ଚାଲିଥାନ୍ତା ନିଶ୍ଚୟ । ଭଉଣୀ ସୀମା ଆସି ଏଥିରେ ବାଧା ସୃଷ୍ଟିକଲା । ବଡ ଭାଇ ସଂଗ୍ରାମ ବାବୁଙ୍କୁ କହିଲେ - 'ଭାଇ ଏମିତି ବସିଥିବ ନା କଣ -। ଉଠ ଗାଧୁଆ ପାଧୁଆ କର । ଏ ବଣ ବିଛୁଆତି ଆଗରେ ଯେତେ ଭାଗବତ ପଢ ଏ କଣ କିଛି ବୁଝିବ' ମନୀଷ ସବୁଥର ପରି ମାମା କଥା ଶୁଣି ଚିଡିମିଡି ହେଲାନି। ତା ପାଖକୁ ଉଠିଆସି କହିଲା - ସରି ମାମା ହେଇ ଦେଖ କାନ ଧରୁଛି । କହିବ ତ ବସ୍ ଉଠ ହେବି। ଏମିତି ଭୁଲ୍ ଆଉ କେବେ କରିବିନି । ଆଜି ଜାଣିଲି ଜଳହିଁ ଜୀବନ ସତରେ ମୁଁ କେତେ ଭୁଲ୍ କରୁ ନଥିଲି । ମୋ ପରି ପିଲାମାନେ ପିଇବାକୁ ପାଣିଟୋପେ ପାଉନାହାନ୍ତି ଅଥଚ ମୁଁ ତୁଚ୍ଛାଟାରେ ଟାଙ୍କି ଟାଙ୍କି ପାଣି ବୁହାଇଦେଇ ନଷ୍ଟ କରୁଛି ।

ସଂଗ୍ରାମ ବାବୁ ମୁରୁକି ମୁରୁକି ହସୁଥିଲେ । ସୀମା ଦେବୀ ତାଙ୍କ ପୁଅ ମନୀଷର ପରିବର୍ତ୍ତନକୁ ସହଜରେ ଗ୍ରହଣ କରିପାରୁନଥିଲେ । ମନଷୀ ଭୁଲ୍ କରିବା ଆଉ ତାକୁ ସ୍ୱୀକାର କରିବାର ଦୂରତାଟା ଆକାଶ ଆଉ ପୃଥିବୀର ଦୂରତା ପରି ଏଇଟା ବୋଧେ ତା' ଜୀବନର ପ୍ରଥମ ଘଟଣା ନିଜର ଭୁଲ ସ୍ୱୀକାର କରିବା ।

୪- ଫସିଗଲା ମନୀଷ

ସମୟ ଗତିଶୀଳ । ତା ସହ ତାଳଦେଇ ପୃଥିବୀରେ ଅନେକ କିଛି ପରିବର୍ତ୍ତନ ଘଟେ । ପରିବେଶ ଜନିତ ଅବା ସାମାଜିକ ପରିବର୍ତନ ଲାଗିରହେ ଏହି ପରିବର୍ତନର ସ୍ରୋତରେ ପ୍ରାୟତଃ ସମସ୍ତେ ତଡି ହୋଇ ଯାଆନ୍ତି । ଅନ୍ୟର ସମକକ୍ଷ ହେବାକୁ ଅନେକ ପ୍ରତିଯୋଗିତା କରନ୍ତି । ଆଉ କେତେକ ଚାହାଁନ୍ତି ଯେତେ କଷ୍ଟ ପଛେ ହେଉ ନିଜେ କଷ୍ଟ ସହି ଅନ୍ୟକୁ ଖୁସି ଦେବେ । ଆଉ କେତେକ ଚାହାଁନ୍ତି ଅନ୍ୟର ପ୍ରିୟପାତ୍ର ହେବେ କିନ୍ତୁ ଛୋଟପିଲା ସର୍ବଦା ଅନ୍ୟର ଦୃଷ୍ଟି ଆକର୍ଷଣ କରି ପ୍ରଶଂସା ଚାହାଁନ୍ତି । ସବୁକଥାରେ ସାବାସି ଚାହାଁନ୍ତି । ଶାନ୍ତ ସ୍ୱଭାବର ପିଲା କୌଣସି ଦୌଡରେ ରୁହନ୍ତି ନାହିଁ । ତଥାପି ସେମାନେ ଅନ୍ୟମାନଙ୍କ ଦୃଷ୍ଟିପଥରୁ ବାଦ୍ ଯାଆନ୍ତିନି । ସାମାଜିକ ପରିବେଶଜନିତ ପ୍ରବାଭରେ ଦୁଷ୍ଟ ଚଗଲା ପିଲା ମଧ୍ୟ ବଦଳି ଯିବାର ଅନେକ ଦୃଷ୍ଟାନ୍ତ ଅଛି । ମନୀଷ ହେଉଛି ଏହାର ପ୍ରତ୍ୟେକ୍ଷ ପ୍ରମାଣ ସୋମୁପରି ଶାନ୍ତ ସରଳ ଧୈର୍ଯ୍ୟଶୀଳ ପିଲା ମନୀଷକୁ ପୂରା ବଦଳାଇ ଦେଇଛି । ତା'ର ସବୁଠାରୁ ଯେଉଁ ବଦ୍‌ଖୋଇ ଥିଲା ପାଣି ଦେଖିଲା ମାତ୍ରେ ତାକୁ ଢାଳିଢୁଳି ନଷ୍ଟ କରିବ ତା ମଧ୍ୟ ଆଉ ନାହିଁ । ମାମୁଙ୍କ ଟ୍ୟାବ୍‌ର କରାମତି ତାକୁ ସୁଶିକ୍ଷା ଦେଇଛି । ଜଳର ମହତ୍ୱ ସେ ବୁଝିପାରିଛି । ଏବେ ଗାଁ ଦାଣ୍ଡରେ ଗଲାବେଳେ ସରକାରୀ ପାଣିଯୋଗାଣ ଟ୍ୟାବ୍ ଆଉ ଖୋଲା ରଖିଦେଇ ଚାଲି ଯାଏନା । ବରଂ ଖୋଲାଥିବା ଟ୍ୟାବ୍ ଦେଖିଲେ ବନ୍ଦ କରିଦିଏ। ଟ୍ୟାବ୍ ଫାଟି ବୁନ୍ଦାବୁନ୍ଦା ପାଣି ବୋହିଯିବାର ଦେଖିଲେ ବ୍ୟସ୍ତ ହୁଏ । ଏମିତିକି ସେଲୋଟେପ୍‌କୁ ନେଇ ସେଥିରେ ଗୁଡାଇ ପାଣିଟୋପା ବନ୍ଦ କରିବାକୁ ଚେଷ୍ଟା କରେ । ତା'ର ଏପରି ଭଲକାମ ଦେଖି କେତେଜଣ ତାକୁ ପ୍ରଶଂସା କରିଛନ୍ତି । ତା'ପ୍ରଶଂସା ଶୁଣି ଜେଜେ ଖୁବ୍ ଖୁସି । ମାମା ବି ଆଗପରି ତା' ଉପରେ ଆଉ ଚିଡେନା । ପୁଅର ପରିବତର୍ନ ଦେଖି ବାପା ବି ଖୁସି । ବାସ୍ତବରେ ମନୀଷ ଆଉ ପୂର୍ବର ମନୀଷ ହେଇ ନାହିଁ । ମନ ଲଗାଇ ପାଠ ପଢୁଛି । ଶିକ୍ଷକ ଶିକ୍ଷୟତ୍ରୀଙ୍କ କଥା ମାନୁଛି । ସାଙ୍ଗସାଥୀଙ୍କ ସହ କଳିଗୋଳ ନ କରି ମିଳିମିଶି ଚଳୁଛି ।

ପିଲା ତ ପିଲା । ଠିକ୍ ମାଟି ପିଣ୍ଡୁଳାଟାଏ । ତାକୁ ଆମେ ଯେଉଁ ରୂପଦେବା ସେ ସେହିପରି ରୂପ ନେବ । ତାହାଲେ ଏପରି କାହିଁକି ଘଟୁଛି ; ଛୋଟ ଛୋଟ ପିଲା ଚୋରି ଡକାୟତ ସାଜି ଜୁଭେଲାଇନ୍ କୋର୍ଟରେ ଦଣ୍ଡିତ ହେଉଛନ୍ତି ? ବାଳ ଅପରାଧୀ ରୂପେ କାହିଁକି ପରିଗଣିତ ହେଉଛନ୍ତି ? ଗଛରେ ଫୁଲ କଢିଟିଏ ଫୁଲହୋଇ ଫୁଟିବା ଯାଏ ସମସ୍ତ ଦାୟିତ୍ୱ ଥାଏ ମାଳିର । ମାଳିର ତତ୍ତ୍ୱାବଧାନରେ ବଗିଚା ଥାଏ । ସେ ଯେଉଁ ଗଛର ଯତ୍ନ ନ ନିଏ ସେ ଗଛ ଉଧେଇପାରେନା । ଠିକ୍ ସେମିତି ମଣିଷ ପିଲାଟିଏ ଉପଯୁକ୍ତ ମଣିଷ ହେବା ପାଇଁ ତା ପାରିବାରିକ ତଥା ପାରିପାର୍ଶ୍ୱିକ ପରିବେଶ ହିଁ ଦାୟୀ । ଏହି ପରିବେଶ ଉପରେ ପିଲାର ଆଚାର ବ୍ୟବହାର, କଥାବାର୍ତା, ଶୈଳୀ, ଚାଲିଚଳନ, ସବୁକିଛ ନିର୍ଭରକରେ । ଏମିତି କେତେକ ପିଲା ଅଛନ୍ତି ଯେଉଁମାନେ ନିଜର ଦୁଷ୍ଟାମି ଆଦୌ ବଦଳାଇ ପାରନ୍ତି ନାହିଁ। ତାଙ୍କୁ ଛାଡି ଅନ୍ୟ କେହି ଭଲବାଟ ବାଛିନେଲେ ତା'ବି ସହିପାରନ୍ତି ନାହିଁ । କଳେବଳେ ସେ ପିଲାକୁ ନିଜ ଆଡକୁ ଟାଣନ୍ତି । ସମସ୍ତଙ୍କ ଆଗରେ ତାକୁ ଦୋଷୀ ପ୍ରାମାଣିତ କରି ମଜା ନିଅନ୍ତି ।

(କ୍ରମଶଃ)

+ପୁରୋହିତପୁର,ଜଗତସିଂହପୁର
ମୋ:୯୭୭୮୫୨୦୩୭୦



## ନଗେନ୍ଦ୍ର ନାଥ ପଟ୍ଟନାୟକ

# ମାନ ବୁଝିଗଲା



ଲିପି ସଦାବେଳେ ରିଆକୁ ଅନୁକରଣ କରିବାକୁ ଚେଷ୍ଟା କରୁଥାଏ। ଲିପି ପାଠପଢାରେ ରିଆଠାରୁ କାଇଁ କେତେ ଆଗରେ। ହେଲେ ଅନୁକରଣ କରିବା ଚକ୍କରରେ ପଡି ସେ ବେଳେବେଳେ ନିଜେ ବୋକା ବନିଯାଏ । ସେଇଥିପାଇଁ ପରୀକ୍ଷା ଖାତାରେ ତାର ମାର୍କ କଟିଯାଏ। ଏହାଛଡା ରିଆ ସଙ୍ଗ ଲାଭକରି ଲିପିର ମନ ହଟିଯାଇଥାଏ ପାଠପଢାରୁ । ରିଆ ଥିଲାବାଲା ଘରର ଝିଅ। ବାପା ମାଆ ଦୁହେଁ ଖୁବ୍ ଧନୀ । କିନ୍ତୁ ଲିପି ଜଣେ ସଂପର୍କୀୟଙ୍କ ଘରେ ରହି ପାଠ ପଢେ। ଏଣୁ ଲିପି ଓ ତା ବାପାମାଆ ମଧ୍ୟରେ ଦୂରତ୍ୱ ବଢିବଢି ଯାଉଥାଏ। ତେଣେ ବିଦ୍ୟାଳୟର ପ୍ରଧାନ ଗୁରୁଜୀ ଲିପିର ଗତିବିଧିକୁ ଲକ୍ଷକରି ବହୁ ଆଗରୁ ତାର ଭିତିରିଆ କଥାକୁ ବେଶ୍ ଭଲ ଭାବରେ ଠଉରେଇ ନେଇଥାନ୍ତି ।

ଦିନେ ପ୍ରଧାନ ଗୁରୁଜୀ ଶ୍ରେଣୀକକ୍ଷରେ କହିଲେ-ପିଲାଏ, ଆଜି ମୁଁ ତୁମ ସମସ୍ତଙ୍କୁ କାହାଣୀଟିଏ ଶୁଣାଉଚି। ଆଫ୍ରିକାରେ ଜଣେ ଧନାଢ୍ୟ ଲୋକ ରହୁଥାନ୍ତି। ହଜାର ଏକର ଜମିର ମାଲିକ ଦିନେ ଜଣେ ଆଗନ୍ତୁକ ତାଙ୍କ ଘରେ ପହଁଚି କହିଲେ-ଆଜ୍ଞା ! ମୁଁ ହୀରା ଖୋଜୁଛି । ଯଦି ହୀରା ମୋ ଭାଗ୍ୟକୁ ମିଳିଯାଏ ତେବେ ମୁଁ ତାକୁ ଲକ୍ଷଲକ୍ଷ ଟଙ୍କାରେ ବିକି ରାତାରାତି ଧନୀ ହୋଇଯିବି। ଚାଷୀ ଜଣକ ତାଙ୍କ କଥା ଶୁଣି ଭାବିଲା-ମୁଁ ଯଦି ହୀରା ଖୋଜି ପାଇଯିବି ତେବେ ମୁଁ ମଧ୍ୟ ଖୁବ୍ ଧନୀ ପାଲଟିଯିବି। ଏଇଆ ଭାବି ସେ ତାର ସବୁତକ ଜମିବାଡି ବିକିଦେଲା। ଆଉ ନିଜେ ସାରା ବିଶ୍ୱ ଭ୍ରମଣ କଲା ହୀରା ସନ୍ଧାନରେ। ଏମିତି ବହୁ ବର୍ଷ ବିତିଗଲା ପରେ ବି ତା'କପାଳକୁ ହୀରା ଜୁଟିଲା ନାହିଁ। ଶେଷରେ ତାର ଟଙ୍କା ପଇସା ସବୁ ପାଣି ଭଳି ଖର୍ଚ୍ଚ ହୋଇଗଲା। ନିରାଶ ଓ ଦୁଃଖରେ ଭାଙ୍ଗିପଡି ସେ ନଦୀକୁ କୁଦିପଡି ଆତ୍ମହତ୍ୟା କଲା। ଏଣେ ଏ ଭିତରେ କଅଣ ହୋଇଛି ନା ଯୋଗକୁ ତାର ସେଇ ଜମିର ମାଲିକ ସାଜିଥିବା ନୂଆ ଚାଷୀଭାଇ ଜଣକ ଚିକ୍‌ମିକ୍ କରୁଥିବା ଏକ ଅଦ୍ଭୁତ ପଥର ଖଣ୍ଡେ ପାଇଲା ସେଠୁ । ଝଲସୁଥିବା ପଥର ଖଣ୍ଡିକ ନେଇ ନୂଆ ଚାଷୀ ଜଣକ ହୀରା ବେପାରୀ ପାଖକୁ ଗଲା। ହୀରା ବେପାରୀ କହିଲା-ବିଶ୍ୱରେ ଯେତେସବୁ ହୀରା ମୁଁ ଦେଖିଚି ଏଟା ହେଉଚି ସବୁଠାରୁ ବଡ ହୀରା। ପରେ ଖୋଜୁ ଖୋଜୁ ଜଣାପଡିଲା, ତାର ଚାଷଜମି ତଳେ ବିଶ୍ୱର ସବୁଠୁ ବଡ ହୀରାର ସୁଡଙ୍ଗ ରହିଛି, ଯାହାର ନାଆଁ ହେଉଛି କିମ୍ବରେଲ ଖଣି ।

ଏତକ କହିସାରି ପ୍ରଧାନ ଗୁରୁଜୀ ବୁଝାଇଲେ -ଏଭଳି ସ୍ଥିତି ଆମ ସମସ୍ତଙ୍କ କ୍ଷେତ୍ରରେ ହିଁ ଦେଖିବାକୁ ମିଳିଥାଏ। ଅନ୍ୟମାନଙ୍କ ଫୁସୁଲାଫୁସୁଲି କଥାରେ ପଡି ଆମର ଜମିଟି କୋଉଟା ବୋଲି ଆମେ ସଂପୂର୍ଣ୍ଣ ଭୁଲିଯାଉ। ଏଇ ପଦୁଟିଏ କଥା କହି ପ୍ରଧାନ ଗୁରୁଜୀ ତୁନି ରହିଲେ। ଏଥର ଲିପି ତାଙ୍କ ମଂଜକଥାଟିର ଖିଅଟିକୁ ଧରି ପାରିଥିଲା।

+ଅତିରିକ୍ତ ଶାସନ ସଚିବ,
ଓରେରା, ଭୁବନେଶ୍ୱର
ମୋ:୯୪୩୮୩୩୨୧୩୮

# ମଣ୍ଡିରେ ଧାନ ସଂଗ୍ରହ ନୈରାଶ୍ୟଜନକ: ସିପିଆଇ (ଏମ୍.ଏଲ୍) ଲିବରେସନ

ଭୁବନେଶ୍ୱର,୧୧/୬ (ନି.ପ୍ର): କରୋନା କାଳରେ ଲକଡ଼ାଉନ ଓ ସଟଡ଼ାଉନ ଯୋଗୁ ଲୋକଙ୍କ ଆର୍ଥିକ ଅବସ୍ଥା ଅତ୍ୟନ୍ତ ଗୁରୁତର ହୋଇପଡ଼ିଛି । ଚାଷୀ ଅମଳ କରିଥିବା ଧାନକୁ ମଣ୍ଡି କିଣୁନାହିଁ । ଏପର୍ଯ୍ୟନ୍ତ ଅନେକ ଜାଗାରେ ଟୋକନ ମିଳିନାହିଁ । ମିଲର ଆସୁନାହାଁନ୍ତି, ଯେଉଁ ଚାଷୀମାନେ ମଣ୍ଡିକୁ ଯାଉଛନ୍ତି, ତାଙ୍କଠାରୁ ୩୦ ପ୍ରତିଶତରୁ କମ୍ ଧାନ କିଣାଯାଉଛି । ଅର୍ଥାତ୍ ୭୦ ପ୍ରତିଶତ ଧାନ ଅଭାବୀ ବିକ୍ରି ପାଇଁ ସରକାର ଚାଷୀଙ୍କୁ ବାଧ କରୁଛନ୍ତି । ଯୋଗାଣ ମନ୍ତ୍ରୀ କହୁଛନ୍ତି ମଣ୍ଡିରେ ଥିବା ସମସ୍ତ ଧାନ କିଣାଯିବ ଓ ଏ ମାସ ଶେଷ ପର୍ଯ୍ୟନ୍ତ ଧାନ କିଣା ଚାଲିବ । ମନ୍ତ୍ରୀଙ୍କ କଥା ଓ ମଣ୍ଡିର ବାସ୍ତବତାରେ କୌଣସି ତାଳମେଳ ରହୁନାହିଁ । ସରକାରୀ ଅବହେଳା ଓ କରୋନାର ସୁଯୋଗ ନେଇ ଅସାଧୁ ବ୍ୟବସାୟୀ, ଦୁର୍ନିତିଗ୍ରସ୍ତ କର୍ମଚାରୀ ଚାଷୀଙ୍କୁ ଲୁଟି ଚାଲିଛନ୍ତି । ମୁଖ୍ୟମନ୍ତ୍ରୀ ଏ କଥାରେ ହସ୍ତକ୍ଷେପ କରନ୍ତୁ ଓ ଚାଷୀଠାରୁ ସମସ୍ତ ଧାନ କିଣନ୍ତୁ । ନଚେତ୍ ଓଡ଼ିଶାରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହେବ । ବେକାରୀ ବଢ଼ିବ, ଓଡ଼ିଶାର ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯିବ, ଏଥିପାଇଁ ସରକାର ଦାୟୀ ରହିବେ ବୋଲି ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର କହିଛନ୍ତି ।

# ରାଜ୍ୟର ୧୧୪ ପୌରାଂଚଳର ୨୦୩୫ ୱାର୍ଡରେ ହେବ ବର୍ଷା ଜଳ ଅମଳ ସଂରଚନା

ଭୁବନେଶ୍ୱର,୧୧/୬ (ନି.ପ୍ର): ସହରାଂଚଳ ଗରିବ ତଥା ପ୍ରବାସୀ ଶ୍ରମିକ ଓ ସମ୍ବେଦନଶୀଳ ବ୍ୟକ୍ତିଙ୍କୁ ସହାୟତା ଯୋଗାଇବା ପାଇଁ କୋଭିଡ ମହାମାରୀ ମଧ୍ୟରେ ୧୮ ଏପ୍ରିଲ ୨୦୨୦ ରେ ସହରାଂଚଳ ମଜୁରୀ ନିଯୁକ୍ତି ପଦକ୍ଷେପ (ୟୁଡବ୍ଲୁଇଆଇ) ଆରମ୍ଭ କରାଯାଇଥିଲା । ୟୁଡବ୍ଲୁଇଆଇ ରାଜ୍ୟର ସମସ୍ତ ୧୧୪ ସହରାଂଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକରେ ବଂଚିତ ଗୋଷ୍ଠୀର ଜୀବନ ଉପରେ ପ୍ରଭାବ ପକାଇଛି ଏବଂ ଯେତେବେଳେ ସେମାନେ ଏହାକୁ ଅଧିକ ଆବଶ୍ୟକ କରନ୍ତି ସେତେବେଳେ ସେମାନଙ୍କୁ ଜୀବିକା ସୁଯୋଗ ଯୋଗାଇ ଦେଇଥାଏ ।ଏହି ସ୍କିମ୍ ଏହାର ନିମ୍ନ-ଲୋକମାନଙ୍କର କେନ୍ଦ୍ରିକ ଆଭିମୁଖ୍ୟ ସହିତ ଅତୁଳନୀୟ ସହରୀ ବିକାଶର ଅନେକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରର ସମ୍ମିଶ୍ରଣ ହାସଲ କରିବାକୁ ଚେଷ୍ଟା କରେ ଅର୍ଥାତ ସହରାଂଚଳରେ ରହୁଥିବା ଗରିବ, ଅସୁରକ୍ଷିତ ତଥା ସମ୍ବେଦନଶୀଳ ବର୍ଗର ଲୋକଙ୍କ ପାଇଁ ନିରନ୍ତର ଜୀବିକା ନିର୍ବାହ, ପରିବେଶର ସୁରକ୍ଷା, ଜଳବାୟୁ ସ୍ଥାୟୀ ସମ୍ପ୍ରଦାୟର ସମ୍ପତି ସୃଷ୍ଟି, ସମ୍ପ୍ରଦାୟ ସହିତ ବିଶ୍ୱାସ-ଆଧାରିତ ସହଭାଗିତା ଯାହାଦ୍ୱାରା ଶାସନର ଚତୁର୍ଥ ପର୍ଯ୍ୟାୟକୁ ମଜବୁତ କରିବା ଏବଂ ସମ୍ପ୍ରଦାୟର କେନ୍ଦ୍ରିକ ତଥା ସମ୍ପ୍ରଦାୟର ନେତୃତ୍ୱ ବିକାଶ ହାସଲ କରିବା ।

ସରକାରଙ୍କ ଦ୍ୱାରା ନିଷ୍ପତି ନିଆଯାଇଛି ଯେ ପ୍ରାୟ ୧୮୦୦୦ ବର୍ଷା ଜଳ ଅମଳ ସଂରଚନା ସହରାଂଚଳ ମଜୁରୀ ନିଯୁକ୍ତି ଇନିସିଏଟିଭ୍ (ୟୁଡବ୍ଲୁଇଆଇ) ଅଧୀନରେ ଓଡିଶାର ସମସ୍ତ ୧୧୪ ପୌରାଂଚଳର ପ୍ରତ୍ୟେକ ୱାର୍ଡରେ ମିଶନ ଶକ୍ତି ଗୋଷ୍ଠୀ ସହିତ କାର୍ଯ୍ୟକାରୀ ହେବ । ଏକ ମିଶନ ମୋଡରେ ନିଆଯିବାକୁ ପଦକ୍ଷେପ ସମସ୍ତ ୧୧୪ ପୌରାଂଚଳକୁ ତୁରନ୍ତ ପାର୍କ, ଖେଳପଡିଆ ଇତ୍ୟାଦି ଖୋଲା ସ୍ଥାନ ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ଯେଉଁଠାରେ ପ୍ରଥମ ପର୍ଯ୍ୟାୟରେ ବର୍ଷା ଜଳ ଅମଳ ସଂରଚନା ନିର୍ମାଣ ହେବ । ରାଜ୍ୟର ୧୧୪ ପୌରସଂସ୍ଥା ମଧ୍ୟରେ ଥିବା ୨୦୩୫ ୱାର୍ଡରେ ଆରଡବ୍ଲ୍ୟୁଏଚଏସ ରହିବା ଏବଂ ୱାର୍ଡ ରେ ୫ ଆରଡବ୍ଲ୍ୟୁଏଚଏସ / ୱାର୍ଡ, ମ୍ୟୁନିସିପାଲିଟିରେ ୧୦ ଆରଡବ୍ଲ୍ୟୁଏଚଏସ / ୱାର୍ଡ ଏବଂ ମ୍ୟୁନିସିପାଲିଟି କର୍ପୋରେସନ୍ରେ ୨୦ ଆରଡବ୍ଲ୍ୟୁଏଚଏସ / ୱାର୍ଡ ରହିବା ପାଇଁ ନିଷ୍ପତି ନିଆଯାଇଛି । ସେମାନଙ୍କୁ ତୁରନ୍ତ କାର୍ଯ୍ୟ ପ୍ରଦାନ ନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ମିଶନ୍ ଶକ୍ତି ଗୋଷ୍ଠୀକୁ ସଚେତନ ସହିତ ସେମାନଙ୍କୁ କାର୍ଯ୍ୟ ଆରମ୍ଭ ନିର୍ଦ୍ଦେଶ ଦିଆଯାଇଛି । ବର୍ତମାନ ସୁଦ୍ଧା ୧୩୬୦ ସାଇଟ୍ ବଛା ଯାଇଥିବାବେଳେ ୧୨୯୯୬ ପାଇଁ ୭୦କୋଟି ଟଙ୍କାର ଯୋଜନା ପ୍ରସ୍ତୁତ ହୋଇଛି , ୧୧୬୬୦ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିବାବେଳେ ୬୬୭୬ ଏମଏସଜି ଏବଂ ଏସଡିଏ ଗୋଷ୍ଠି ନିୟୋଜିତ ହୋଇଛନ୍ତି ।୧୦୧୫୨ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ୪୧୯୬ ଆରଡବ୍ଲ୍ୟୁଏଚଏସ୍ ର କାର୍ଯ୍ୟ ସମାପ୍ତ ହୋଇଛି । ଚାଲୁଥିବା ଆରଡବ୍ଲ୍ୟୁଏଚଏସ କାର୍ଯ୍ୟର ପ୍ରାୟ ୮୦% ସମାପ୍ତ ହେବାକୁ ଯାଉଛି ଅନ୍ୟ ୫୦୦୦ ଆରଡବ୍ଲ୍ୟୁଏଚଏସ୍ ଧାର୍ଯ୍ୟ ଲକ୍ଷ୍ୟରେ ଯୋଡି ହେବାର ସମ୍ଭାବନା ଅଛି । ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଜି.ମାଥିଭାଥନନଙ୍କ ନେତୃତ୍ୱରେ ଏକ ରାଜ୍ୟ ସ୍ତରୀୟ ଟାସ୍କ ଫୋର୍ସ ଏବଂ ପୌରସଂସ୍ଥାର କମିଶନର୍ / କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନେତୃତ୍ୱରେ ସିଟି ଲେଭଲ୍ କୋର ଗ୍ରୁପ୍ ଗଠନ କରାଯାଇଛି ଯାହାକି ଆସନ୍ତା ମୌସୁମୀ ଋତୁ ଆରମ୍ଭ ପୂର୍ବରୁ ଜଳ ଅମଳର ପ୍ରକଳ୍ପ ପ୍ରତିଷ୍ଠା କରିବରେ ସହାୟକ ହେବ । ସମସ୍ତ ପୌରାଂଚଳ, ବିକାଶ ପ୍ରାଧିକରଣ ଏବଂ ଯୋଜନା ପ୍ରାଧିକରଣରୁ ଇଞ୍ଜିନିୟରମାନଙ୍କୁ ସ୍ୱଳ୍ପ ମୂଲ୍ୟରେ ବୈଷୟିକ ମଡେଲ ଉପରେ ତାଲିମ ଦେବା ପାଇଁ ବିଭାଗ ଦ୍ୱାରା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଗୃହ ଓ ନଗର ଉନ୍ନୟନ ବିଭାଗର ବିଭାଗର ବରିଷ୍ଠ ଅଧିକାରୀମାନେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଲକ୍ଷ୍ୟଗୁଡିକ କିପରି ହାସଲ କରାଯିବ ସେନେଇ ଆଲୋଚନା କରିଥିଲେ ।

# ଉତ୍କଳ କେମେଷ୍ଟି ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ ତରଫରୁ ସେରୋସରଭିଲାନ୍ସ କ୍ୟାମ୍ପ ଅନୁଷ୍ଠିତ

ଭୁବନେଶ୍ୱର,୧୧/୬ (ନି.ପ୍ର): ଉତ୍କଳ କେମେଷ୍ଟି ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ ଦ୍ୱାରା ଆୟୋଜିତ ଏବଂ ରିଜିଓନାଲ ମେଡ଼ିକାଲ ରିସର୍ଚ୍ଚ ସେଂଟର ଭୁବନେଶ୍ୱର ଆନୁକୂଲ୍ୟରେ ଏକ ଦୁଇ ଦିନିଆ ସେରୋସରଭିଲାନ୍ସ କ୍ୟାମ୍ପ ୟୁସିଡ଼ିଏର ସଭାକକ୍ଷ ଅଟଳ ଭବନରେ ଆୟୋଜିତ ହୋଇଯାଇଛି । ଯେହେତୁ ଔଷଧ ବ୍ୟବସାୟୀ ସିଧାସଳଖ କରୋନା ରୋଗୀ ବା ସାଧାରଣ ଜନତାଙ୍କ ସଂସ୍ପର୍ଶରେ ଆସିଛନ୍ତି ତେଣୁ କରୋନା ହେବାର ସମ୍ଭାବନା ଅଧିକ । ଏହାକୁ ଆଖି ଆଗରେ ରଖି ଆରଏମ୍ଆରସିର ନିର୍ଦ୍ଦେଶିକା ଡଃ ଶ୍ରୀମତୀ ସଂଘମିତ୍ରା ପତିଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଡଃ ଦେବଦତ ଭଟ୍ଟାଚାର୍ଯ୍ୟ, ଡଃ ଅମିୟ ରଞ୍ଜନ ମହାନ୍ତ, ଶ୍ରୀଯୁକ୍ତ ମାତୃଜ୍ୟୋତି ପଟ୍ଟନାୟକ, ମିସ୍ ଚିନ୍ମୟୀ ଡ଼ୋଲେ ଏବଂ ସାଥୀଙ୍କ ଦ୍ୱାରା ଏହି ସେରୋସରଭିଲାନ୍ସ କ୍ୟାମ୍ପ ଆୟୋଜିତ ହୋଇଛି । ଏହି କ୍ୟାମ୍ପର ମୂଳ ଲକ୍ଷ୍ୟ ଶରୀରରେ ଆଂଟିବଡ଼ି ଆଇଜିଜି ବୃଦ୍ଧିର ଅନୁଧ୍ୟାନ କରିବା ଯାହା କରୋନା ପ୍ରତିରୋଧକ ଶକ୍ତି କେତେ ବଢାଇଛି ତାହାର ଏକ ଆକଳନ କରିବା । ଦୁଇଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି କ୍ୟାମ୍ପରେ ପାଖାପାଖି ୨୦୦୦ ଲୋକମାନଙ୍କର ନମୂନା ସଂଗ୍ରହ କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

# ଆଗାମୀ ବର୍ଷା ଲାଗି ପ୍ରସ୍ତୁତ ରହିବାକୁ ଜଳ ସମ୍ପଦ ପ୍ରମୁଖ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୧୧/୬ (ନି.ପ୍ର): ଆଗାମୀ ମୌସୁମୀ ଓ ଲଘୁଚାପ ଜନିତ ବର୍ଷା ଫଳରେ ସମ୍ଭାବ୍ୟ ବନ୍ୟାର ମୁକାବିଲା ନେଇ ବିଭାଗୀୟ ବ୍ୟାପକ ପ୍ରସ୍ତୁତି ସଂପର୍କରେ ଗୁରୁବାର ଏକ ବୈଠକରେ ଜଳ ସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ବିଭାଗର ବରିଷ୍ଠ ଅଧିକାରୀ, ସର୍ବୋଚ୍ଚ ଯନ୍ତ୍ରୀ ଓ ଅନ୍ୟ ବରିଷ୍ଠ ଯନ୍ତ୍ରୀମାନଙ୍କ ସହିତ ସ୍ଥିତି ସମୀକ୍ଷା କରିଛନ୍ତି । ବୈଠକରେ ରାଜ୍ୟରେ ବିଭିନ୍ନ ଜଳ ଭଣ୍ଡାରର ସ୍ଥିତି ଓ ଏହାର ପରିଚାଳନା, ନଦୀବନ୍ଧର ଦୃଢତା, ବନ୍ୟା ମୁକାବିଲା ପାଇଁ ଆବଶ୍ୟକ ବିଭିନ୍ନ ସ୍ଥାନରେ ବାଲିବସ୍ତା, ବଲ୍ଲା, ବାଉଁଶ ଆଦି ଉପକରଣର ମହଜୁଦ ସ୍ଥାନ ଓ ପରିମାଣ ଆଦି ସଂପର୍କରେ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଗର୍ଗ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି । ବୈଠକରେ ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଜ୍ୟୋତିର୍ମୟ ରଥଙ୍କ ସମେତ ଅନ୍ୟ ବରିଷ୍ଠ ଯନ୍ତ୍ରୀ ଓ ପଦାଧିକାରୀ ଉପସ୍ଥିତ ଥିଲେ ।

# ୧୦ରୁ ଉର୍ଦ୍ଧ୍ୱ ବିଭାଗରେ ନାହାନ୍ତି ଶାସନ ସଚିବ: ମାନସ ଚୌଧୁରୀ

ଭୁବନେଶ୍ୱର,୧୧/୬ (ନି.ପ୍ର): ରାଜ୍ୟ ଶାସନ ଏବେ ଠିକାରେ ଚାଲିଛି । ୧୦ରୁ ଅଧିକ ବିଭାଗ ଏକ ପ୍ରକାର ମୁରବୀ ବିହୀନ । କେଉଁ ବିଭାଗରେ ସଚିବମାନେ ୭/୮ବର୍ଷହେଲା ସ୍ଥାନ ଛାଡୁନାହାନ୍ତି ତ ଆଉ କେଉଁଠି କେବଳ କା' ସଚିବରେ ହିଁ ବିଭାଗ ଚାଲିଛି । ଛୋଟ ଛୋଟ ବିଭାଗ ନୁହେଁ ବହୁ ଗୁରୁତ୍ୱପୂର୍ଣ୍ଣ ବଡ ବିଭାଗରେ ବି ଠିକା ସଚିବ କାମ ତୁଲାଉଛନ୍ତି ବୋଲି କଟକ ଜିଲ୍ଲା କଂଗ୍ରେସ ସଭାପତି ଅଭିଯୋଗ କରିଛନ୍ତି । ଶ୍ରୀ ଚୌଧୁରୀ ଏକ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି ଏହାର ତାଲିକା ବେଶ ଲମ୍ବା । ପ୍ରଥମେ ଆସିବା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ । ରାଜ୍ୟର ଭବିଷ୍ୟତ ଗଢୁଥିବା ଏହି ବିଭାଗରେ ଦୀର୍ଘଦିନ ହେଲା ସଚିବ ନାହାନ୍ତି । ଏମଏସଏମଇ ବିଭାଗ ସଚିବ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦାୟିତ୍ୱରେ ଅଛନ୍ତି । ସେହିଭଳି ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବିଭାଗ ହେଲା ମହିଳା ଓ ଶିଶୁ ବିକାଶ । ଏଠାରେ ବି ଦୀର୍ଘଦିନ ହେଲା ସଚିବ ନାହାନ୍ତି । ଜଳସମ୍ପଦ ବିଭାଗର ପ୍ରମୁଖ ସଚିବ ଏହି ବିଭାଗର ଦାୟିତ୍ୱ ତୁଲାଉଛନ୍ତି । ଶ୍ରୀ ଚୌଧୁରୀ ଅଭିଯୋଗ କରିଛନ୍ତି କୃଷି ପ୍ରଧାନ ରାଜ୍ୟ ଓଡିଶାରେ କୃଷି ବିଭାଗର ସଚିବ ପଦବୀ ଖାଲି ପଡିଛି । କୃଷି ସଚିବ ଦୀଲ୍ଲୀ ଡେପୁଟେସନ ଯିବାପରେ ଏଠାରେ ବିଭାଗର ସ୍ୱତନ୍ତ୍ର ସଚିବ ଏହି ଦାୟିତ୍ୱ ସମ୍ଭାଳୁଛନ୍ତି । ସେହିଭଳି ବର୍ଷ ବର୍ଷ ଧରି ସୂଚନା ପ୍ରଯୁକ୍ତି ବିଦ୍ୟା (ଆଇଟି) ବିଭାଗଟିକୁ ଠିକା ସଚିବରେ ଚଳାଯାଉଛି । ବର୍ତମାନ ଏଠାରେ ଯିଏ ସଚିବ ଅଛନ୍ତି ସିଏ ଜଣେ ରେଳବାଇ ଅଫିସର ଓ ଓଡିଶାକୁ ଡେପୁଟେସନରେ ଆସିଛନ୍ତି । ତାଙ୍କର ମୂଳ ଚାକିରି ହେଉଛି ବାଣିଜ୍ୟ ଓ ପରିବହନ ବିଭାଗରେ । ହେଲେ ତାଙ୍କ ହାତରେ ଅତିରିକ୍ତ ଭାବେ ଆଇଟି, ବିଜ୍ଞାନ ଓ କାରଗରୀ କୌଶଳ ବିଭାଗ ରହିଛି । ମୁଖ୍ୟ ମନ୍ତ୍ରୀଙ୍କ ଦପ୍ତରରେ ବି ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦ ମିଳିଛି । ରାଜ୍ୟ ଅବକାରୀ ସଚିବ ପଦବୀ ବି ଫାଙ୍କା । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଏହି ଦାୟିତ୍ୱ ଅତିରିକ୍ତ ଭାବେ ସମ୍ଭାଳିଛନ୍ତି ।ଗ୍ରାମ୍ୟ ଉନ୍ନୟନ ବିଭାଗ ରହିଛି ଉନ୍ନୟନ କମିଶନରଙ୍କ ହାତରେ । ଏହି ବୃହତ ବିଭାଗରେ ସରକାର ଜଣେ ସଚିବଙ୍କୁ ନିଯୁକ୍ତି ଦେଉନାହାନ୍ତି । ଉନ୍ନୟନ କମିଶନରଙ୍କ ହାତରେ ନିଜ ଦାୟିତ୍ୱ ସହିତ ଗ୍ରାମ୍ୟ ଉନ୍ନୟନ ଓ ଏସଆରସି ଭଳି ଗୁରୁଦାୟିତ୍ୱ ରହିଛି । ଏହି ଦୁଇ ସଂସ୍ଥାରେ କାହାରିକୁ ସ୍ଥାୟୀ ନିଯୁକ୍ତି ମିଳୁନାହିଁ । ସମବାୟ ବିଭାଗର ସଚିବ ଦାୟିତ୍ୱ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ସଚିବ ସମ୍ଭାଳିଥିବାବେଳେ ସଂସଦୀୟ ବ୍ୟାପାର ବିଭାଗ ସମ୍ଭାଳିଛନ୍ତି ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବ । ସୂଚନା ଓ ଲୋକସମ୍ପର୍କ ବିଭାଗରେ ସ୍ଥାୟୀ ସଚିବ ନଥିବାରୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ସଚିବ ଏହା ଦାୟିତ୍ୱରେ ଅଛନ୍ତି । ସେହିଭଳି କ୍ରୀଡା ରାଜଧାନୀ ହେବାକୁ ଯାଉଥିବା ଓଡିଶାର କ୍ରୀଡା ବିଭାଗରେ ସ୍ଥାୟୀ ସଚିବ ନାହାନ୍ତି । ପର୍ଯ୍ୟଟନ ସଚିବ ଏହି ବିଭାଗକୁ ସମ୍ଭାଳିଛନ୍ତି । ସେହିଭଳି ଏକାଧିକ ଦାୟିତ୍ୱରେ ଥିବା ଅନ୍ୟ ସଚିବଙ୍କ ମଧ୍ୟରେ ଦକ୍ଷତା ବିକାଶ ସଚିବ । ସିଏ ଏକାଧାରାରେ ଏହି ଗୁରୁତ୍ୱପୂର୍ଣ୍ଣ ବିଭାଗର ସଚିବ ଦାୟିତ୍ୱ ସହିତ ବିଏମସି କମିଶନର, ବିଡଏ ଉପାଧ୍ୟକ୍ଷ, ସ୍ମାର୍ଟସିଟି ସିଇଓ ମଧ ଅଛନ୍ତି । ସେହିଭଳି ପର୍ତ ସଚିବ ପୁରୀ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ଇଡ୍କୋ ଦାୟିତ୍ୱ ସମ୍ଭାଳିଛନ୍ତି । ଦୀର୍ଘଦିନ ଧରି ଗୋଟିଏ ବିଭାଗରେ ରହି ରେକର୍ଡ କରିଥିବା ସଚିବଙ୍କ ମଧ୍ୟରେ ଅଛନ୍ତି ପଂାୟତିରାଜ ଓ ପାନୀୟଜଳ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ । ଏହି ଦୁଇ ପ୍ରମୁଖ ସଚିବଙ୍କର ନିଜ ନିଜ ବିଭାଗରେ କାର୍ଯ୍ୟକାଳ ୭ବର୍ଷରୁ ଅଧିକ ସମୟ ହୋଇଗଲାଣି । ରାଜ୍ୟରେ ୫-ଟି ଠାରୁ ଆରମ୍ଭ କରି ମୋ ସରକାର ପର୍ଯ୍ୟନ୍ତ ସବୁ କାର୍ଯ୍ୟକାରୀ ହେଉଥିବାବେଳେ ବିଭାଗଗୁଡିକ ଦୀର୍ଘଦିନ ଧରି ମୁରବୀ ବିହନ ହେବା ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି । ଏଥିପାଇଁ ଆବଶ୍ୟକ ଅଧିକାରୀ ମିଳୁନାହାନ୍ତି ନା କ୍ଷମତକୁ ଗୋଟିଏ ସ୍ଥାନରୁ ପରିଚାଳନା ପାଇଁ ଏଭଳି ଜାଣିଶୁଣି ହେଉଛି ତାହାର ବିଚାର ଜନସାଧାରଣ କରିବେ ବୋଲି ଶ୍ରୀ ଚୌଧୁରୀ କହିଛନ୍ତି ।

# ସ୍ୱୟମ ଅନଲାଇନ ପୋର୍ଟାଲରୁ ଓଡ଼ିଆ ଶିକ୍ଷା ବାଦ୍ କେନ୍ଦ୍ରର ବୈମାତୃକ ମନୋଭାବର ଅନ୍ୟ ଏକ ନମୂନା

ଭୁବନେଶ୍ୱର,୧୧/୬ (ନି.ପ୍ର): କେନ୍ଦ୍ର ସରକାର ସବୁବେଳେ ଓଡ଼ିଶା, ଓଡ଼ିଆ ଭାଷା, ସଂସ୍କୃତିକୁ ସବୁବେଳେ ଅଣଦେଖା କରି ଆସିଛନ୍ତି । ସ୍ୱତନ୍ତ୍ର ରାଜ୍ୟପାହ୍ୟା ଦାବୀ ହେଉ କିମ୍ବା ଧାନ କୁଇଣ୍ଟାଲ ପିଛ ଏମ୍ଏସ୍ପି ୨୯୩୦ ଟଙ୍କା ହେଉ, ଓଡ଼ିଶା ସବୁବେଳେ ଅବହେଳାର ଶିକାର । ଏହାର ସଦ୍ୟତମ ଉଦାହରଣ ହେଉଛି କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପରିଚ୍ଚଳିତ ଏବଂ ବୈଷୟିକ ଶିକ୍ଷା ପରିଷଦ (ଏଆଇସିଡ଼ିପି) ଦ୍ୱାରା ନିୟନ୍ତ୍ରିତ ବୃହତ୍ ଅନଲାଇନ ପାଠ 'ସ୍ୱୟମ'ରୁ ଓଡ଼ିଆ ଭାଷାକୁ ବାଦ୍ ଦିଆଯିବା । ଏଠାରେ ଉଲ୍ଲେଖଥାଉକି, ସ୍ୱୟମ ଅନଲାଇନ ଶିକ୍ଷା ପ୍ଲାଟଫର୍ମ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ଏକ ସର୍ବବୃହତ୍ କାର୍ଯ୍ୟକ୍ରମ । ଏହି କାର୍ଯ୍ୟକ୍ରମରେ ଦେଶରେ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କୁ ସାହିତ୍ୟ, ସମାଜ ବିଜ୍ଞାନ, ଆଇନ, ଦର୍ଶନ, ବିଜ୍ଞାନ ଓ ବୈଷୟିକ ଶିକ୍ଷା ସମେତ ବିଭିନ୍ନ ବୃତ୍ତିଗତ ଶିକ୍ଷା ଆଞ୍ଚଳିକ ଭାଷାରେ ପ୍ରଦାନ କରାଯାଇଥାଏ । ଦୁଃଖର କଥା ଚଳିତବର୍ଷ ଏହି ପ୍ଲାଟଫର୍ମରୁ ଓଡ଼ିଆ ଭାଷାକୁ ବାଦ୍ ଦିଆଯାଇଛି । ଯଦିଓ ଗୁଜୁରାଟୀ, ମରାଠୀ, ବେଙ୍ଗଲୀ, ତେଲୁଗୁ, ତାମିଲ, କନ୍ନଡ଼ ଓ ମାଲାୟାଲାମ ଭଳି ଆଞ୍ଚଳିକ ଭାଷାରେ ଏହି ପ୍ଲାଟଫର୍ମରେ ଶିକ୍ଷାଦାନ ଚ୍ଚଲୁ ରହିଛି ତଥାପି ଓଡ଼ିଆ ଭଳି ଏକ ଶାସ୍ତ୍ରୀୟ ଭାଷାକୁ ବାଦ୍ ଦେବାର ଉଦ୍ଦେଶ୍ୟ କଣ । ଏହା ଓଡ଼ିଆ ଭାଷା ପ୍ରତି ଶିକ୍ଷା ମନ୍ତ୍ରଣାଳୟର ବିଦ୍ୱେଷ ଓ ଭେଦଭାବ ନୀତିର ଅନ୍ୟ ଏକ ପରିଚ୍ଚୟକ ବୋଲି ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ରବି ବେହେରା ପ୍ରଶ୍ନ କରିଛନ୍ତି । ଆଜି ଶ୍ରୀ ବେହେରାଙ୍କ ପକ୍ଷରୁ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ରମେଶ ପୋଖରିୟାଲ ନିଶଙ୍କଙ୍କୁ ଲିଖିତ ଏକ ଚିଠିରେ ଦାବୀ କରାଯାଇଛି ଯେ, ପୁନଶ୍ଚ ଏହି ଅନଲାଇନ ପାଠ୍ୟକ୍ରମରେ ଓଡ଼ିଆ ଭାଷାକୁ ସାମିଲ କରାଯାଉ । ତା ନହେଲେ ଓଡ଼ିଶାର ହଜାର ହଜାର ଦଳିତ, ଆଦିବାସୀ ଓ ଗ୍ରାମାଞ୍ଚଳର ଛାତ୍ରଛାତ୍ରୀମାନେ ଆଞ୍ଚଳିକ ଭାଷାରେ ବୈଷୟିକ ପାଠ୍ୟକ୍ରମ ଶିକ୍ଷାରୁ ବଞ୍ଚିତ ହେବେ । ଏହା କେବଳ ଯେ, ଓଡ଼ିଆ ଛାତ୍ରଛାତ୍ରୀଙ୍କ ପ୍ରତି ଅବହେଳା ଓ ବିଦ୍ୱେଷର କଥା ତା ନୁହେଁ, ଏହା ମଧ ଓଡ଼ିଶାର ସ୍ୱାଭିମାନର ଏକ ପ୍ରଶ୍ନ ବୋଲି ଶ୍ରୀ ବେହେରା ଏହି ଚିଠିରେ ଦର୍ଶାଇଛନ୍ତି । କେନ୍ଦ୍ର ଶିକ୍ଷାମନ୍ତ୍ରୀ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ପୁନଶ୍ଚ ଏଆଇସିଟିଇକୁ ଉଚିତ ନିର୍ଦ୍ଦେଶ ଦେବା ସଙ୍ଗେ ସଙ୍ଗେ ଓଡ଼ିଆ ଭାଷାରେ ବୃତ୍ତିଗତ ଶିକ୍ଷା ଅବିଳମ୍ବେ ପ୍ରଦାନ କରିବାକୁ ଶ୍ରୀ ବେହେରା ଦାବି କରିଛନ୍ତି । ଏହି ପତ୍ରର ଏକକିତା ନକଲ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗୋଚରାର୍ଥେ ପ୍ରଦାନ କରି ଓଡ଼ିଶାର ସ୍ୱାଭିମାନ ଏବଂ ଓଡ଼ିଆ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଓଡ଼ିଆ ଭାଷାରେ ପୁନଶ୍ଚ ବୃତ୍ତିଗତ ଶିକ୍ଷା ସ୍ୱୟମ୍ ଅନଲାଇନ ପ୍ଲାଟଫର୍ମରେ ବୃତ୍ତିଗତ ଶିକ୍ଷା ପ୍ରଦାନ କରିବା ପାଇଁ ଶ୍ରୀଯୁକ୍ତ ପଟ୍ଟନାୟକ ହସ୍ତକ୍ଷେପ କରି କେନ୍ଦ୍ର ସରକାରଙ୍କ ଶିକ୍ଷାମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଏ ଦିଗରେ ଦୃଷ୍ଟି ଆକର୍ଷଣ କରି ଓଡ଼ିଆ ଭାଷା ଓ ଓଡ଼ିଶାର ଗରିବ ଗ୍ରାମାଞ୍ଚଳର ଦୁର୍ବଳ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ କରିବାକୁ ସେ ଅନୁରୋଧ କରିଛନ୍ତି ।

# ଜୁନ୍ ୨୦ରୁ ପୁରୀ ଓ କାମାକ୍ଷା ମଧ୍ୟରେ ସ୍ୱତନ୍ତ୍ର ଟ୍ରେନ୍




ଭୁବନେଶ୍ୱର,୧୧/୬ (ନି.ପ୍ର): ପୁରୀ ଏବଂ କାମାକ୍ଷା ମଧ୍ୟରେ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଇବାକୁ ରେଳ ମନ୍ତ୍ରଣାଳୟ ପକ୍ଷରୁ ନିଷ୍ପତି ନିଆଯାଇଛି । ୦୫୬୪୦/୦୫୬୩୯ କାମାକ୍ଷା-ପୁରୀ-କାମାକ୍ଷା ସ୍ପେଶାଲ୍ ଟ୍ରେନ କାମାକ୍ଷା ଠାରୁ ଜୁନ ମାସ ୨୦ ତାରିଖରୁ ପ୍ରତ୍ୟେକ ରବିବାର ଦିନ ସନ୍ଧ୍ୟା ୮ଘ ୧୦ମି ରେ ଛାଡିବାକୁ ଥିବାବେଳେ ଏହି ଟ୍ରେନ ପୁରୀ ଠାରୁ ଜୁନ ମାସ ୨୨ ତାରିଖ ଠାରୁ ପ୍ରତ୍ୟେକ ମଙ୍ଗଳବାର ଦିନ ଅପରାହ୍ନ ୨ଘ.୫୫ମି.ରେ ଛାଡି ପରବର୍ତୀ ଆଦେଶ ପର୍ଯ୍ୟନ୍ତ ଚଳାଚଳ କରିବ । ଏହି ଟ୍ରେନ ପୂର୍ବତଟ ରେଳପଥ ପରିସୀମାରେ ସାକ୍ଷୀଗୋପଳ, ଖୋର୍ଦ୍ଧା ରୋଡ, ଭୁବନେଶ୍ୱର, କଟକ, ଭଦ୍ରକ ଷ୍ଟେସନ ମାନଙ୍କରେ ରହଣି କରିବାକୁ ଥିବାବେଳେ ପୁରୀ ଓ କାମାକ୍ଷା ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ ଯଥା ବାଲେଶ୍ୱର, ହିଜିଳି, ମେଦିନପୁର, ଆସନସୋଲ, ଦୁର୍ଗାପୁର, ରାମପୁର ହାଟ, ନ୍ୟୁ ଜଲପାଇଗୁଡ଼ି ଓ ରଙ୍ଗିଆ ଭଳି ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ ମାନଙ୍କରେ ରହଣି କରିବ ।

# ୧୫ରୁ ଆରମ୍ଭ ହେବ ଜା' ଲାଇଫଷ୍ଟାଇଲର ଡେମୋ ବିଜ୍ଞାପନ




ଭୁବନେଶ୍ୱର,୧୧/୬ (ନି.ପ୍ର): ଅନେକ ଆଶା ଆଶଙ୍କାର ଅବସାନ ଘଟାଇ ଜା' ଲାଇଫଷ୍ଟାଇଲ ଘୋଷଣା କରିଛି ତା'ର ଡେମୋ ବିଜ୍ଞାପନ ତାରିଖ । ବିଜ୍ଞାପନ ଜଗତରେ ଜା' ଲାଇଫଷ୍ଟାଇଲ ଏକ ନୂଆ ଅଧ୍ୟାୟ ଯୋଡ଼ିବାକୁ ଯାଉଛି ଯେଉଁଠି ସାଧାରଣ ଜନତା ବିଭିନ୍ନ ଅନ୍ତରାଷ୍ଟ୍ରୀୟ କମ୍ପାନୀମାନଙ୍କର ବିଜ୍ଞାପନ ଦେଖିବା ସହିତ କିଛି କିଛି ପଇସା ମଧ ରୋଜଗାର କରି ପାରିବେ । ଏଭଳି ଏକ ଅଭୂତପୂର୍ବ ଯୋଜନା ପ୍ରସ୍ତୁତ କରି ବଜାରକୁ ଲୋକଙ୍କ ସାମ୍ନାରେ ଆସିବା ପରେ ଅନେକ ଲୋକ ଏହାକୁ ସହଜରେ ଗ୍ରହଣ କରି ପାରି ନ ଥିଲେ । ଏଣୁ ଯେଉଁମାନେ ଏହି ଯୋଜନାରେ ସାମିଲ ହୋଇ ଏଥିରେ ନିଜର ଭବିଷ୍ୟତ କାର୍ଯ୍ୟପନ୍ଥା ଦେଖିପାରୁଥିଲେ ସେମାନଙ୍କ ମନରେ ସ୍ୱାଭାବିକ ଉତ୍କଣ୍ଠା ବଢ଼ି ଚାଲିବା ସହ ସମାଜର ଅନେକ ଲୋକ ମଧ ଏ ଯୋଜନା କିଭଳି ଚାଲିବ ବୋଲି ଚାହିଁ ରହିଛନ୍ତି । ତେବେ ସେ ସମସ୍ତ ଉତ୍କଣ୍ଠାରେ ଯବନିକା ପକାଇ ଜା' ଲାଇଫଷ୍ଟାଇଲ ଜାରି କରିଛି ତା'ର ବହୁ ପ୍ରତୀକ୍ଷିତ ବିଜ୍ଞାପନ ଆରମ୍ଭ କରିବାର ଘୋଷଣାପତ୍ର । ଏଇ ମାସ ୧୫ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଏହି ବିଜ୍ଞାପନ ପ୍ରଦର୍ଶନ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ଦୁଇ ଶହରୁ ଅଧିକ ଦେଶର ଯୋଗ ଦେଇଥିବା ଲୋକଙ୍କ ପ୍ରଶିକ୍ଷଣ ନିମନ୍ତେ ଦୁଇ ସପ୍ତାହ ଧରି ଦେୟମୁକ୍ତ ବିଜ୍ଞାପନ ଚାଲିବ ଯେଉଁଥିରେ କୌଣସି ଦର୍ଶକଙ୍କୁ ଅର୍ଥଲାଭ ହେବନାହିଁ । ଏହା ପରେ ବାସ୍ତବ ବିଜ୍ଞାପନ ପ୍ରଦର୍ଶନ ଆରମ୍ଭ ହେବ ଯେଉଁଠି ସମସ୍ତ ସଂଶ୍ଲିଷ୍ଟ ଦର୍ଶକମାନେ ନିଜର ସମୟ ଦେଇ ବିଜ୍ଞାପନ ଦେଖିବା ନିମନ୍ତେ କିଛି ଅର୍ଥ ପ୍ରାପ୍ତ ହେବେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏହି ବିଶ୍ୱବ୍ୟାପୀ କାର୍ଯ୍ୟକ୍ରମରେ ସମ୍ପୃକ୍ତ ହେବା ପାଇଁ କୌଣସି ପ୍ରକାର ଦେୟ ନଥିବାରୁ ଓଡ଼ିଶାର ସମସ୍ତ ବେକାର ଯୁବକ ଯୁବତୀ ଏହାର ପୂର୍ଣ୍ଣ ସୁଯୋଗ ନେବା ଉଚିତ । ଏହି ବିଜ୍ଞାପନ ପ୍ରଦର୍ଶନ କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ଲୋକଙ୍କୁ ସାମିଲ କରାଇ ପରିଶ୍ରମୀ ଯୁବସମାଜ ନିଜର କ୍ୟାରିଅର ବା ଭବିଷ୍ୟତ ଗଠନ କରିପାରିବେ ବୋଲି କହିଛନ୍ତି ଜେନେରାଲ ଦୀନବନ୍ଧୁ ଷଡ଼ଙ୍ଗୀ । ବର୍ତ୍ତମାନର ଭୟଙ୍କର ବେକାରୀ ସମସ୍ୟା ଦୂର କରିବାକୁ ଏହା ଏକ ସମର୍ଥ ଯୋଜନା ବୋଲି ଧରିବାକୁ ହେବ ବୋଲି ସେ କହିଛନ୍ତି । ଲୋକଙ୍କ ସୁବିଧା ପାଇଁ ବ୍ୟକ୍ତିଗତ ସ୍ତରରେ ୯୩୪୮୩୪୪୨୬ ନମ୍ବରକୁ ହେଲ୍ପଲାଇନ ନମ୍ବର ଭାବରେ ଦିଆଯାଇଛି । ଏଠାରେ ସୂଚନାଯୋଗ୍ୟ କି ଜା' ଲାଇଫଷ୍ଟାଇଲର ବିଜ୍ଞାପନ ଏଜେନ୍ସି ଋଋଐଐଇଇ ସମୂହରେ ଏହି ମାଗଣା ପଞ୍ଜିକରଣ ଗତ ସନ୍ଧ୍ୟାରୁ ଆରମ୍ଭ ହୋଇଯାଇଛି । ଏଣୁ ଉତ୍ସାହୀ ବେକାର ଯୁବସମାଜ ତୁରନ୍ତ ଏହାର ସୁଯୋଗ ନେବା ପାଇଁ କୁହାଯାଇଛି ।

# ପଦ୍ମଶ୍ରୀ ପ୍ରଫେସର ରାଧାମୋହନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୧୧/୬ (ନି.ପ୍ର): ବିଶିଷ୍ଟ ପରିବେଶବିତ୍, ପୂର୍ବତନ ସୂଚନା କମିଶନର, ପଦ୍ମଶ୍ରୀ ପ୍ରଫେସର ରାଧାମୋହନଙ୍କ ଅମ୍ଳାନ ସ୍ମୃତି ପ୍ରତି ସିପିଆଇ (ଏମ୍.ଏଲ) ଲିବରେସନ, ଓଡ଼ିଶା ରାଜ୍ୟ କମିଟି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ତାଙ୍କ ମୃତ୍ୟୁରେ ଓଡ଼ିଶାର ଚ୍ଚଷୀକୁଳ ନିଜର ଜଣେ ଅଭିଭାବକ, ଶୁଭଚିନ୍ତକ ଓ ମାର୍ଗଦର୍ଶକଙ୍କୁ ହରାଇଲା । ସେ ଥିଲେ ଓଡ଼ିଶା ବୌଦ୍ଧିକ ଆକାଶର ଗୋଟିଏ ଉଜ୍ଜ୍ୱଳ ତାରକା । ଜୈବିକ କୃଷି ପ୍ରତି ତାଙ୍କର ନିଷ୍ଠା, ଅବଦାନ ଓ କୃଷି କ୍ଷେତ୍ରରେ କର୍ପୋରେଟ ଲୁଣ୍ଠନ ବିରୁଦ୍ଧରେ ଜନସେଚତନତା ସୃଷ୍ଟି କରିବାରେ ସେ ଥିଲେ ଜଣେ ସମର୍ପିତ ମଣିଷ । କୃଷିରେ ରାସାୟନିକ ସାରର ପ୍ରୟୋଗ, କର୍ପୋରେଟ ସଂସ୍ଥାମାନଙ୍କର ଅତ୍ୟଧିକ ଲୋଭ ଓ ସରକାରଙ୍କ ବିପଦଜନକ କୃଷିନୀତି ଦିନେ ଖାଦ୍ୟାଭାବର କାରଣ ପାଲଟିବ ବୋଲି ସେ ସତର୍କ କରାଉଥିଲେ । ସେ କହୁଥିଲେ ପ୍ରକୃତି ଓ ମଣିଷ ଦୁହେଁ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ତେଣୁ ପ୍ରାକୃତିକ ଉପାୟରେ ଚ୍ଚଷ ସ୍ୱାସ୍ଥ୍ୟପ୍ରଦ ଓ ଦୀର୍ଘସ୍ଥାୟୀ । ସମାଜ ପ୍ରତି ତାଙ୍କର ଅବଦାନ ତାଙ୍କୁ ଜନମାନସରେ ଚିର ଦିନ ଅମର କରି ରଖିବ । ତାଙ୍କ ପରିବାର, ବନ୍ଧୁ ଓ ପରିଜନଙ୍କୁ ସମବେଦନା ଜଣାଉଛୁ ।

# ବିଶ୍ୱ ପରିବେଶ ଦିବସ ଉଦ୍ଯାପିତ

ଖୋର୍ଦ୍ଧା,୧୧/୬ (ନି.ପ୍ର): ସ୍ୱେଚ୍ଛାସେବୀ ଅନୁଷ୍ଠାନ ନାରାୟଣ ସେବା ଫାଉଣ୍ଡେସନ ପକ୍ଷରୁ ଖୋର୍ଦ୍ଧା ଗେଡ଼ିଆପଲ୍ଲୀର ସାମୂକାପାଟଣାଠାରେ ବିଶ୍ୱ ପରିବେଶ ସପ୍ତାହ ର ଉଦ୍ଯାପନୀ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ସମାଜସେବୀ ତଥା ଫାଉଣ୍ଡେସନର ପ୍ରତିଷ୍ଠାତା ସୀତାଂଶୁ ଶେଖର ମହାରଣାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉଦ୍ଯାପନୀ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାର ବୃକ୍ଷ ଯଥା ପିଜୁଳି, ଆମ୍ବ, ଚମ୍ପା, କରମଙ୍ଗା, କରଂଜ, ଲିମ୍ବ ପ୍ରମୁଖ ରୋପଣ କରାଯିବା ସହିତ ଅମ୍ଳଜାନର ଅଭାବକୁ କିପରି ସମସ୍ତେ ମିଶି ଦୂରୀଭୂତ କରିବା ପାରିବା ତାହା ଉପରେ ଏକ ଆଲୋଚନା ଶିବିର ଅନୁଷ୍ଠିତ ହୋଇଥିଲା । ବୃକ୍ଷ ହିଁ ଜୀବନ ଓ ବୃକ୍ଷ ରହିଲେ ଆମେ ରହିବା ବୋଲି ଅନୁଷ୍ଠାନର ସଂପାଦିକା ସମାଜସେବିକା ସମିତା ମହାରଣା ଓ ସଭାପତି ସମାଜସେବୀ ଶିବନାରାୟଣ ମିଶ୍ର ସଭ୍ୟ ତଥା ସମାଜସେବୀ ପ୍ରକାଶ କୁମାର ପାଣିଗ୍ରାହୀ, ଶ୍ରୀକାନ୍ତ ତ୍ରିପାଠୀ, ଅଭିନାଶ ପ୍ରମୁଖ ଉପସ୍ଥିତ ରହିବା ସହ ସ୍ୱଚ୍ଛତା ପରିବେଶ ସଂପର୍କୀୟ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଏହି ଅବସରରେ ଶ୍ରୀଯୁକ୍ତ ମହାରଣା ମତବ୍ୟକ୍ତ କରିଥିଲେ ଯେ ଆଗାମୀ ଦିନରେ ରାଜଧାନୀର ବିଭିନ୍ନ ପ୍ରାନ୍ତରେ ୭୫୦ ଚାରା ରୋପଣ କରାଯିବ । ଫାଉଣ୍ଡେସନର କୋଷାଧକ୍ଷ ଓ ସାମ୍ବାଦିକ ଅରବିନ୍ଦ ତ୍ରିପାଠୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

## ପେଟ୍ରୋଲ ଓ ଡ଼ିଜେଲ ଦର ବୃଦ୍ଧି ପ୍ରତିବାଦରେ କଂଗ୍ରେସର ବିକ୍ଷୋଭ ଓ ଗଣଧାରଣା

ଧାମନଗର,୧୧/୦୬ (ନି.ପ୍ର): ପେଟ୍ରୋଲ, ଡ଼ିଜେଲ ଓ ରନ୍ଧନଗ୍ୟାସର ଅହେତୁକ ମୂଲ୍ୟ ବୃଦ୍ଧି ପ୍ରତିବାଦରେ ଧାମନଗର ବ୍ଲକ କଂଗ୍ରେସ କିମିଟି ତରଫରୁ ସ୍ଥାନୀୟ ଏକ ପେଟ୍ରୋଲ ପମ୍ପ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ଓ ଗଣଧାରଣା କରାଯାଇଥିଲା। ଶୁକ୍ରବାର ସକାଳ ୮ଟାରୁ ଦିନ ୧୧ଟା ପର୍ଯ୍ୟନ୍ତ ଧାମନଗରର ଛାମୁଆ କଂଗ୍ରେସ ନେତାମାନେ ଧାମନଗର ସ୍ଥିତ ଏକ ପେଟ୍ରୋଲ ପମ୍ପ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଧାରଣାରେ ବସିଥିଲେ। ମହାମାରୀ କରୋନା ସମୟରେ ପେଟ୍ରୋଲ, ଡ଼ିଜେଲ ଓ ରନ୍ଧନ ଗ୍ୟାସର ଦୈନିକ ଦର ବୃଦ୍ଧି ଲୋକଙ୍କୁ ବେଢି ଉପରେ କରୋଡ଼ା ମାଡ଼ ବୋଲି କଂଗ୍ରେସ ଅଭିଯୋଗ କରିଛି। ପେଟ୍ରୋଲ, ଡ଼ିଜେଲ ଓ ରନ୍ଧନ ଗ୍ୟାସର ଅହେତୁକ ମୂଲ୍ୟ ବୃଦ୍ଧି ପାଇଁ କଂଗ୍ରେସ କେନ୍ଦ୍ର ସରକାରଙ୍କୁ ସିଧାସଳଖ ଦାୟି କରିବାସହିତ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ଡ଼ାକରାରେ ଏହି ବିକ୍ଷୋଭ ଗଣଧାରଣା କରାଯାଇଥିବା କଂଗ୍ରେସ ନେତାମାନେ ସୂଚନା ଦେଇଥିଲେ। ଧାମନଗର ବ୍ଲକ କଂଗ୍ରେସ କମିଟି ସଭାପତି ଅଭିଷେକ ରାଉତଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭ ଓ ଗଣଧାରଣାରେ ବରିଷ୍ଠ କଂଗ୍ରେସ ନେତା ବିଦ୍ୟାଧର ଜେନା, ହୃଦାନନ୍ଦ ସେଠୀ, ସୁଧିର ଖଟୁଆ, ସଞ୍ଜୟ କୁମାର ମିଶ୍ର, ପ୍ରସନ୍ନ ଧଳ, ନିମାଇଁ ଚରଣ ଜେନା, ସଂଗ୍ରାମ ନାୟକ, ସେକ୍ ନିଜାମୁଦ୍ଦିନ୍, ପ୍ରମୋଦ କୁମାର ସ୍ୱାଇଁ, ହରେକୃଷ୍ଣ ଦେବତା, ସେକ୍ ତାଜୁଦ୍ଦିନ୍, ଏମ୍ଡ଼ି ଇସଲାମ୍, ପ୍ରମିଳା ସେଠୀ, ସେକ୍ ରୁପ୍, ସଞ୍ଜିତ୍ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ।

## ସ୍ୱୟଂ ରେ ଓଡ଼ିଆ ଭାଷା ପାଇଁ ଦାବି

ଭୁବନେଶ୍ୱର,୧୧/୦୬ (ନି.ପ୍ର): କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଅଧିନ ସ୍ୱୟଂ ଅନ୍‌ଲାଇନ୍ ଶିକ୍ଷା ପୋଟାଲରୁ ଓଡ଼ିଆ ଭାଷାକୁ ବାଦ ଦେବା ଘଟଣାକୁ ଉତ୍କଳ ସମ୍ମିଳନୀ ନିନ୍ଦା କରିବା ସହିତ ଯଥାଶିଘ୍ର ଏହି ପୋଟାଲରେ ଓଡ଼ିଆ ଭାଷା ବ୍ୟବହାର କରିବା ପାଇଁ ବ୍ୟବସ୍ଥା କରିବାକୁ ସମ୍ମିଳନୀ ଦାବି କରିଛି । ଉତ୍କଳ ସମ୍ମିଳନୀ ପକ୍ଷରୁ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ଏଭଳି ଓଡ଼ିଆ ମାରଣ ନୀତିକୁ ସମାଲୋଚନା କରି ସମ୍ମିଳନୀର ମଂଚେଶ୍ୱର ଶିକ୍ଷାଂଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା କହିଛନ୍ତି ଯେ, ବଙ୍ଗାଳୀ ଓ ଗୁଜୁରାଟୀ ଭଳି ଅଣ ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତ ଭାଷାରେ ପଢ଼ିବାକୁ ପିଲାମାନଙ୍କୁ ବଂଚିତ କରାଯାଉଛି । କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଓ ଏଆଇସିଟିଇ ଏ ବାବଦରେ ନିଜର ନିଷ୍ପତି ବଦଳାଇବେ ବୋଲି ଉତ୍କଳ ସମ୍ମିଳନୀ ଦାବି କରିଛି ।

# ପେଟ୍ରୋଲ-ଡିଜେଲ ଦରବୃଦ୍ଧିକୁ ବିରୋଧ : କଂଗ୍ରେସ ପକ୍ଷରୁ ପେଟ୍ରୋଲ ପମ୍ପ ସମ୍ମୁଖରେ ଧାରଣା



ବାଲେଶ୍ୱର,,୧୧/୦୬ (ନି.ପ୍ର): ଲଗାତର ଦେଶରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟବୃଦ୍ଧିକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦାନା ବାନ୍ଧୁଥିବା ବେଳେ ଏବେ ଆନ୍ଦୋଳନମୁଖୀ ହୋଇଛି କଂଗ୍ରେସ। ଅଖିଳ ଭାରତୀୟ କଂଗ୍ରେସ କମିଟିର ଆହ୍ୱାନ ଓ ପ୍ରଦେଶ କଂଗ୍ରେସ କମିଟି ନିର୍ଦ୍ଦେଶ କ୍ରମେ ଶୁକ୍ରବାର ତୈଳଦର ବୃଦ୍ଧିକୁ ଓଡ଼ିଶାର ଜିଲାସ୍ତରରେ ବିରୋଧ କରାଯାଇଥିବା ବେଳେ ବାଲେଶ୍ୱରରେ ବି ଅନୁରୂପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଜିଲା କଂଗ୍ରେସ କମିଟି ସଭାପତି ସଞ୍ଜୀବ ଗିରିଙ୍କ ନେତୃତ୍ୱରେ କର୍ମୀ ଓ ସମର୍ଥକମାନେ ସହରର ବି ବାର୍ଜୋଜି ପେଟ୍ରୋଲ ପମ୍ପ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ପ୍ରତୀକ ଗଣଧାରଣା ଦେଇଥିଲେ। ଶ୍ରୀ ଗିରିଙ୍କ ସମେତ ପ୍ରଫେସନାଲ କଂଗ୍ରେସର ରାଜ୍ୟ ଅଧ୍ୟକ୍ଷା ତଥା ସଦର ନେତ୍ରୀ ମମତା କୁଣ୍ଡୁ, ଜିଲା କଂଗ୍ରେସ କୋଭିଡ ସଂଯୋଜିକା ଅର୍ଚ୍ଚନା ନନ୍ଦୀ, ବରିଷ୍ଠ କଂଗ୍ରେସ ନେତା ଅର୍ଚ୍ଚନା ନନ୍ଦୀ, ଯୁବ କଂଗ୍ରେସ ଜିଲା ସଭାପତି ରଂଜନ ଦାସ, ଛାତ୍ର କଂଗ୍ରେସ ସଭାପତି ଗୌତମ ସାହୁ, ଅଣ ସଂଗଠିତ ଶ୍ରମିକ କଂଗ୍ରେସ ଜିଲା ସଭାପତି ବିକାଶ ଦାସ ପ୍ରମୁଖ ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଯୋଗଦେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତୈଳନୀତିକୁ ତୀବ୍ର ସମାଲୋଚନା କରିଥିଲେ। ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳଦର ପ୍ରତି ବ୍ୟାରେଲ ୬୦ରୁ ୭୦ ଡଲାରରେ ବିକ୍ରି ହେଉଥିବା ବେଳେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନ ଶୋଷଣ ନୀତି ଯୋଗୁଁ ସମ୍ପ୍ରତି ଏବେ ଦେଶରେ ପେଟ୍ରୋଲ ଓ ଡିଜେଲର ପ୍ରତି ଲିଟର ମୂଲ୍ୟ ଶହେଟଙ୍କା ଅତିକ୍ରମ କରିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି କଂଗ୍ରେସ ନେତାମାନେ କହିଛନ୍ତି। ପେଟ୍ରୋଲ ଓ ଡିଜେଲର ଦରବୃଦ୍ଧିର ପ୍ରଭାବ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜନସାଧାରଣଙ୍କ ଉପରେ ପଡ଼ିବାରେ ଲାଗିଛି। କରୋନା ପ୍ରଭାବରେ ସାଧାରଣ ଜନତାଙ୍କ ଆର୍ଥିକ ସ୍ଥିତ ଗୁରୁତର ଭାବେ ପ୍ରଭାବିତ ହୋଇଥିବା ବେଳେ ତୈଳ ଦରବୃଦ୍ଧି ଯୋଗୁଁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ବଢ଼ିବାରେ ଲାଗିଛି। କରୋନା କାଳରେ ଏହା ଲୋକଙ୍କ ଉପରେ ବୋଝ ଉପରେ ନଳିତା ବିଡ଼ା ସଦୃଶ ସ୍ଥିତି ଉପୁଯାଇଛି। ଏମିତିକି ପେଟ୍ରୋଲିୟମ ମନ୍ତ୍ରୀ ଭାବେ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଧର୍ମେନ୍ଦ୍ର ପ୍ରଧାନ ଏହି ବିଭାଗ ପରିଚାଳନାରେ ବିଫଳ ହୋଇଛନ୍ତି ବୋଲି ସେ କଂଗ୍ରେସ ପକ୍ଷରୁ କୁହାଯାଇଛି। ଟିକସ ମାଧ୍ୟମରେ ଦଳୀୟ ପାଣ୍ଠି ବଢ଼ାଇବା ନୀତି ଛାଡ଼ି ସରକାର ତୁରନ୍ତ ତୈଳଦର ହ୍ରାସ ନକଲେ ଆଗାମୀ ଦିନରେ କଂଗ୍ରେସ ତୀବ୍ର ଆନ୍ଦୋଳନକୁ ଓହ୍ଲାଇବ ବୋଲି ଜିଲା କଂଗ୍ରେସର ନେତାମାନେ ଚେତାବନୀ ଦେଇଛନ୍ତି। ଏହି ପ୍ରତିବାଦ କାର୍ଯ୍ୟକ୍ରମ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଚାଲିଥିଲା।

## ମିଶନ ଜୀବିକା ଯୋଜନାରେ ଉନ୍ନତ କିସମର ହଳଦୀ ବିହନ ବଂଟନ



ବାରିପଦା,୧୧/୦୬ (ନି.ପ୍ର): ବାରିପଦା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ଆଦିବାସୀ ବର୍ଗର ହଳଦୀ ଚାଷୀ ମାନଙ୍କୁ ଉନ୍ନତ କିସମର ହଳଦୀ ବିହନ ବଂଟନନ କରାଯାଇଛି । ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଉପଜାତି ବିଭାଗର ମିଶନ ଜିବୀକା ଯୋଜନାରେ ବାରିପଦା ବ୍ଲକ ଅନ୍ତର୍ଗତ ବେତନା ଗ୍ରାମପଂଚାୟତର ସାନଡାକୋଇ ଓ ଦାମଦୋରପୁର ଗ୍ରାମର ଆସିବାସୀ ବର୍ଗର ହଳଦୀ ଚାଷୀ ମାନଙ୍କୁ ୩ କୁଇଂଟାଲ ଉନ୍ନତ କିସମର ହଳଦୀ ବିହନ ବଂଟନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ସାନଡାକୋଇ ଗ୍ରାମର ୩୪ ଜଣ ଓ ଦାମଦୋର ପୁର ଗ୍ରାମର ୧୦ ଜଣ ମୋଟ ୪୪ ଜଣ ଚାଷୀଙ୍କୁ ବିହନ ବଂଟନ କରାଯାଇଛି । ପର୍ଯ୍ୟାୟ କ୍ରମେ ଉକ୍ତ ଚାଷୀ ମାନଙ୍କୁ ସାର ମଧ୍ୟ ଯୋଗାଇ ଦିଆଯିବ। ହଳଦୀ ଏକ ଲାଭ ଜନକ ଅର୍ଥକାରୀ ଫସଲ । ଏହି ଚାଷକୁ ବୈଜ୍ଞାନିକ ପଦ୍ଧତିରେ କରିବା ଦ୍ୱାରା ଚାଷୀମାନଙ୍କର ରୋଜଗାର ବୃଦ୍ଧି ହେବା ସହିତ ଆର୍ଥିକ ମାନଦଣ୍ଡରେ ବିକାଶ ହୋଇ ପାରିବ ବୋଲି ଉପସ୍ଥିତ ବାରିପଦା ଆଇଟିଏ ର ପ୍ରକଳ୍ପ ପ୍ରସାଶକ ବସନ୍ତ କୁମାର ସେଠୀ ଚାଷୀଙ୍କ ଉଦେଶ୍ୟରେ କହିଥିଲେ । ଆଇଟିଏର ପ୍ରଜେକ୍ଟ ମେନେଜର, ଏସଏମସି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କରୋନା କଟକଣା ନୀତି ନିୟମକୁ ପାଳନକରି ଚାଷୀମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

## ଭଦ୍ରକରେ ଚିହ୍ନଟ ହେଲେ ୨୧୭ କରୋନା ଆକ୍ରାନ୍ତ

ଭଦ୍ରକ,୧୧/୦୬ (ନି.ପ୍ର): ଭଦ୍ରକ ଜିଲ୍ଲାରୁ ଆଉ ୨୧୭ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହି ଆକ୍ରାନ୍ତଙ୍କୁ ମିଶାଇ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ହୋଇଛି ୧୯ ହଜାର ୩୧୮। ସେମାନଙ୍କ ମଧ୍ୟରୁ ସୁସ୍ଥ ହୋଇଛନ୍ତି ୧୬ ହଜାର ୫୬୬ଜଣ। ଏବେ ସକ୍ରିୟ ଆକ୍ରାନ୍ତ ଅଛନ୍ତି ୨୭୧୮ଜଣ। ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ବାସୁଦେବପୁର ପୌରପାଳିକାର ୱାର୍ଡ ନଂ ୧୮, ୬, ୫ରୁ ମୋଟ ୬ଜଣ, ଭଦ୍ରକ ପୌରପାଳିକାର ବରାଳପୋଖରୀ, ଜଗନ୍ନାଥପୁର, ଅପର୍ଣ୍ଣବିନ୍ଧା, କୁଆଁସ, ମଠସାହି, ଚରମ୍ପା, ଗବସାହି, ବାଗୁରାଇ ଗ୍ରାମରୁ ମୋଟ ୧୪ଜଣ, ବନ୍ତ ବ୍ଲକର ଆଡିଆ, ବସନ୍ତିଆ, ଛୟାଳସିଂହ, ପାନପଦି, ରାମଚନ୍ଦ୍ରପୁର, ରାମକୃଷ୍ଣପୁର, କ୍ଷେଣ୍ଡତୀରା, ଟିଲୋ, ତୋଡଙ୍ଗା ଗ୍ରାମରୁ ୧୬ଜଣ ଚିହ୍ନଟ ହୋଇଛନ୍ତି। ଚାନ୍ଦବାଲି ବ୍ଲକର ବାଂଶଡା, ଚରଦିଆ, ଧାମରା, ବାଲିପଦା, କରଞ୍ଜମାଳ, ମଉସୁଧା, ନଳଗୋହିରା, ଓରାସାହି, ପଞ୍ଚୁଟିକ୍ରି, ହଳଦିଆ, ବୁରଜାଲ, ଓସ୍ତିଆ, ବାଲିଆପାଳ, ଭାଟପଡା, ମତୋ, ନୂଆଗାଁ, ତେନ୍ତୁଲିଡିହି ଗ୍ରାମରୁ ୪୨ଜଣ, ଭଣ୍ଡାରିପୋଖରୀ ବ୍ଲକର ମଢିଆଳି, ମଣତାପୁର, ମଞ୍ଜୁରୀରୋଡ, ଡଗରପଡା, ନେରଡା, ରହଣିଆ, ରଞ୍ଜିତ, ତେସିଙ୍ଗା ଗ୍ରାମରୁ ୨୧ଜଣ, ଧାମନଗର ବ୍ଲକର ଅର୍ଜୁନପୁର, ନାରାୟଣପୁର, ଫତେପୁର, ଗଡିଆଳି, କୋରୁଆ, ଲେଙ୍କାସାହି, ରଘୁନାଥପୁର, ଚୁଡାକୁଟି, କୋଠାର, ପାଳସାହି ଗ୍ରାମରୁ ୪୭ଜଣ, ତିହିଡ଼ି ବ୍ଲକର ବିଲଣା, ଫତେପୁର, କୁବେରା, ହାଟୁରୀ, ତାଳପଦା, ଦୋଳସାହି, ଗୋବିନ୍ଦପୁର, ହରସିଂହପୁର, ଭାଟପଡା, ପାଳିଆବିନ୍ଧା, ସୟା, ଶ୍ୟାମସୁନ୍ଦରପୁର ଆଦି ଗ୍ରାମରୁ ୧୮ ଜଣ, ବାସୁଦେବପୁର ବ୍ଲକର ସୁଦର୍ଶନପୁର, କମାରଗାଁ, ବାଲିମେଦ, ବିଦେଇପୁର, ନୂଆଗାଁ, ଆରୁହା, ବିରସ ଗ୍ରାମରୁ ୧୪ଜଣ, ଭଦ୍ରକ ବ୍ଲକର ନଛିପୁର, ବେନ୍ତାଳ, ଚଣ୍ଡିଗାଁ, ରାଇପୁର, ଜିତାନଗା, ବାଉଦପୁର, ଖଣ୍ଡତଡା, ରାହାଞ୍ଜା, ରମ୍ଭିଳା, ଭୀମପୁର, ଏରେଇଁ, ଆଟୋ ଗ୍ରାମରୁ ୨୦ଜଣ, ଚାନ୍ଦବାଲି ଏନ୍‌ଏସିର ୧୫ ନଂ ୱାର୍ଡ ଓ ୫ନଂ ୱାର୍ଡରୁ ୫ଜଣ, ଧାମନଗର ଏନ୍‌ଏସିରୁ ୨ଜଣ, ଅନ୍ୟ ଜିଲ୍ଲାର ବାଲେଶ୍ୱର ଜିଲ୍ଲାର ସିମୁଳିଆ, ଖଇରା ବ୍ଲକ, ଯାଜପୁର ଜିଲ୍ଲାର କୋରେଇ, କେନ୍ଦୁଝର ଜିଲ୍ଲାର ହାଟଡିହି ବ୍ଲକରୁ ୧୨ଜଣ ଚିହ୍ନଟ ହୋଇଛନ୍ତି।

## ହିମାଂଶୁ ଦାସ ଓ ପରେଶ ଗାୟନଙ୍କ ବିୟୋଗରେ 'ମୋନା'ର ଶୋକସଭା

ବାଲେଶ୍ୱର,୧୧/୦୬ (ନି.ପ୍ର): ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ 'ମୋନା' ପକ୍ଷରୁ ସଂଗଠନର ଆଜୀବନ ସଦସ୍ୟ ବିଶିଷ୍ଟ ଶିଳ୍ପପତି ହିମାଂଶୁ ଦାସ ଓ ରୋଟାରିଆନ ପରେଶ ଗାୟନଙ୍କ ବିୟୋଗରେ ଏକ ଶୋକସଭା ନେଳିଆବାଗସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ସଭାପତି ଅଇନଜୀବୀ ପ୍ରଭାକର ସାହୁଏଥିରେ ସଭାପତିତ୍ୱ କରିବା ସହିତ ଦୁଇ ଦିବଂଗତ ବ୍ୟକ୍ତିତ୍ୱଙ୍କ ଜୀବନଧାରା ସମ୍ପର୍କରେ ସୂଚନା ଦେଇଥିଲେ। ସାଧାରଣ ସମ୍ପାଦିକା ମମତା ମହାପାତ୍ର ଏଥିରେ ଯୋଗଦେଇ ସ୍ୱର୍ଗତ ଦାସ ଓ ସ୍ୱର୍ଗତ ଗାୟନଙ୍କ ସମାଜସେବା ମୂଳକ କାର୍ଯ୍ୟଧାରା ସମ୍ପର୍କରେ ଆଲୋଚନା କରିଥିଲେ। 'ମୋନା'ର ଉପଦେଷ୍ଟା ସୁବ୍ରତ କର, ଡ.ଶିରୀଶ ଚନ୍ଦ୍ର ଜେନା, ଡ.କେଶବ ଚରଣ ପଣ୍ଡା, ଡ.କ୍ଷିତୀଶ୍ୱର ଦାଶ, ଗୌରାଙ୍ଗ ପାଣିଗ୍ରାହୀ, ଶୁଭଙ୍କର ମହାପାତ୍ର, କମଳାକାନ୍ତ ଦାଶ, କଲ୍ୟାଣୀ ନନ୍ଦ, ଯୋଗେଶ ଚନ୍ଦ୍ର ପ୍ରଧାନ, ପ୍ରଫୁଲ୍ଲ କୁମାର ଦାସ,ପୂର୍ଣ୍ଣଚନ୍ଦ୍ର ବେହେରା, ନିରଞ୍ଜନ ପରିଡ଼ା, ରବି ପାଣିଗ୍ରାହୀ, ବେଣୁଧର ସାହୁ ପ୍ରମୁଖଙ୍କ ସମେତ ବହୁ ସଦସ୍ୟ ବ୍ୟକ୍ତିଗତ ତଥା ଭର୍ଚୁଆଲ ମୋଡ଼ରେ ଏଥିରେ ଯୋଗଦେଇ ଦୁଇ ଦିବଂଗତ ବ୍ୟକ୍ତିତ୍ୱଙ୍କ ଜୀବନାଦର୍ଶ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭ ସମସ୍ତେ ନିରବ ପ୍ରାର୍ଥନା ସହ ଦୁଇ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଗୋଟିଏ ଦିନରେ ୫୨୩୫ କରୋନା ....

ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲରେ ସବୁଠାରୁ ଅଧିକ ୭୨୬ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୨୭୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୩୨୦ ଜଣ, ବରଗଡ଼ରୁ ୧୧୮ ଜଣ, ଭଦ୍ରକରୁ ୨୧୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୪୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୮୩, କଟକରୁ ୫୫୭ ଜଣ, ଦେବଗଡ ଜିଲ୍ଲାରୁ ୧୪ ଜଣ, ଢେଙ୍କାନାଳ ଜିଲ୍ଲାରୁ ୧୩୭ ଜଣ, ଗଜପତି ଜିଲ୍ଲାରୁ ୨୩ , ଗଞ୍ଜାମରୁ ୭୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧୪୮ ଜଣ, ଯାଜପୁରରୁ ୩୯୪ ଜଣ, ଝାରସୁଗୁଡ଼ାରୁ ୨୭ ଜଣ, କଳାହାଣ୍ଡିରୁ ୪୮ ଜଣ, କନ୍ଧମାଳ ଜିଲ୍ଲାରୁ ୩୭ ଜଣ. କେନ୍ଦ୍ରାପଡ଼ାରୁ ୨୩୭ ଜଣ, କେନ୍ଦୁଝରରୁ ୧୧୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୭୨୬ ଜଣ, କୋରାପୁଟରୁ ୧୨୭ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୫୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୨୮୫ ଜଣ, ନବରଙ୍ଗପୁରରୁ ୧୮୬ ଜଣ, ନୟାଗଡ଼ରୁ ୧୩୨ ଜଣ, ନୂଆପଡ଼ାରୁ ୧୩ ଜଣ, ପୁରୀରୁ ୨୩୪ ଜଣ, ରାୟଗଡ଼ାରୁ ୧୨୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୬୬ ଜଣ, ସୋନପୁରରୁ ୩୪ ଜଣ, ସୁନ୍ଦରଗଡ଼ରୁ ୨୫୧ ଜଣ ଓ ଷ୍ଟେଟ୍ ପୁଲରୁ ୧୫୪ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

### ମୋଦୀଙ୍କ ହାତ ଛାଡ଼ି ମମତାଙ୍କ ଶିବିରକୁ ....

ମମତାଙ୍କ ଦମଦାର ବିଜୟ ପରେ ପୁରୁଣା ସାଥୀ ଟିଏମସି ଫେରୁଛନ୍ତି । ସୂଚନା ଅନୁସାରେ ଗତ ସପ୍ତାହରେ ମୁକୁଲ ରୟ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ଫୋନରେ କଥା ହୋଇ ଦଳକୁ ଫେରିବାକୁ ନିଷ୍ପତି ନେଇଥିଲେ । ବିଜେପିରେ ଶୁଭେନ୍ଦୁ ଅଧିକାରୀଙ୍କ ପ୍ରାଧାନ୍ୟ ବଢୁଥିବା ଦେଖି ମୁକୁଲ ରୟ ଟିଏମସି ଫେରିଥିବା ଚର୍ଚ୍ଚା ହେଉଛି । କୃଷ୍ଣାନଗର ଦକ୍ଷିଣ ଆସନରୁ ବିଧାୟକ ଭାବେ ନିର୍ବାଚିତ ହେବା ପରେ ତାଙ୍କୁ ବିରୋଧୀ ଦଳ ନେତା ନକରାଯାଇ କମାଣ ଶୁଭେନ୍ଦୁ ଅଧିକାରୀଙ୍କୁ ଦିଆଯାଇଥିଲା । ଯାହାକୁ ନେଇ ସେ ଅସନ୍ତୁଷ୍ଟ ଥିଲେ । ଏହାର ସୁଯୋଗ ନେଇ ମୁକୁଲ ରୟଙ୍କ ଆଡକୁ ବନ୍ଧୁତାର ହାତ ବଢାଇଥିଲା ତୃଣମୂଳ କଂଗ୍ରେସ । ମୁକୁଲଙ୍କ ପତ୍ନୀ ଅସୁସ୍ଥ ହୋଇ ହସପିଟାଲରେ ଥିବା ବେଳେ ତୃଣମୂଳ କଂଗ୍ରେସର ୨ ନବଂର ନେତା ଅଭିଷେକ ବାନାର୍ଜୀ ଭେଟିବାକୁ ଯାଇଥିଲେ । ଗଣମାଧ୍ୟମରେ ଏହାର ଚର୍ଚ୍ଚା ପରେ ତୁରନ୍ତ ମୁକୁଲ ରୟଙ୍କୁ ଫୋନ କରି ପତ୍ନୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ତେବେ ନଜର ପକାଇବା ମୁକୁଲ ରାୟ ବିଜେପି ଛାଡ଼ିବାର ସମ୍ଭାବ୍ୟ କାରଣ ଉପରେ- କାହିଁକି ବିଜେପି ଛାଡ଼ିଲେ ମୁକୁଲ ? ବିଜେପିରେ ତାଙ୍କୁ ଅଣଦେଖା କରାଯିବା, ଶୁଭେନ୍ଦୁ ଅଧିକାରୀଙ୍କ ସହ ତିକ୍ତତା, ବିଧାନସଭା ନିର୍ବାଚନରେ ବିଜେପି ଆଶାନୁରୂପ ସଫଳତା ନପାଇବା, ପୁଅ ଶୁଭ୍ରାଂଶୁଙ୍କ ରାଜନୈତିକ କ୍ୟାରିୟର ବଂଚାଇବା । ମୁକୁଲ ରୟ ବିଜେପି ଛାଡିବା ପଶ୍ଚିମବଙ୍ଗ ବିଜେପି ପାଇଁ ଏକ ବଡ କ୍ଷତି ବୋଲି କୁହାଯାଉଛି । କାରଣ ୨୦୧୭ ପରେ ଟିଏମସିର ବରିଷ୍ଠ ନେତାଙ୍କୁ ବିଜେପି ଆଣିବା ପଛରେ ତାଙ୍କର ବଡ ଭୂମିକା ରହିଥିଲା । ଏବେ ଯେହେତୁ ମୁକୁଲ ରୟ ତୃଣମୂଳ କଂଗ୍ରେସକୁ ଫେରିଛନ୍ତି । ତେଣୁ ତାଙ୍କ ନିକଟତମ ଓ ବିଶ୍ୱସ୍ତ ନେତା ମଧ ଟିଏମସି ଫେରିବେ ବୋଲି ଚର୍ଚ୍ଚା ଚାଲିଛି ।

### କୋଭାକ୍ସିନକୁ ଝଟକା....

ପାଇଁ ଆମେରିକାର ଅଂଶୀଦାର କମ୍ପାନୀ ଓକୁଗେନ ଏହି ଟିକାକୁ ଜରୁରୀକାଳୀନ ବ୍ୟବହାର ପାଇଁ ଅନୁମତି ମାଗିଥିଲା । ଓକୁଗେନ ପକ୍ଷରୁ କୁହାଯାଇଛି ଯେ ଏଫଡିଏ, କମ୍ପାନୀକୁ ଆଉ ଏକ ଅତିରିକ୍ତ ପରୀକ୍ଷା ଆରମ୍ଭ କରିବାକୁ କହିଛି ଯାହା ଦ୍ୱାରା କମ୍ପାନୀ ବାୟୋଲୋଜିକାଲ ଲାଇସେନ୍ସ ଆବେଦନ କରିପାରିବ । ଅନ୍ୟପକ୍ଷରେ, ଓକୁଗେନର ମୁଖ୍ୟ କାର୍ଯ୍ୟନିର୍ବାହୀ ଶଙ୍କର ମୁସୁନିରି କହିଛନ୍ତି ଯେ ଯଦିଓ ଏହା ଟିକାକରଣ ବିଳମ୍ବ କରିବ, ତଥାପି ଆମେ କୋଭାକ୍ସିନକୁ ଆମେରିକାରେ ଆଣିବାକୁ ସ୍ଥିର କରିଛୁ। ସୂଚନା ଥାଉ କି ଯେ, ଭାରତ ବାୟୋଟେକ୍ ଏପର୍ଯ୍ୟନ୍ତ ତୃତୀୟ ପର୍ଯ୍ୟାୟ କ୍ଲିନିକାଲ୍ ଟ୍ରାଏଲର ତଥ୍ୟ ସେୟାର କରିନାହିଁ, ଯାହା ଦେଶରେ ଅନେକ ସମାଲୋଚନାର ଶିକାର ହେଉଛି ।

### ପଶ୍ଚିମ ଓଡିଶାରେ କୋଭିଡ ....

ଯୋଗାଇ ଦେଉଛନ୍ତି। ଅକ୍‌ସିଜେନ ଯୋଗାଣରେ ଓଡିଶା ନୂଆ ପରିଚୟ ସୃଷ୍ଟି କରି ଅନେକ ମୂଲ୍ୟବାନ ଜୀବନ ବଂଚାଇପାରିଛି। ଏ ସଂକଟ ସମୟରେ 'ପ୍ରତ୍ୟେକ ଜୀବନ ମୂଲ୍ୟବାନ' - ଏହା ଆମର ସିଦ୍ଧାନ୍ତ ବୋଲି ପ୍ରକାଶ କରି ପ୍ରତ୍ୟେକ ଲୋକ ଯେପରି ଉତମ ଚିକିତ୍ସା ସେବା ପାଇପାରିବ, ସେଥିପାଇଁ ଆମର ଉଦ୍ୟମ ଜାରି ରହିଛି। ଏହି କାର୍ଯ୍ୟକ୍ରମରେ ଯୋଜନା ଓ ସଂଯୋଜନା ମନ୍ତ୍ରୀ ପଦ୍ମନାଭ ବେହେରା, ଅର୍ଥ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ମହିଳା ଓ ଶିଶୁବିକାଶ ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂହ, ଶକ୍ତି ମନ୍ତ୍ରୀ ଦିବ୍ୟଶଂକର ମିଶ୍ର, ଉପମୁଖ୍ୟ ସଚେତକ ରୋହିତ ପୂଜାରୀ ଏବଂ ସାଂସଦ ଓ ବିଧାୟକ ମାନେ ଯୋଗ ଦେଇଥିଲେ। ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧକ୍ଷ ଅସିତ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ପି.କେ. ଜେନା, ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପି.କେ. ମହାପାତ୍ର ଓ ଅନ୍ୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ।

### ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ....

ଚାଷ ଆଦି ବିପର୍ଯ୍ୟସ୍ତ ହେବାର ଆଶଙ୍କା ରହିଛି। ଏଣୁ ଆବଶ୍ୟକ ପ୍ରସ୍ତୁତି ସାରିବାକୁ ଏସ୍‌ଆର୍‌ସି ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଏହି ସମୟରେ ପବନର ବେଗ ୪୦ରୁ ୫୦କିମି ରହିବ ଓ ମଝିରେ ମଝିରେ ୬୦ କିମିର ପବନର ଝଟ୍‌କା ଅନୁଭୂତ ହେବ। ଏଣୁ ମତ୍ସଜୀବୀମାନଙ୍କୁ ଗଭୀର ସମୁଦ୍ର ଭିତରକୁ ଯିବାକୁ ବାରଣ କରାଯାଇଛି।

## ତୈଳଦର ବୃଦ୍ଧି ପ୍ରତିବାଦରେ ପେଟ୍ରୋଲ ପମ୍ପ ଆଗରେ କଂଗ୍ରେସର ଧାରଣା



ଭଦ୍ରକ,୧୧/୦୬ (ନି.ପ୍ର): କରୋନାର ୨ୟ ଲହର ସାରା ଦେଶକୁ କବଳିତ କରିଥିବା ସମୟରେ କେନ୍ଦ୍ରର ମୋଦୀ ସରକାର ଲଗାତାର ଭାବେ ପେଟ୍ରୋଲ ଓ ଡିଜେଲର ଦରବୃଦ୍ଧି କରିବାରେ ଲାଗିଛନ୍ତି । ଦେଶର କେତେକ ଅଂଚଳରେ ପେଟ୍ରୋଲ ଓ ଡିଜେଲର ଦର ଲିଟର ପ୍ରତି ୧୦୦ ଟଙ୍କା ପାର ହୋଇଛି ଓ ଜନସାଧାରଣଙ୍କୁ ଏହା ଅତ୍ୟନ୍ତ ପୀଡ଼ାଦାୟକ ହୋଇଛି, ଯଦ୍ୱାରା ଘରୋଇ ସାମଗ୍ରୀ ଓ ନିତ୍ୟ ବ୍ୟବହୃତ ଖାଦ୍ୟ ସାମଗ୍ରୀର ଦର ଆକାଶଛୁଆଁରେ ପହଂଚିଛି। ଦେଶର ତୈଳଦର ବୃଦ୍ଧିକୁ ନେଇ ଆଜି ଅଖିଳ ଭାରତ କଂଗ୍ରେସ କମିଟିର ନିର୍ଦ୍ଦେଶ ତଥା ପ୍ରଦେଶ କଂଗ୍ରେସ କମିଟିର ପରାମର୍ଶ କ୍ରମେ ଆଜି ସକାଳ ୭ ଘଟିକାରୁ ୧୧ ଘଟିକା ପର୍ଯ୍ୟନ୍ତ ଭଦ୍ରକ ଜିଲ୍ଲାର ସମସ୍ତ ସହରାଂଚଳ ଓ ଗ୍ରାମାଂଚଳର ପେଟ୍ରୋଲ ପମ୍ପ ଆଗରେ କଂଗ୍ରେସ ଦଳ ତରଫରୁ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଭଦ୍ରକ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଭଦ୍ରକ ସହର ନୂଆବଜାର ସ୍ଥିତ ବର୍ଷା ଫୁଏଲ୍‌ସ୍ ପେଟ୍ରୋଲ ପମ୍ପ ସମ୍ମୁଖରେ ଗଣାଧାରଣା ଦିଆ ଯାଇଥିଲା। ଏଥିରେ ଜିଲ୍ଲା କଂଗ୍ରେସ କମିଟି ସଭାପତି ସୁବ୍ରତ ଦାସ ଉଦ୍‌ବୋଧନ ଦେଇ କହିଥିଲେ ଯେ ବିଗତ ୧୩ ମାସ ମଧ୍ୟରେ ପେଟ୍ରୋଲ ଲିଟର ପ୍ରତି ଦର ଟ୨୫.୭୨ ପଇସା ଓ ଡିଜେଲ ଦର ଲିଟର ପ୍ରତି ଟ.୨୩.୯୩ ଟଙ୍କା କେନ୍ଦ୍ର ସରକାର ବଢ଼ାଇଥିଲା ବେଳେ ଏହି ବର୍ଷ ମଧ୍ୟରେ ୪୩ ଥର ଦର ବୃଦ୍ଧି କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଅଟେ । ସରକାର ଟିକସ ବୃଦ୍ଧିର ବାହାନାରେ ମହାମାରୀ ସମୟରେ ଲୋକଙ୍କଠାରୁ ଲୁଟିବାକୁ କଂଗ୍ରେସ ଦଳ ତୀବ୍ର ବିରୋଧ କରୁଛି। ସରକାର ଅବିଳମ୍ବେ ତୈଳଯାତ ଦ୍ରବ୍ୟ ଉଭୟ ପେଟ୍ରୋଲ ଓ ଡିଜେଲ ଦରକୁ ହ୍ରାସ କରିବାକୁ ଶ୍ରୀ ଦାସ ଦାବି କରିଥିଲେ। କୋଭିଡ-୧୯ର ସମସ୍ତ ନୀତିନିୟମକୁ ଅନୁପାଳନ କରି ଯଥା ମାସ୍କ ପିନ୍ଧି, ସାମାଜିକ ଦୂରତାକୁ ବଜାୟରଖି କରି ବ୍ୟାନର, ପ୍ଲାକାର୍ଡ଼ରେ ଡିଜେଲ, ପେଟ୍ରୋଲ ଓ ରନ୍ଧନ ଗ୍ୟାସ ଦର ବୃଦ୍ଧି, ଆର୍ଥିକ ମାନ୍ଦାବସ୍ଥା, ଉତ୍କଟ ବେକାରୀ ସମସ୍ୟା ବୃଦ୍ଧି, ନିତ୍ୟ ବ୍ୟବହୃତ ଖାଦ୍ୟ ସାମଗ୍ରୀର ଆକାଶଛୁଆଁ ଦର ବୃଦ୍ଧି ଓ ମଜୁରୀ ଓ ରୋଜଗାର କମିବା ଉପରେ ସ୍ଲୋଗାନ ଲେଖି ଜନସାଧାରଣଙ୍କୁ କେନ୍ଦ୍ର ସରକାରଙ୍କ ବିଫଳତା ବିଷୟରେ ସୂଚାଇବା ସହିତ ନେତା, କର୍ମୀ ତଥା କଂଗ୍ରେସ ସମର୍ଥକମାନେ ଗଣଧାରଣାରେ ବସିଥିଲେ।

## ତୁଣ୍ଡୁରା ପଞ୍ଚାୟତର ପିଡିଏସ ସାମଗ୍ରୀ ଲୁଟ ପ୍ରସଙ୍ଗ

# ପ୍ରକୃତ ଅଭିଯୁକ୍ତଙ୍କ ଗିରଫ ଦାବିରେ ଗଣଧାରଣା



ବାଲେଶ୍ୱର,୧୧/୦୬ (ନି.ପ୍ର): ତୁଣ୍ଡୁରା ପଞ୍ଚାୟତ ଅଫିସରୁ ପିଡିଏସ ସାମଗ୍ରୀ ବୋହିନେବା ଘଟଣାରେ ପ୍ରକୃତ ଅଭିଯୁକ୍ତଙ୍କ ପରିବର୍ତ୍ତେ ଅନୁସୂଚିତ ଜାତିର ନିରୀହ ଲୋକଙ୍କୁ ପୁଲିସ ଗିରଫ କରିବା ପ୍ରତିବାଦରେ ରେମୁଣା ବ୍ଲକ ନାଗରିକ ଅଧିକାର ସୁରକ୍ଷା ମଞ୍ଚ ଶୁକ୍ରବାର ବାଲେଶ୍ୱର ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଥିଲା। ମଞ୍ଚର ଆବାହକ ସମାଜସେବୀ ତଥା ବିଜେଡି ନେତା ଗୋପୀନାଥ ସେନାପତିଙ୍କ ଆବାହକତ୍ୱରେ ଆୟୋଜିତ ଗଣାଧାରଣା କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ପୂର୍ବତନ ସରପଞ୍ଚ ଶରତ ପାଣି, ବିଜୁ ଛାତ୍ର ଜନତା ଦଳର ଜିଲା ଶ୍ରୀମନ ଦାସମହାପାତ୍ର, ବଂଶୀଧର ପଣ୍ଡା, ଉମାକାନ୍ତ କମିଳା, ବସନ୍ତ କୁମାର ଦାସ ପ୍ରମୁଖ ଯୋଗଦେଇ ଖନ୍ତାପଡ଼ା ଥାନା ପୁଲିସର ଅନ୍ୟାୟୋଚିତ କାର୍ଯ୍ୟଧାରାକୁ କଡ଼ା ସମାଲୋଚନା କରିଥିଲେ। ତୁଣ୍ଡୁରା ସରପଞ୍ଚ, ସମିତିସଭ୍ୟ ଓ ସେମାନଙ୍କ ସହଯୋଗୀମାନେ ପିଡିଏସ ସାମଗ୍ରୀ ବୋହି ନେଇଥିବା ନେଇ ଗ୍ରାମବାସୀମାନେ ଦେଇଥିବା ଏତଲାକୁ ଖନ୍ତାପଡ଼ା ପୁଲିସ ଗ୍ରହଣ କରିନଥିଲା। ମାତ୍ର ସରପଞ୍ଚଙ୍କ ନିର୍ଦ୍ଦେଶରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଏତଲା କ୍ରମେ ୪ ଜଣ ନିରୀହ ବ୍ୟକ୍ତିଙ୍କୁ ପୁଲିସ ଗିରଫ କରିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ଧାରଣାକାରୀମାନେ କହିଥିଲେ। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହ ପ୍ରକୃତ ଅଭିଯୁକ୍ତ ସରପଞ୍ଚ ଓ ତାଙ୍କର ସହଯୋଗୀଙ୍କୁ ତୁରନ୍ତ ଗିରଫ କରିବା ଓ ମିଥ୍ୟା ମାମଲାରେ ଗିରଫ ହୋଇଥିବା ନିରୀହ ଗ୍ରାମବାସୀଙ୍କୁ ଖଲାସ ପାଇଁ ସେମାନେ ଦାବି କରିଥିଲେ। ଏହି ପରିପ୍ରେକ୍ଷୀରେ ନାଗରିକ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ଏକ ଦାବିପତ୍ର ବାଲେଶ୍ୱର ଏସପିଙ୍କୁ ପ୍ରଦାନ କରାଯାଇଥିଲା। ରେମୁଣା ବ୍ଲକର ବିଭିନ୍ନ ପଞ୍ଚାୟତରୁ ବହୁ ଗ୍ରାମବାସୀ ଏହି ଗଣଧାରଣା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

ଧ୍ୱନି ପ୍ରତିଧ୍ୱନି



# ମୌସୁମୀ ଆସିଲା, ଚାଷୀଙ୍କୁ ବିହନ ନୋଇଲା

ଜଳେଶ୍ୱର,୧୧/୬ (ନି.ପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ଏକ କୃଷି ବହୁଳ ଅଂଚଳ ଭାବେ ପରିଚିତ । ତେଣୁ ଏହାକୁ ଜିଲାର ଭାତହାଣ୍ଡି ବୋଲି କହୁଯାଏ । ଚଳିତବର୍ଷ ପ୍ରତିକୂଳ ପାଗଯୋଗୁଁ ଉତ୍ତର ବାଲେଶ୍ୱରରେ ଚାଷୀମାନେ ଖରିଫ ଧାନଚାଷ ଲାଗି ଖରାଟିଆ ବୁଣାବୁଣି କରିନାହାନ୍ତି । ତେଣୁ ରଜପରେ ମୌସୁମୀ ବର୍ଷା ହେଲେ କାଦୁଅ ଧାନ ତଳି ପକାଇବେ । ପ୍ରତିକୂଳ ପାଗରେ ଚାଷୀମାନେ ରବିଧାନ ସଂଗ୍ରହ କରି ଅଭାବି ବିକ୍ରୀର ସମ୍ମୁଖୀନ ହୋଇଛନ୍ତି । ସେମାନଙ୍କ ନିକଟରେ ବିକଳ୍ପ ନଥିବାରୁ ଏବେ ପୁଣି ଖରିଫ ଫସଲ ଲାଗି ସଜବାଜ ହେଲେଣି । ଏଣେ ସେବାସମବାୟ ସମିତିରେ ଧାନ ବିକ୍ରି କରିପାରୁନଥିବା ବେଳେ ସେମାନଙ୍କ ନିକଟରେ ଖରିଫ ଫସଲ ଲାଗି ବିହନ ନାହିଁ । ଜଳେଶ୍ୱର ବ୍ଲକରେ ୨୩୧୦୦ ହେକ୍ଟର ଜମିରେ ଖରିଫ ଧାନଚାଷ ଲାଗି ଧାର୍ଯ୍ୟ ହୋଇଛି । ସେଥିଲାଗି ୧୭ ହଜାର କ୍ୟୁଣ୍ଟାଲ ବିହନ ଆବଶ୍ୟକ ହେବ । କୃଷିବିଭାଗ ପକ୍ଷରୁ ଜଳେଶ୍ୱରକୁ ୩୨୦୦ କ୍ୟୁଣ୍ଟଲ ଧାନ ବିହନ ମଗାଯାଇଛି । ଓଡିଶା ବିହନ ନିଗମ ଜଳେଶ୍ୱରକୁ ୮ଟି ଏଜେଣ୍ଟ ମାଧ୍ୟମରେ ୫୩୫ ମ୍ୟୁଣ୍ଟାଲ ବିହନ ଯୋଗାଇଛନ୍ତି । ତେଣୁ ଜଳେଶ୍ୱରରେ ବିହନର ଘୋର ଅଭାବ ଦେଖାଯିବାର ସମ୍ଭାବନ ରହିଛି । ଏହି ସୁଯୋଗରେ ଦଲାଲମାନେ ବାହାର ରାଜ୍ୟର ଧାନବିହନ ବିକ୍ରି କରିବାରେ ଲାଗି ପଡିଛନ୍ତି । ବିହନ ନିଗମର ଧାନ ବିହନ କ୍ୟୁଣ୍ଟଲ ପ୍ରତି ୧୯୫୦ରୁ ୨୨୫୦ ଟଙ୍କା ମଧ୍ୟରେ ଥିବା ବେଳେ କୃଷକ ମାନେ ବାଧ୍ୟହୋଇ ବାହାର ରାଜ୍ୟର ଧାନ ବିହନ କ୍ୟୁଣ୍ଟଲ ପ୍ରତି ୬୦୦୦ରୁ ୧୦୦୦୦ ହଜାର ଟଙ୍କା ମଧ୍ୟରେ କିଣୁଛନ୍ତି । ସେ ସବୁ ଧାନ ଚାଷର ପ୍ରଣାଳୀ ଓ ରୋଗ, ପୋକ ନିରାକରଣ ସଂପର୍କରେ ଚାଷୀମାନେ ଅଜ୍ଞ ଅଛନ୍ତି । ଗତ ବର୍ଷ ଦଲାଲ ମାନଙ୍କ ପ୍ରଲୋଭନରେ ପଡି ବହୁ ଚାଷୀ ଅଗ୍ନିମିଆଦି ପ୍ରିମିୟମ ସ୍ୱର୍ଣ୍ଣ ଧାନ ଚାଷ କରି କ୍ଷତିର ସମ୍ମୁଖୀନ ହୋଇଥିଲେ । କାରଣ ଧାନ ରୁଇବା କ୍ଷଣି କେଣ୍ଡା ବାହାରିବା ଆରମ୍ଭ ହୋଇଥିଲା । ଏହାର ପ୍ରତିକାର ଲାଗି କୃଷି ବିଭାଗ ପାଖରେ କୌଣସି ବିକଳ୍ପ ନ ଥିଲା । ବହୁ ସମୟରେ କୃଷକମାନେ ବାହାର ରାଜ୍ୟର ବିହନ ବ୍ୟବହାର କରିବା ପୂର୍ବରୁ କୃଷି ବିଭାଗ ସହିତ ସମ୍ପର୍କ ରଖୁନଥିବା ଯୋଗୁଁ ଏପରି କ୍ଷତିର ଶୀକାର ହେଉଥିବା ଜଣେ କୃଷି କର୍ମଚାରୀ କହିଛନ୍ତି । କୃଷକମାନେ ପାରମ୍ପରିକ ଚାଷରେ ବେଶ୍ ଧୂରନ୍ଧର ଥିବା ବେଳେ କଖୁରିଆ, ମୁଗି, ପାଟିଣି, ଧୂଳିଆ, ଭୁତିଆ, ଖାଟିଆ ଭଳି ପାରମ୍ପାରିକ ଧାନଚାଷକୁ ଭୁଲିଗଲେଣି । ଏବେ ସ୍ୱଳ୍ପ ମିଆଦି ଅଧିକ ଅମଳକ୍ଷମ ଧାନ ଚାଷ କରୁଥିବାରୁ ସେମାନଙ୍କୁ ସେହି ଚାଷ ସମ୍ପର୍କରେ ପ୍ରଶିକ୍ଷଣ ଆବଶ୍ୟକ ହୋଇଛି ।

## ୨୪ ଘଂଟାରେ ସୁସ୍ଥ ହେଲେ ୮୫୧୬ ଆକ୍ରାନ୍ତ

ଭୁବନେଶ୍ୱର,୧୧/୦୬ (ନି.ପ୍ର): ରାଜ୍ୟରେ କରୋନା ଭାଇରସ ମହାମାରୀରୁ ଗତ ୨୪ ଘଂଟାରେ ୮୫୧୬ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୭ ଲକ୍ଷ ୮୧ ହଜାର ୪୮୮କୁ ବୃଦ୍ଧି ପାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୧୧୮ ଜଣ ଓ କଟକ ଜିଲ୍ଲାରୁ ୭୩୮ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ବାଲେଶ୍ୱରରୁ ୫୬୪, ମୟୂରଭଂଜରୁ ୫୫୬, ଯାଜପୁରରୁ ୫୧୪, ଢେଙ୍କାନାଳରୁ ୪୮୫, ସୁନ୍ଦରଗଡ଼ରୁ ୪୭୩, ପୁରୀରୁ ୪୩୭, ରାୟଗଡ଼ାରୁ ୩୬୯, ଜଗତସିଂହପୁରରୁ ୨୫୬, ବୌଦ୍ଧରୁ ୨୫୪, ନୟାଗଡ଼ରୁ ୨୨୪, କେନ୍ଦ୍ରାପଡ଼ାରୁ ୨୨୧, ନବରଂଗପୁରରୁ ୨୧୫ ଅନୁଗୁଳରୁ ୨୦୩ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହିପରି କଳାହାଣ୍ଡି ଜିଲ୍ଲାରୁ ୧୮୨, ବରଗଡ଼ରୁ ୧୮୧, କେନ୍ଦୁଝରରୁ ୧୭୩, କୋରାପୁଟରୁ ୧୬୮, ସମ୍ବଲପୁରରୁ ୧୬୦, ଭଦ୍ରକରୁ ୧୪୪, ସୁବର୍ଣ୍ଣପୁରରୁ ୧୩୨, ମାଲକାନଗିରିରୁ ୯୯, ବଲାଙ୍ଗୀରରୁ ୮୯, ଝାରସୁଗୁଡ଼ାରୁ ୮୦, ଦେବଗଡ଼ରୁ ୭୧, କନ୍ଧମାଳରୁ ୭୦, ଗଜପତିରୁ ୫୬, ନୂଆପଡ଼ାରୁ ୫୦, ଗଂଜାମରୁ ୪୯ ଓ ରାଜ୍ୟପୁଳରୁ ୧୮୫ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ।

# ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ



ବାଲେଶ୍ୱର,୧୧/୦୬ (ନି.ପ୍ର): ବାଲେଶ୍ୱର ଜିଲା ସଡ଼କ ସୁରକ୍ଷା କମିଟ ବୈଠକ ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ସଦଭାବନା ସମ୍ମିଳନୀ ଗୃହରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକର ଆବାହକ ଆଞ୍ଚଳିକ ପରିବହନ ଅଧିକାରୀ ରଶ୍ମି ରଞ୍ଜିତ ଦଳବେହେରା ଗତ ବୈଠକର ବିବରଣୀ ଉପସ୍ଥାପନା କରିବା ସହ ଗତ ମଇ ମାସ ପର୍ଯ୍ୟନ୍ତ ସଡକ ସୁରକ୍ଷା ସମ୍ବଳିତ ତଥ୍ୟ ରଖିଥିଲେ । ଉକ୍ତ ବିବରଣୀ ଆଧାରରେ ଜିଲାପାଳ ରାସ୍ତା ଦୁର୍ଘଟଣା ଓ ଜୀବନ ହାନୀ ହ୍ରାସ ଦିଗରେ ଗୁରୁତ୍ୱ ଦେଇଥିଲେ । ଏହି ଆଧାରରେ ସେ ରାସ୍ତା ମରାମତି, ପୋଲଗୁଡିକୁ ସଂଯୋଗ ହୋଇଥିବା ରାସ୍ତା, ଲକ୍ଷ୍ମଣନାଥଠାରୁ ମାର୍କୋଣା ପର୍ଯ୍ୟନ୍ତ ସମସ୍ତ ସର୍ଭିସ ରୋଡ଼ର ଅବସ୍ଥା, ସାଇନବୋର୍ଡ, ନାବାଳକ ଗାଡ଼ି ଚାଳନା ରୋକିବା ଆଦି ଉପରେ ଅଧିକ ଆଲୋଚନା କରିଥିଲେ । ମଇ ମାସ ସୁଦ୍ଧା ୨୦୨୦ ବର୍ଷ ତୁଳନାରେ ୨୦୨୧ ରେ ଦୁର୍ଘଟଣା ଓ ମୃତ୍ୟୁ ବୃଦ୍ଧି ପାଇଥିବା ବେଳେ ଗୁରୁତର ଆଘାତ ହ୍ରାସ ପାଇଥିବା ନେଇ ସୂଚନା ଦିଆଯାଇଥିଲା । ଜିଲାରେ ଥାନା ଗୁଡିକର ଦୁର୍ଘଟଣା ରିପୋର୍ଟ ଅନୁଯାୟୀ ୨୦୨୧ ବର୍ଷ ମଇ ମାସ ସୁଦ୍ଧା ମୋଟ ୧୮୨ଟି ଦୁର୍ଘଟଣା ଘଟିଛି । ବାଲେଶ୍ୱର ସଦର, ବସ୍ତା, ଶିଳ୍ପାଞ୍ଚଳ, ଖନ୍ତାପଡା, ସିମୁଳିଆ, ସୋର ପ୍ରଭୃତି ଛଅଟି ଥାନା ଅଂଚଳରେ ଅନ୍ୟ ଥାନା ତୁଳନାରେ ଅଧିକ ଦୁର୍ଘଟଣା ଘଟିଥିବାର ସୂଚନା ଦିଆଯାଇଥିଲା । ଅଧିକ ବେଗ, ଅଧିକ ବୋଝେଇ, ଦ୍ରବ୍ୟ ପରିବହନ ଯାନରେ ଯାତ୍ରୀ ପରିବହନ, ଯାନ ଚାଳନା ସମୟରେ ମୋବାଇଲ ବ୍ୟବହାର, ନିଶାସେବନ କରି ଗାଡି ଚାଳନା, ବିନା ହେଲମେଟରେ ଗାଡ଼ି ଚାଳନା ଆଦି ଅପରାଧରେ ଆର.ଟି.ଓ.ଙ୍କ ଦ୍ୱାରା ଚିହ୍ନଟ ହୋଇଥିବା ୨୮୫୬ ଅପରାଧୀଙ୍କ ମଧ୍ୟରୁ ୯୫୩ଜଣଙ୍କର ଡି.ଏଲ. ରଦ୍ଦ କରାଯାଇଛି । ସେହିପରି ଜାନୁଆରୀ ୨୧ରୁ ମଇ ୨୧ ମଧ୍ୟରେ ପୁଲିସ ଦ୍ୱାରା ମୋଟ ୭୭ଜଣଙ୍କର ଡି.ଏଲ. ରଦ୍ଦ କରାଯାଇଥିବା କଥା ବୈଠକରେ ପ୍ରକାଶ କରାଯାଇଥିଲା । ଜାତୀୟ ରାଜପଥରେ ଦୁର୍ଘଟଣା ପ୍ରବଣ ଅଞ୍ଚଳ ବା ବ୍ଲାକ ସ୍ପଟ ଚିହ୍ନଟ ନେଇ ରିପୋର୍ଟ ପ୍ରଦାନ ପାଇଁ ଏନ.ଏଚ.-୧୬ ଏବଂ ଏନ.ଏଚ-୬୦ର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ତେବେ ସର୍ବୋଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ମତେ ଦୁର୍ଘଟଣା ଜନିତ ଯୁଗ୍ମ ତଦନ୍ତ ରିପୋର୍ଟ ସଠିକ ସମୟରେ ପ୍ରଦାନ କରାଯିବା ଉପରେ ଜିଲାପାଳ ଏହି ବୈଅଠକରେ ଗୁରୁତ୍ୱାରୋପ କରିଥିଲେ । ଅନ୍ୟମାନଙ୍କ ମଧ୍ୟ;ରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ଦୁଲାଳସେନ ଜଗଦେବ, ଉପଜିଲାପାଳ ତଥା ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଶିଷ ଈଶ୍ୱର ପାଟିଲ ପ୍ରମୁଖଙ୍କ ସମେତ ସଡ଼କ ସୁରକ୍ଷା କମିଟିର ସଦସ୍ୟମାନେ ଏଥିରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଲକ୍ଷ୍ମଣନାଥ ସେବା ସମବାୟ ସମିତିର ଅଭାବି ଧାନବିକ୍ରି ସଂପର୍କରେ ବିକ୍ଷୋଭ ଓ ଜିଲାପାଳଙ୍କୁ ଦାବିପତ୍ର



ଜଳେଶ୍ୱର,୧୧/୬ (ନି.ପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକରେ ଥିବା ୧୯ଟି ସେବା ସମବାୟ ସମିତିରେ ଧାନ ବିକ୍ରିକୁ ନେଇ ବିବାଦ ଥମିବାରେ ନାମ ଧରୁନାହିଁ । ଆଜି ଶୁକ୍ରବାର ଲକ୍ଷ୍ମଣନାଥ ସେବା ସମବାୟ ସମିତିରେ ଚାଷୀମାନେ ଅଭାବି ଧାନ ବିକ୍ରିକୁ ନେଇ ବିକ୍ଷୋଭ କରାଯିବା ସହିତ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଟୋକନ ପାଇଥିବା ସମସ୍ତ ଚାଷୀଙ୍କୁ ଠାରୁ ଧାନ କ୍ରୟ କରିବା, ସବୁ ଚାଷୀଙ୍କୁ ଟୋକେନ୍ ପ୍ରଦାନ କରିବା, ଅଖାର ମୂଲ୍ୟ ଚାଷୀଙ୍କୁ ପ୍ରଦାନ କରିବା, ଟୋକନ୍ ପରିମାଣ ଅନୁଯାୟୀ ଧାନ କିଣାଯିବା, ଟୋକନ୍ ଅବଧି ୧୨ ଦିନ ପରିବର୍ତ୍ତେ ୧ ମାସ କରାଯିବା, କଟନି ଛଟନି ବନ୍ଦ କରିବା ପ୍ରଭୃତି ଦାବି ଦେଇ ବହୁ ଚାଷୀ ସମିତି ସମ୍ମୁଖରେ ସକାଳ ୭ଟାରୁ ବସିଛନ୍ତି । ଏ ସମ୍ପର୍କରେ ଜିଲାପାଳଙ୍କୁ ଏକ ଦାବିପତ୍ର ସମ୍ପାଦକଙ୍କ ମଧ୍ୟମରେ ପ୍ରଦାନ କରାଯାଇଛି । ଆଜିର ଏହି ବିକ୍ଷୋଭରେ ସୁଦାମ ଚରଣ ପାତ୍ର, ତ୍ରିଲୋଚନ ଦାସ ଅଧିକାରୀ, ପଂଚାନନ ଗିରି, ସୁଦର୍ଶନ ପାତ୍ର, କୃଷ୍ଣଚନ୍ଦ୍ର ଗିରି, ଅନନ୍ତ ଦାସ ଅଧିକାରୀ, ସଜୟ ପାତ୍ର, ବ୍ରଜଗୋପାଳ ଦାସ, ସଂଜୟ ଗିରି, ସମର ବଲ୍ଲଭ ଗିରି, ଗୌରହରି ସେନାପତି, କେଦାର ନାଥ ଜେନା, ଅଶୋକ ଗିରି, ଅନାଦୀରଂଜନ ଦାସ, ମଧୁସୂଦନ ଦାସ, ଝାଡେଶ୍ୱର ପ୍ରଧାନ, କାର୍ତ୍ତିକ ଚନ୍ଦ୍ର ଗିରି ପ୍ରମୁଖ ଉପସ୍ଥିତ ଥିଲେ । ସମ୍ବାଦ ଲେଖା ହେବା ପର୍ଯ୍ୟନ୍ତ ବିକ୍ଷୋଭକାରୀମାନେ ଧାରଣାରେ ବସିଥିଲେ ମଧ୍ୟ କୌଣସି ପଦାଧିକାରୀ ଆସିନାହାନ୍ତି ।

# ଦିନକରେ ୩୨୦ ନୂଆ କରୋନା ସଂକ୍ରମିତ ଓ ସୁସ୍ଥ ହେଲେ ୫୬୪

ବାଲେଶ୍ୱର,୧୧/୦୬ (ନି.ପ୍ର): ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ରିପୋର୍ଟ ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲାର ବିଭିନ୍ନ ଅଞ୍ଚଳରୁ ୩୨୦ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଚିହ୍ନଟଙ୍କ ମଧ୍ୟରେ ସହରର ସେଲ୍ସ ଟ୍ୟାକ୍ସ କଲୋନୀରୁ ୩ଜଣ, ସହଦେବଖଣ୍ଟାରୁ ୩, ସୁଏଲପୁରରୁ ୨, ଅଙ୍ଗାରଗଡ଼ିଆରୁ ୨, ଗୋପାଳଗାଁରୁ ୨ଜଣଙ୍କ ସମେତ ଆଜିମାବାଦ, ଦାମୋଦରପୁର, ଦର୍ଜିପୋଖରୀ, ପାତ୍ରପଡ଼ା, ପିଡବ୍ଲୁଡି କଲୋନି, ପୁଲିସ ଲାଇନ, ରାଣୀପାଟଣା, ସୁନହଟ ପ୍ରଭୃତି ଅଞ୍ଚଳରୁ ଜଣେ ଲେଖାଏଁ ଅଛନ୍ତି । ସେହିଭଳି ବାହାନଗା ବ୍ଲକରୁ ୧୩ ଜଣ, ବାଲିଆପାଳରୁ ୯, ବସ୍ତାରୁ ୬, ଭୋଗରାଇରୁ ୧୧, ଖଇରାରୁ ୨୪, ନୀଳଗିରିରୁ ୨୫, ଔପଦାରୁ ୧୯, ରେମୁଣାରୁ ୩୯, ସଦରରୁ ୩୦, ସିମୁଳିଆରୁ ୧୦୭ ଓ ସୋରରୁ ୨୨ଜଣ ବ୍ୟକ୍ତି ନୂଆ ସଂକ୍ରମିତ ଭାବେ ଚିହ୍ନଟ ହୋଇଛନ୍ତି । ତେବେ ସମସ୍ତ ନୂଆ ସଂକ୍ରମିତ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ଜଣାପଡ଼ିଛି । ଜିଲାରେ ଏବେ ସଂକ୍ରମିତଙ୍କ ସଂଖ୍ୟା ୨୮,୨୭୧ରେ ପହଞ୍ଚିଥିବା ବେଳେ ଆଜି ଦିନକରେ ୫୬୪ ଜଣ ସୁସ୍ଥ ହୋଇଛନ୍ତି । ଅଦ୍ୟାବଧି ଜିଲାରେ ସୁସ୍ଥଙ୍କ ସଂଖ୍ୟା ୨୪,୯୧୦ଛୁଇଁଛି । ଏବେ ସକ୍ରିୟ ଥିବା ୩,୨୪୩ ଜଣ କରୋନା ଆକ୍ରାନ୍ତଙ୍କ ମଧ୍ୟରୁ ୩୦୪୬ଜଣ ଗୃହ ସଙ୍ଗରୋଧରେ ଏବଂ ୧୯୭ଜଣ ଦୁଇଗୋଟି କୋଭିଡ ଡାକ୍ତରଖାନା ଓ ୩ ଗୋଟି କୋଭିଡ ଯତ୍ନ କେନ୍ଦ୍ର ରହି ଚିକିତ୍ସିତ ହେଉଛନ୍ତି । ଅନ୍ୟପକ୍ଷରେ ଗତ ୨୪ ଘଣ୍ଟା ମଧ୍ୟରେ କରୋନା ଆକ୍ରାନ୍ତ ଥିବା ୩୭ ଓ ୪୦ ବର୍ଷର ଦୁଇ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଜିଲାରେ କରୋନା ଜନିତ ମୃତ୍ୟୁା ସଂଖ୍ୟା ଏବେ ୧୧୮ରେ ପହଞ୍ଚିଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି । ୧୮ ରୁ ୪୪ ବର୍ଷ ବର୍ଗ ଟିକାକରଣରେ ତୃତୀୟ ଦିନରେ ଆଜି ୮ ଗୋଟି କେନ୍ଦ୍ରରେ ୩ହଜାରଙ୍କୁ ପ୍ରଥମ ପାନ ଟିକା ପ୍ରଦାନ କରାଯାଇଛି ।

# ରାଜ୍ୟରେ ଗତ ୨୪ ଘଂଟାରେ କରୋନାରେ ୪୩ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୧୧/୦୬ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ କରୋନାରେ ୪୩ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୩୨୧୦ ହୋଇ ଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଖୋର୍ଦ୍ଧାଏହି ଜିଲ୍ଲାରୁ ଆଜି ୫ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ଅନୁଗୁଳ, ବରଗଡ଼, ସୁନ୍ଦରଗଡ଼ ଓ କଟକରୁ ୪ ଲେଖାଏଁ ଆକ୍ରାନ୍ତ ମୃତ୍ୟୁ ଘଟିଛି । ବୌଦ୍ଧ ଓ କଳାହାଣ୍ଡି ଜିଲ୍ଲାରୁ ୩ ଲେଖାଏଁ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ବାଲେଶ୍ୱର, ଗଞ୍ଜାମ, ଝାରସୁଗୁଡ଼ା, କେନ୍ଦ୍ରାପଡ଼ା, ରାୟଗଡ଼ା ଓ ପୁରୀରୁ ମଧ୍ଧ ୨ ଲେଖାଏଁ ମୃତ । ଢେଙ୍କାନାଳ, କନ୍ଧମାଳ, ନୟାଗଡ଼ ଓ ସମ୍ବଲପୁରରୁ ଜଣେ ଲେଖାଏଁ ମୃତ୍ୟୁବରଣ କରିଛନ୍ତି ।

# ଅଜଣା ଟ୍ରକ ଧକ୍କାରେ ନାବାଳକ ମୃତ



ବାରିପଦା/ରାଇରଙ୍ଗପୁର,୧୧/୦୬ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଉପଖଣ୍ଡର ରାଇରଙ୍ଗପୁର-ଟାଟାନଗର ୨୨୦ ନମ୍ବର ଜାତୀୟ ରାଜପଥ ପାଲଟିଛି ମରଣଯନ୍ତା । ଲୁହାପଥର ଟ୍ରକ ଓ ଡ଼ମ୍ପର ଚାଳକଙ୍କ ମନମାନି ଦୃତ ଓ ବେପରୁଆ ଚାଳନା ପାଇଁ ସପ୍ତାହ ମଧ୍ୟରେ ୩ଜଣ ନିରିହ ଯୁବକଙ୍କର ଜୀବନ ଗଲାଣି । ସୂଚନାଯୋଗ୍ୟଯ ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ରାଇରଙ୍ଗପୁର ବ୍ଲକର ପୁରୁଣାପାଣି ପଞ୍ଚାୟତର ଡାମଳବନ୍ଧ ଗ୍ରାମର ଗରିବ ଦିନମଜୁରିଆ ସୁମନ୍ତ ଗିରିର ଏକମାତ୍ର ରୋଜଗାରିଆ ନାବାଳକ ପୁଅ ଥିଲେ ଓମଶ୍ରୀ ଗିରି(୧୫) । ଗୁରୁବାର ସକାଳେ ଘରେ ଚାଷ କରିଥିବା ପରିବାକୁ ରାଇରଙ୍ଗପୁର ବଜାରକୁ ସାଇକେଲରେ ବିକିବାକୁ ଯାଉଥିବା ବେଳେ ୨୨୦ ଜାତୀୟ ରାଜପଥର ପୁରୁଣାପାଣି ପଞ୍ଚାୟତ ସମ୍ମୁଖରେ ଏକ ଅଜଣା ଟ୍ରକ ଧକ୍କା ଦେଇ ଦୃତଗତିରେ ଖସି ପଳାଇଥିବା ଜଣାପଡ଼ିଛି । ଘଟଣାସ୍ଥଳରେ ନାବାଳକର ମୃତ୍ୟୁ ହୋଇ ଯାଇଥିବା ସୂଚନା ମିଳିଛି । ସ୍ଥାନୀୟ ଅଞ୍ଚଳଟି ମରଣଜନ୍ତା ପାଲଟିଥିବା ବେଳେ ଦୁର୍ଘଟଣାରେ ମୃତ୍ୟୁକୁ ନେଇ ଶତାଧିକ ଲୋକ ଦୀର୍ଘ ସମୟ ଧରି ରାସ୍ତା ଅବରୋଧ କରିଥିଲେ । ରାଇରଙ୍ଗପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି । ଦୁର୍ଘଟଣା ସ୍ଥଳରେ ଚାପା ଉତ୍ତେଜନା ଦେଖା ଦେଇଥିଲା ବେଳେ ରାଇରଙ୍ଗପୁର ଏସଡିପିଓ ଗାୟତ୍ରୀ ପ୍ରଧାନ ଏବଂ ରାଇରଙ୍ଗପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରୁଥିବା ଜଣାପଡିଛି । ରାଇରଙ୍ଗପୁର ଉପଖଣ୍ଡ ପ୍ରଶାସନ ତରଫରୁ ରାଇରଙ୍ଗପୁର ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ମୃତ ପିଲାର ବାପାଙ୍କୁ ୫୦,୦୦୦ଟଙ୍କାର ସହାୟତା ରାଶି ପ୍ରଦାନ କରିବା ସହ ତଦନ୍ତକୁ ତ୍ୱରାନିତ କରାଯିବାର ଅଶ୍ୱସନା ଦେବାପରେ ଦୀର୍ଘ ଆଠ ଘଣ୍ଟା ଧରି ଚାଲିଥିବା ରାସ୍ତା ଅବରୋଧରୁ ଲୋକେ ହଟିଥିବାର ଜଣା ଯାଇଛି ।

# 'ୟଙ୍ଗ ଇଣ୍ଡିଆନ୍ସ'ଓ'ସିଆଇଆଇ'ବାତ୍ୟା ପୀଡ଼ିତଙ୍କୁ ସହାୟତା

ବାଲେଶ୍ୱର,୧୧/୦୬ (ନି.ପ୍ର): ସ୍ୱେଚ୍ଛାସେବୀ ସଂଗଠନ 'ୟଙ୍ଗ ଇଣ୍ଡିଆନ୍ସ'ର ଭୁବନେଶ୍ୱର ଓ କୋଲକାତା ଚାପ୍ଟର ଏବଂ 'ସିଆଇଆଇ' ଉତ୍ତର ଓଡ଼ିଶା ଆଞ୍ଚଳିକ ପରିଷଦର ମିଳିତ ସହଯୋଗରେ ସଦର ବ୍ଲକର ବାତ୍ୟା ପୀଡ଼ିତ ବାହାବଳପୁରବାସୀଙ୍କୁ ରାସନ ସାମଗ୍ରୀ ପ୍ରଦାନ କରାଯାଇଛି । ସଦର ବିଧାୟକ ସ୍ୱରୂପ ଦାସ ଏହି ରିଫ କାର୍ଯ୍ୟକ୍ରମରେ ଯୋଗ ଦେଇ ଏହି ରିଲିଫ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ସଂଗଠନମାନଙ୍କ ପକ୍ଷରୁ ୩ଶହରୁ ଉର୍ଦ୍ଧ୍ୱ ପ୍ରଦତ୍ତ ୧୫ ଦିନର ଶୃଙ୍ଖଳା ରାସନ ପ୍ରଦାନ କରିଥିଲେ । ବାତ୍ୟା ପୀଡ଼ିତଙ୍କ ସହାୟତା ପାଇଁ ଏହି ଦୁଇ ସଂଗଠନଙ୍କ ଭଳି ଅନ୍ୟମାନେ ମଧ୍ୟ ଆଗେଇ ଆସିବା ଉଚିତ ବୋଲି ବିଧାୟକ ଶ୍ରୀ ଦାସ ମତପ୍ରକାଶ କରିଥିଲେ । ଦୁଇ ସଂଗଠନର କର୍ମକର୍ତ୍ତାଙ୍କୁ ସେ ସାଧୁବାଦ ଜଣାଇଥିଲେ । ସିଆଇଆଇ ଆଞ୍ଚଳିକ ପରିଷଦ ଅଧ୍ୟକ୍ଷ ସିପି ଭର୍ତ୍ତିଆ, 'ୟଙ୍ଗ ଇଣ୍ଡିଆନ୍ସ' ଭୁବନେଶ୍ୱର ଶାଖା ପ୍ରତିନିଧି ମନିଷ ସରାଓ୍ୱଗୀ ଓ କୋଲକତା ଚାପ୍ଟରର ଆୟୁଷ ଯଶୋରିଆ ପ୍ରମୁଖ ଏଥିରେ ଉପସ୍ଥିତ ରହି ରାସନ ସାମଗ୍ରୀ ବଣ୍ଟନ କାର୍ଯ୍ୟ ପରିଚାଳନା କରିଥିଲେ । ସଦର ବ୍ଲକ ଅଧକ୍ଷ ନାରାୟଣ ଚନ୍ଦ୍ର ପ୍ରଧାନ, 'ଓଡ଼ିଶା ମୋ ପରିବାର'ର ଜିଲା ସଂଯୋଜକ ସାହିରୁଲ ହକ, ବିଜେଡି ସଦର ବ୍ଲକ ସଭାପତି ବସନ୍ତ ପଣ୍ଡା ପ୍ରମୁଖ ଏଥିରେ ଉପସ୍ଥିତ ରହି ରିଲିଫ କାର୍ଯ୍ୟ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

# ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୩ ଲକ୍ଷ ଟଙ୍କା ଦାନ କଲା କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସଂଘ

ଭୁବନେଶ୍ୱର,୧୧/୦୬ (ନି.ପ୍ର): ରାଜ୍ୟର କୋଭିଡ୍ ଲଢେଇରେ ନିଜର ଯୋଗଦାନ ସ୍ୱରୂପ ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସଂଘ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୩ ଲକ୍ଷ ଟଙ୍କା ଦାନ କରିଛନ୍ତି । ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ରାଜ୍ୟ ଲୋକସେବା ଭବନଠାରେ ସଂଘର ଅଧ୍ୟକ୍ଷ ଗୌରୀଶଙ୍କର ଦାଶ ଏବଂ ସାଧାରଣ ସଂପାଦକ ସାତ୍ୱିକ୍ ସ୍ୱାଇଁଙ୍କ ଠାରୁ ଏହି ରାଶିର ଚେକ୍ ଗ୍ରହଣ କରିଛନ୍ତି । ଚେକ୍ ପ୍ରଦାନ ସମୟରେ ଶ୍ରୀ ଦାଶ କହିଥିଲେ ଯେ ରାଜ୍ୟ ସରକାରଙ୍କ କୋଭିଡ୍ ଲଢେଇରେ ଆମେ ଆମର ଛୋଟ ଅବଦାନ ରଖିବା ସହ ମହାମାରି ନିୟନ୍ତ୍ରଣରେ ବ୍ୟାପକ ବ୍ୟବସ୍ଥା ଓ କାର୍ଯ୍ୟକ୍ରମ କରୁଥିବାରୁ ମୁଁ ରାଜ୍ୟସରକାରଙ୍କୁ କୃତଜ୍ଞତା ଜଣାଉଛି । ଏତାଦୃଶ ସହଯୋଗ ପାଇଁ ମୁଖ୍ୟ ଶାସନ ସଚିବ ସଂଘର ସଦସ୍ୟ ଓ କର୍ମଚାରୀଙ୍କୁ ସାଧୁବାଦ ଜଣାଇବା ସହ ନିଜ ଶିଳ୍ପାନୁଷ୍ଠାନ ତଥା ବ୍ୟକ୍ତିଗତ ସ୍ତରରେ କାରୋନା ନିୟମ ଅନୁପାଳନ ଓ ସଚେତନତା କାର୍ଯ୍ୟ ଚଳାଇ ରଖିବାକୁ ଅନୁରୋଧ କରିଥଲେ ।

# ସମ୍ଭାବ୍ୟ ପ୍ରବଳରୁ ଅତିପ୍ରବଳ ବର୍ଷା ଆଶଙ୍କା ନେଇ ପ୍ରଶାସନିକ ସ୍ତରୀୟ ପ୍ରସ୍ତୁତି ବୈଠକ

## ଜରୁରୀ କାଳୀନ ଭିତ୍ତିରେ ସତର୍କତା ମୂଳକ ବିହିତ ପଦକ୍ଷେପ ଗ୍ରହଣ କରାଯିବା ଉପରେ ଗୁରୁତ୍ୱାରୋପ




ବାରିପଦା,୧୧/୦୬ (ନି.ପ୍ର): ଭାରତ ପାଣିପାଗ ବିଭାଗ ପ୍ରାକ ସୂଚିତ ସତର୍କ ସୂଚନାନୁଯାଇ ଉତ୍ତର ବଙ୍ଗପସାଗରରେ ସୃଷ୍ଟ ଲଘୁଚାପ । ପ୍ରଭାବରେ ୧୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡିଶାର କେତେକ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସତର୍କ ସୂଚନା ପ୍ରଦାନ କରା ଯାଇଛି । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ରିଲିଫ କମିଶନର ନିର୍ଦ୍ଦେଶ କ୍ରମେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ବିନୀତ ଭରଦ୍ୱାଜ, ଭା.ପ୍ର.ସେ.ଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ୧୦ ତାରିଖ ଗୁଗୁଲ ମିଟ ଜରିଆରେ ଭର୍ଚୁଆଲ ମୋଡରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାର ସମସ୍ତ ଉପଜିଲ୍ଲାପାଳ, ତହସିଲଦାର, ବିଡିଓ ଏବଂ ବିଭିନ୍ନ ବିଭାଗୀୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ । ବୈଠକରେ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ ଭାରତୀୟ ପାଣିପାଗ ବିଭାଗର ପୂର୍ବ ସୂଚନା ଅନୁଯାୟୀ ଚଳିତ ଜୁନ ୧୧ ତାରିଖରୁ ୧୪ ତାରିଖ ଯାଏ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି । ଏହାକୁ ଦୃଷ୍ଟିରେ ରଖି ବିପର୍ଯ୍ୟୟ ପରିଚାଳନା ନିୟମ ମାର୍ଗଦର୍ଶିକା ଅନୁଯାୟୀ ସମସ୍ତ ଆନୁସଙ୍ଗିକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ ପୂର୍ବକ ସଜାଗ ରହି ପରିସ୍ଥିତିର ମୁକାବିଲା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ବିଶେଷ କରି ନଦୀ ଉପକୂଳ ବର୍ତ୍ତୀ ତଳିଆ ଗ୍ରାମ / ସହରାଂଚଳ ବସ୍ତି ଅଂଚଳ ଏବଂ ଝାଟିମାଟି କଚ୍ଚା ଘର ଥିବା ପରିବାର ମାନଙ୍କୁ ନିରାପଦ ସ୍ଥାନ ବହୁମୁଖି ବନ୍ୟା / ବାତ୍ୟା ଆଶ୍ରୟ ସ୍ଥଳ ଏବଂ ସରକାରୀ ବିଦ୍ୟାଳୟ ଏବଂ ଅଙ୍ଗନଓ୍ୱାଡି କେନ୍ଦ୍ର ଗୃହ ଆଦି ନିକଟସ୍ଥ ନିରାପଦ ସ୍ଥାନ ମାନଙ୍କୁ ଜରୁରୀ କାଳୀନ ଭିତ୍ତିରେ ସ୍ଥାନାନ୍ତରଣ କରାଯିବା ଦିଗରେ ବିହୀତ ପଦକ୍ଷେପ ଗ୍ରହଣ କରିବା ପାଇଁ ସଂପୃକ୍ତ ଉପଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ତହସିଲଦାର / ବିଡ଼ିଓ ମାନଙ୍କ ଦ୍ୱାରା ବିହିତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏଦିଗରେ ଜିଲ୍ଲାରେ ଥିବା ଦଶଟି ବାତ୍ୟା ଆଶ୍ରୟସ୍ଥଳ ଏବଂ ନିକଟସ୍ଥ ସରକାରୀ ବିଦ୍ୟାଳୟ ଗୃହ, ଅଙ୍ଗନଓ୍ୱାଡି କେନ୍ଦ୍ର ଗୃହ ଗୁଡିକ ପ୍ରସ୍ତୁତି ରଖିବା, ଅତ୍ୟାବଶ୍ୟକୀୟ ସାମଗ୍ରୀ, ଚୂଡା, ଚିନି, ଗୁଡ ଓ ରନ୍ଧା ଖାଦ୍ୟ ଆଦି ଯୋଗାଇ ଦେବାର ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ଜେନେଟର ଆଲୋକ ବ୍ୟବସ୍ଥା, ପରିମଳ/ ଶୌଚାଳୟ ଆଦି ଆନୁସଙ୍ଗିକ ବ୍ୟବସ୍ଥା ପ୍ରସ୍ତୁତ ରଖିବା ପାଇଁ ସମସ୍ତ ବିଡିଓ / ତହସିଲଦାର ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ଜିଲ୍ଲା ଜରୁରୀ କାଳୀନ ବିପର୍ଯ୍ୟୟ ପରିଚାଳନା ନିୟମ ଅନୁଯାୟୀ ବନ୍ୟା ପ୍ରବାବିତ ଅଂଚଳରେ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ ପାଇଁ ଓଡ୍ରାଫଟ୍, ଅଗ୍ନିଶ୍ରମ ବିଭାଗ / ପୋଲିସ ବିଭାଗ / ପ୍ରାଣୀ ସମ୍ପଦ ବିଭାଗ / କୃଷି ବିଭାଗ ଏବଂ ସଂପୃକ୍ତ ବିଭାଗ ଅଧିକାରୀ ଓ କର୍ମଚାରୀ/ ପିଆରଆଇ ମେମ୍ବର , ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ମାନଙ୍କ ମିଳିତ ସହଯୋଗରେ ରିଲିଫ / ଉଦ୍ଧାର ଆଦି କାର୍ଯ୍ୟକ୍ରମ ତ୍ୱରାନ୍ୱୀତ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଛି । ପ୍ରଭାବିତ ହେବାକୁ ଥିବା ଅଂଚଳର ଲୋକମାନଙ୍କୁ କୋଭିଡ ମାର୍ଗଦର୍ଶିକା ଅନୁପାଳନ ପ୍ରତି ଧ୍ୟାନ ଦେଇ ସ୍ଥାନାନ୍ତରଣ ଓ ରହଣୀ ବ୍ୟବସ୍ଥା ପରିଚାଳନା ନେଇ ଗୁରୁତ୍ୱାରୋପ କରାଯାଇଛି । ସମ୍ଭାବ୍ୟ ବର୍ଷା ଓ ବନ୍ୟା ଜନିତ ଜରୁରୀ ଯୋଗାଯୋଗ ପାଇଁ ତହସିଲ / ବ୍ଲକ/ ଉପଖଣ୍ଡ / ଜିଲ୍ଲା ଜରୁରୀ ପରିଚାଳନା କେନ୍ଦ୍ରରେ ୨୪ ଘଂଟିଆ ନିୟନ୍ତ୍ରଣ କକ୍ଷ ଖୋଲାଯାଇ ଦୈନ୍ୟନ୍ଦିନର ବୃଷ୍ଟିପାତ ପରିମାଣର ସ୍ଥିତି, ନଦୀର ବନ୍ୟା ଜଳସ୍ତର ସ୍ଥିତି ଏବଂ ପ୍ରଭାବିତ ବନ୍ୟାଂଚଳ ସ୍ଥିତି ଆଦି ସମ୍ପର୍କିତ ଜରୁରୀ ତଥ୍ୟ ତ୍ୱରିତ ଜଣାଇବା ନିମନ୍ତେ ପରାମର୍ଶ ଦିଆଯାଇଛି ।

# ବାରିପଦା ଆଇଟିଡିଏର କୋଭିଡ ସଚେତନତା ରଥ ପରିକ୍ରମା



ବାରିପଦା,୧୧/୦୬ (ନି.ପ୍ର): କୋଭିଡ ସଚେତନତା ପାଇଁ ବାରିପଦା ସମନ୍ୱୀତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ପ୍ରକଳ୍ପ ପ୍ରସାଶକ ବସନ୍ତ କୁମାର ସେଠୀଙ୍କ ତତ୍ୱାବଧାନରେ ପରିକ୍ରମା କରୁଥିବା ସଚେତନତା ରଥ ଜୁନ ୯ତାରିଝଖରେ ବାରିପଦା ଓ ରାସ ଗୋବିନ୍ଦପୁର ବ୍ଲକ ଅଂଚଳରେ ବିଭିନ୍ନ ଗ୍ରାମାଂଚଳ ବୁଲି ଓଡିଆ ଓ ସାନ୍ତାଳି ବାଷାରେ କୋଭିଡ ସଚେତନତାର ବାର୍ତ୍ତାକୁ ଡାକବାଜି ଯନ୍ତ୍ର ଏବଂ ପ୍ରଚାର ପତ୍ର , ବ୍ୟାନର ପୋଷ୍ଟର ମାଧ୍ୟମମରେ ଲୋକଙ୍କ ମଧ୍ୟରେ ବ୍ୟାପକ ବାବରେ ପ୍ରଚାର ପ୍ରସାର କରାଯାଇଛି । ବାରିପଦା ବ୍ଲକର ମୁନସିବନ୍ଧ, ବାଙ୍କିଶୋଳ, ବଡ ବିଲା, ତେନ୍ତୁଳି ଶୋଳ, ବଡଡାକୋଇ, ସାନ ଡାକୋଇ, ବେତନା ଏବଂ ରାସଗୋବିନ୍ଦପୁର ବ୍ଲକର ଅଙ୍ଗାରଗାଡିଆ, ରାଣିଗାଁ, ଅନ୍ଧାରୀ, ବାଛୁରିପାଳ, ଦେବଶୋଳ, ସାନ୍ତରା, ରଙ୍ଗାମାଟିଆ ଆଦି ଗ୍ରାମାଂଚଳରେ ବ୍ୟାପକ ସଚେତନତା ସୃଷ୍ଟି କରା୍ଇଥିବା ବେଳେ, ଲୋକଙ୍କୁ କୋଭିଡ ମାର୍ଗଦର୍ଶିକା ନିୟମା ବଳି ଅନୁପାଳନ ସମ୍ପର୍କରେ ବିଶେଷ କରି ମାସ୍କ ପରିଧାନ, ସାନିଟାଇଜର ବ୍ୟବହାର ଓ ସାମାଜିକ ଦୂରତା ବଜାୟ ରଖିବାକୁ ସଚେତନ କରାଯାଇଥିବା ସହିତ ଜନସାଧାରଣଙ୍କୁ ମାସ୍କ, ସାବୁନ ଓ ସାନିଟାଇଜର ବତଲ ଆଦି ପ୍ରଦାନ କରାଯାଇଅଛି । ଏହି ସଚେତନତା ଅଭିଯାନ କାର୍ଯ୍ୟକ୍ରମ ପରିଚାଳନାରେ ଆଇଟିଡିଏର ପ୍ରକଳ୍ପ ମେନେଜର ଓ କର୍ମଚାରୀ ମାନେ ସହ୍ୋଗ କରିଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo